

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୨ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 JANUARY 2021
Vol.No. 31 ■ No. 21 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସେରମ୍ ଇନଷ୍ଟିଚ୍ୟୁଟରେ ଅଗ୍ନିକାଣ୍ଡ

## କମ୍ପାନୀର ୫ଜଣ କର୍ମଚାରୀ ମୃତ



ପୁନେ,୨୧।୦୧: କୋଭିଡ୍ ଟିକା ନିର୍ମାତା କମ୍ପାନି ସେରମ୍ ଇନଷ୍ଟିଚ୍ୟୁଟରେ ଅଗ୍ନିକାଣ୍ଡ ଘଟଣା । ଭୟାବହ ଅଗ୍ନିକାଣ୍ଡରେ ୫ ଜଣ କର୍ମଚାରୀ ମୃତ । ଏବେ ବି ଚାଲିଛି ଉଦ୍ଧାର କାର୍ଯ୍ୟ । ଆଜି ଅପରାହ୍ନରେ ସେରମ୍ ଇନଷ୍ଟିଚ୍ୟୁଟର ନୂଆ ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟିଥିଲା । ଯାହାକୁ ଲିଭାଇବା ପାଇଁ ପାଖାପାଖି ୮ରୁ ୧୦ଟି ଦମକଳ ବାହିନୀ ଲାଗି ପଡିଥିଲା । ଏବେ ଏହି ଦୁର୍ଘଟଣାରେ ୫ ଜଣ କର୍ମଚାରୀ ପ୍ରାଣ ହରାଇଛନ୍ତି। ଅନ୍ୟପଟେ କମ୍ପାନିର ସିଇଓ ଆଦର ପୁନାୱାଲା ଟ୍ୱିଟ୍ କରି ଲେଖିଛନ୍ତି, ବର୍ତ୍ତମାନ କିଛି କଷ୍ଟଦାୟକ କଥା ଜାଣିବାକୁ ମିଳିଛି। ଦୁର୍ଭାଗ୍ୟବଶତଃ ଏହି ଘଟଣାରେ କିଛି ଜୀବନ ହାନି ଘଟିଛି । ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତ ପରିବାରର ସଦସ୍ୟଙ୍କୁ ସେ ସମବେଦନା ଜଣାଇଛନ୍ତି। ଏପର୍ଯ୍ୟନ୍ତ ଏହି ଘଟଣାରେ ନିଆଁ ଲାଗିବାର କାରଣ ଜଣାପଡ଼ିପାରିନାହିଁ। କରୋନାକୁ ହରାଇବା ପାଇଁ ଅକ୍ସଫୋର୍ଡ-ଆଷ୍ଟ୍ରାଜେନେକା ଦ୍ୱାରା ପ୍ରସ୍ତୁତ ହୋଇଥିବା କୋଭିସିଲ୍ଡ ଟିକାର ଉତ୍ପାଦନ କରୁଛି ସେରମ ଇନଷ୍ଟିଚ୍ୟୁଟ। ସାରା ଦେଶରେ ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ ସେରମ ଇନଷ୍ଟିଚ୍ୟୁଟ ଟିକା ବିତରଣ କରି ସାରିଛି। ପ୍ରଥମ ପର୍ଯ୍ୟାୟରେ ସେରମ ଇନଷ୍ଟିଚ୍ୟୁଟ ୧୦ ନିୟୁତ ଡୋଜ ପଠାଇଥିବା ବେଳେ ଆଗକୁ ଏହି ସଂଖ୍ୟା ବଢ଼ାଇବାର ଯୋଜନା ରଖିଛି।

## ଆଜି ତେଜପୁର ବିଶ୍ୱବିଦ୍ୟାଳୟର ୧୮ତମ ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୧।୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରେ ଆସାମସ୍ଥିତ ତେଜପୁର ବିଶ୍ୱବିଦ୍ୟାଳୟର ୧୮ ତମ ସମାବର୍ତନ ସମାରୋହକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିବେ । ଏହି ଅବସରରେ ଆସାମର ରାଜ୍ୟପାଳ ପ୍ରଫେସର ଜଗଦୀଶ ମୁଖୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଡକ୍ଟର ରମେଶ ପୋଖରିୟାଲ 'ନିଶଙ୍କ' ଏବଂ ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ମଧ ଉପସ୍ଥିତ ରହିବେ । ଏହି କାର୍ଯ୍ୟକ୍ରମରେ ୨୦୨୦ ରେ ପାସ୍ କରିଥିବା ୧୨୧୮ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଏବଂ ଡିପ୍ଲୋମା ପ୍ରମାଣ ପତ୍ର ପ୍ରଦାନ କରାଯିବ ।

▶▶ପୃଷ୍ଠା ୭

# ଆର୍ନ୍ତଜାତୀୟ ମାନର ହେବ କୋଣାର୍କ ଅଂଚଳର ଭିତ୍ତିଭୂମି



➪ ୬ ଥାକିଆ ହେବ କୋଣାର୍କ ରିଂଗ୍ ରୋଡ୍
➪ ନିର୍ମାଣ ହେବ କୋଣାର୍କ ଏଂଟ୍ରି ପ୍ଲାଜା
➪ ୨୧ ଦିନରେ ମତାମତ ଦେଇପାରିବେ ଜନସାଧାରଣ

ଭୁବନେଶ୍ୱର,୨୧।୦୧ (ନି.ପ୍ର): କୋଣାର୍କ ଅଂଚଳରେ ଭିତ୍ତିଭୂମି ବିକାଶକୁ ଆନ୍ତଜାତୀୟ ମାନର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁବାର ଏହାର ବିଭିନ୍ନ ଦିଗ ଉପରେ ରାଜ୍ୟ ପୂର୍ତ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅବଗତି ନିମନ୍ତେ ଏକ ଚିଠା ଯୋଜନା ଉପସ୍ଥାପନା କରାଯାଇଥିଲା । ଜନସାଧାରଣ ଏହି ଚିଠା ଯୋଜନା ଉପରେ konark.obcc@gmail.com ରେ ସେମାନଙ୍କ ମତାମତ ୨୧ ଦିନ ଭିତରେ ଦେଇପାରିବେ ।

▶▶ପୃଷ୍ଠା ୭

## ଅର୍କ କୁମାର ଦାସମହାପାତ୍ର ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତ

ଭୁବନେଶ୍ୱର,୨୧।୦୧ (ନି.ପ୍ର): ଓଡିଶାର ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ପ୍ରଫେସର ଅର୍କ କୁମାର ଦାସମହାପାତ୍ରଙ୍କୁ ସମ୍ବଲପୁର ଓଡ଼ିଶା ଷ୍ଟେଟ୍ ଓପନ୍ ୟୁନିଭରସିଟିର କୁଳପତି ଭାବରେ ନିଯୁକ୍ତ କରିଛନ୍ତି । ଆସନ୍ତା ୩ ବର୍ଷ ପାଇ ପ୍ରଫେସର ଦାସମହାପାତ୍ର ଏହି ଦାୟିତ୍ୱରେ ରହିବେ। ପ୍ରଫେସର ଦାସ ମହାପାତ୍ର ବର୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିଜନେସ୍ ଆଡମିନିଷ୍ଟ୍ରେସନ୍ ବିଭାଗର ପ୍ରଫେସର ଭାବରେ କାର୍ଯ୍ୟ କରୁଛନ୍ତି।

## ବିଜେପିର ଚାଷୀ ସମାବେଶ ପରେ ଚେତିଲେ ସରକାର

# ୧୫ ପ୍ୟାକ୍ସ ସମ୍ପାଦକ ନିଲମ୍ବିତ



ଭୁବନେଶ୍ୱର,୨୧।୦୧ (ନି.ପ୍ର): ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରି ବିଜେପି ପକ୍ଷରୁ ଆଜି ସମ୍ବଲପୁରରେ ଆରଡିସି ଅଫିସ ଘେରାଉ ସହ ବିଶାଳ ଚାଷୀ ସମାବେଶ ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ଧାନକିଣାରେ ଅନିୟମିତତା ଚାଲିଥିବାକୁ ସରକାର ସ୍ୱୀକାର କରିବା ସହ ପଶ୍ଚିମଓଡ଼ିଶାର ବିଭିନ୍ନ ଜିଲ୍ଲାର ୧୫ଟି ପ୍ୟାକ୍ସର ସମ୍ପାଦକଙ୍କୁ ନିଲମ୍ବନ କରିଛନ୍ତି। ଏହାସହିତ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମଧ କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି। ଖାଦ୍ୟଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ଧାନକିଣାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି ଓ କୌଣସି ଅନିୟମିତତାକୁ ପ୍ରଶୟ ଦିଆଯିବ ନାହିଁ। ଆଜି ନିଲମ୍ବିତ ହୋଇଥିବା ପ୍ୟାକ୍ସ ସମ୍ପାଦକମାନେ ହେଲେ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ନୂଆମୁରା ପ୍ୟାକ୍ସର ସମ୍ପାଦକ ରାଧାକାନ୍ତ ଭୋଇ, ଧମା ପ୍ୟାକ୍ସର ସରୋଜ କୁମାର ଦାସ, ଚାରମାଳ ପ୍ୟାକ୍ସର ଅସିତ୍ କୁମାର ପ୍ରଧାନ, ସାହାସପୁର ପ୍ୟାକ୍ସର କୃପାସିନ୍ଧୁ ସାହୁ, ସମରବାଗ ପ୍ୟାକ୍ସର ପ୍ରମୋଦ କୁମାର ଭୋଇ, ଲଖନପୁର ପ୍ୟାକ୍ସର ପ୍ରଦୀପ କୁମାର ସା। ସେହିପରି

▶▶ପୃଷ୍ଠା ୭

# ମାଟ୍ରିକ ପରୀକ୍ଷାର୍ଥୀମାନଙ୍କୁ ମାଗଣାରେ 'ପରୀକ୍ଷା ଦର୍ପଣ'



ଭୁବନେଶ୍ୱର,୨୧।୦୧ (ନି.ପ୍ର): ମାଟ୍ରିକ ପରୀକ୍ଷାର୍ଥୀମାନଙ୍କୁ 'ପରୀକ୍ଷା ଦର୍ପଣ' ନାମକ ଏକ ପୁସ୍ତିକା ମାଗଣାରେ ଦିଆଯିବ। ୭୦୦ପୃଷ୍ଠା ସମ୍ବଳିତ ଏହି ପୁସ୍ତିକାରେ ମାଟ୍ରିକ ପରୀକ୍ଷା ଲାଗି ସମ୍ଭାବ୍ୟ ପ୍ରଶ୍ନଉତର ରହିବ। ଏହି ପୁସ୍ତିକା ୬ ଲକ୍ଷ ୨୦ହଜାର ୫୦୮ଜଣ ଛାତ୍ରଛାତ୍ରୀଙ୍କୁ ଦିଆଯିବ। ମାଟ୍ରିକ ପରୀକ୍ଷାର୍ଥୀଙ୍କ ଚାପ କମାଇବାକୁ ଯୋଜନା କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଥର ପାଇଁ ରାଜ୍ୟର ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ସ୍କୁଲର ପିଲାମାନଙ୍କୁ 'ପରୀକ୍ଷା ଦର୍ପଣ' ମାଗଣାରେ ଯୋଗାଇ ଦିଆଯିବ। ଦଶମ ଶ୍ରେଣୀ ପିଲାମାନଙ୍କର ଶିକ୍ଷାକୁ ସହଜ ଓ ବୋଧଗମ୍ୟ କରିବା ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଛି ୭୦୦ ପୃଷ୍ଠା ସମ୍ବଳିତ ଏହି ପରୀକ୍ଷା ଦର୍ପଣ ପୁସ୍ତିକା। ୬୨୦, ୫୦୮ ଛାତ୍ରଛାତ୍ରୀଙ୍କୁ ବହି ଦିଆଯିବ। ଏହା ମଧ୍ୟରେ ୩୩୦୩୯ ସରକାରୀ ସ୍କୁଲ , ୨୭୦୨୬ ଆବାସିକ ଆଦିବାସୀ ସ୍କୁଲ, ୩୬୫୭୯ ଘରୋଇ ସ୍କୁଲ, ୨୪୯୩୯ ଏକ୍ସ ରେଗୁଲାର ଛାତ୍ର ଛାତ୍ରୀ ଏବଂ ୧୬୨୪ ଭୋକେସନାଲ ସ୍କୁଲକୁ ପରୀକ୍ଷାର ଯଥେଷ୍ଟ ପୂର୍ବରୁ ବହି ଯୋଗାଇଦିଆଯିବ। ୭୦ ପ୍ରତିଶତ ସିଲାବସକୁ ନେଇ ପ୍ରସ୍ତୁତ ଏହି ଟେଷ୍ଟ ପେପର୍ ପିଲାଙ୍କୁ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

▶▶ପୃଷ୍ଠା ୭

# କରୋନା ଟିକା ନେଲେ ୪୪,୮୮୦ ଜଣ

ଭୁବନେଶ୍ୱର,୨୧।୦୧ (ନି.ପ୍ର): ରାଜ୍ୟରେ ଗୁରୁବାର ଦିନ ଟାର୍ଗେଟର ୧୨୧ ପ୍ରତିଶତ ଟିକାକରଣ ହୋଇଛି। ଆଜି ମୋଟ ୪୩୬ଟି କେନ୍ଦ୍ରରେ ୪୪,୮୮୦ ଜଣଙ୍କୁ ଦିଆଯାଇଛି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଆଜି ୧୭ଟି କେନ୍ଦ୍ରରେ ସର୍ବାଧିକ ୨୮୧ ପ୍ରତିଶତ କରୋନା ଟିକାକରଣ ହୋଇଛି। ଜିଲ୍ଲାରେ ୧୩୩୫ ଜଣଙ୍କୁ ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଥିଲା କିନ୍ତୁ ୩୭୪୭ ଜଣ ଟିକା ନେଇଥିଲେ। ଅନୁଗୁଳର ୧୨ଟି କେନ୍ଦ୍ରରେ ୮୦୦ ଜଣଙ୍କୁ ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ୧୮୮୬ ଜଣଙ୍କୁ ଅର୍ଥାତ

▶▶ପୃଷ୍ଠା ୭

# ରାଜଧାନୀରେ ପାର୍କିଂ ଫି ଆଦାୟ କରିବେ କିନ୍ନର

### ଟିଜି ସ୍ୱୀକୃତିକୁ ହସ୍ତାନ୍ତର ହେଲା ସହରର ଦୁଇଟି ପ୍ରମୁଖ ପାର୍କିଂ ଲଟ୍

ଭୁବନେଶ୍ୱର,୨୧।୦୧ (ନି.ପ୍ର): ଭୁବନେଶ୍ୱରରେ ଏଣିକି ପାର୍କିଂ ଫି ଆଦାୟ କରିବେ କିନ୍ନର। ଗୁରୁବାର ଦିନ ରାଜମହଲ ଛକରୁ ମାଷ୍ଟର କ୍ୟାଂଟିନ୍ ଆଡକୁ ଯାଇଥିବା ରାସ୍ତାର ପ୍ରଥମ ବସ୍ ଷ୍ଟପ୍ ନିକଟରେ ବିଏମ୍‌ସି କମିଶନର୍ ପ୍ରେମ୍ ଚନ୍ଦ୍ର ଚୌଧୁରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମ ଅଗ୍ରଣୀ କିନ୍ନର ସଂଗଠନ ଟିଜି ସ୍ୱୀକୃତିକୁ ସହରର ଦୁଇଟି ପ୍ରମୁଖ ପାର୍କିଂ ଲଟ୍ ହସ୍ତାନ୍ତର କରାଯାଇଛି। ଶ୍ରୀଲେଦର୍ ସୋରୁମ୍‌ରୁ ଅଶୋକା ମାର୍କେଟ୍ ଯେଉଁଥିରେ ଚାରୋଟି ପାର୍କିଂ ସ୍ଥଳୀ ଅର୍ନ୍ତଭୁକ୍ତ। ସେହିପରି ଦ୍ୱିତୀୟ ପାର୍କିଂ ଲଟ୍‌ଟି ହେଲା-ମାଷ୍ଟର୍ କ୍ୟାଂଟିନ୍ ଛକଠାରୁ ଶ୍ରୀୟାଛକ ପର୍ଯ୍ୟନ୍ତ। ନିୟମିତ ପ୍ରକ୍ରିୟାରେ ଏହି କାର୍ଯ୍ୟକ୍ରମର ତଦାରଖ କରାଯିବ ବୋଲି କହିଛନ୍ତି କମିଶନର। ପ୍ରଥମ ୨ ଘଂଟା ପାଇଁ ଦୁଇ ଚକିଆ ଓ ୩ ଚକିଆ ପାଇଁ ୫ ଟଙ୍କା ଏବଂ ଚାରି ଚକିଆ ପାଇଁ ୨୦ ଟଙ୍କା ଦେବାକୁ ହେବ।

▶▶ପୃଷ୍ଠା ୭

# ବିବାଦରେ ଥିଲେ ଖଣି ମନ୍ତ୍ରୀଙ୍କ ବୋହୂ

# ଆଜି ଖୋଲିଲେ ମୁହଁ



କାମାକ୍ଷାନଗର,୨୧।୦୧ (ନି.ପ୍ର): କାମାକ୍ଷାନଗର କଲେଜରେ ହୋଇଥିବା ମହାଦୁର୍ନୀତି ନେଇ ଲୋକାୟୁକ୍ତରେ ଅଭିଯୋଗ ହେବାର ଦୁଇ ଦିନ ପରେ ଆଜି ମୁହଁ ଖୋଲିଛନ୍ତି ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବୋହୂ ଲିପ୍ସା ପ୍ରଧାନ। ସୂଚନା ଅଧିକାର କର୍ମୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିବା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରେ କରିଥିବା ପିଏଚ୍‌ଡିର ସବୁ ପ୍ରମାଣ ଦେଖାଇଛନ୍ତି। ଖଣିମନ୍ତ୍ରୀଙ୍କ ବୋହୂ ତଥା କାମାକ୍ଷାନଗର କଲେଜର ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଲିପ୍ସା ପ୍ରଧାନ କହିଛନ୍ତି, ଆର୍‌ଟିଆଇ ତଥ୍ୟକୁ ନେଇ ଯେଉଁ ରାଜନୀତି କରାଯାଉଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ମୋ ପାଖରେ ସବୁ କିଛି ରେକର୍ଡ ଅଛି।

▶▶ପୃଷ୍ଠା ୭

## ବିଜେପି ନେତାଙ୍କ ଧମକ

# ଧାନ ଉଠିଲେ ଥାନା ଛାଡ଼ିବୁ



ସମ୍ବଲପୁର,୨୧।୦୧ (ନି.ପ୍ର): ଚାଷୀଙ୍କ ସମସ୍ୟା ନେଇ ସମ୍ବଲପୁର ଆର୍‌ଡିସିଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରୁଥିବା ବିଜେପି ନେତାଙ୍କୁ ପୁଲିସ ଗିରଫ କରିଛି। ଏବେ ଏହି ପ୍ରତିଷେଧକ ମୂଳକ ଗିରଫଦାରୀ ପୁଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ଗିରଫ ହୋଇଥିବା ବରିଷ୍ଠ ବିଜେପି ନେତାମାନେ ସଦର ଥାନା ଛାଡ଼ିବେ ନାହିଁ ବୋଲି କହିଛନ୍ତି। ମଣ୍ଡିରୁ ଧାନ ନଉଠିଲା ପର୍ଯ୍ୟନ୍ତ ଥାନାରୁ ଯିବୁନାହିଁ ବୋଲି ବିଜେପି ନେତାମାନେ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଏହା ପରେ ପୁଲିସ ଚିନ୍ତାରେ ପଡ଼ି ଯାଇଛି। ସମ୍ବଲପୁର ପୁଲିସ ଆଜି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସାଂସଦ ସୁରେଶ ପୂଜାରୀ, ବିଧାୟକ ନାଉରୀ ନାଏକ, ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖଙ୍କୁ ପୁଲିସ ଗିରଫ କରିଥିଲା।

▶▶ପୃଷ୍ଠା ୭

# ଲକ୍ଷ୍ନୌ ବାଟ ଦେଇ ଓଡ଼ିଶା ଚାଷୀଙ୍କୁ ଦିଲ୍ଲୀ ଯିବାକୁ ବାରଣ

## ବାଟରେ ସଭା ସମିତି ପାଇଁ ପୋଲିସ୍‌ର ରୋକ • ଦେଶବ୍ୟାପୀ ଆଦିତ୍ୟ ଯୋଗୀଙ୍କ କୁଶ ପୁତ୍ତଳିକା ପୋଡ଼ିବା ପାଇଁ ଆହ୍ୱାନ

ଭୁବନେଶ୍ୱର,୨୧।୦୧ (ନି.ପ୍ର): ଜାନୁୟାରୀ ୧୫ରୁ ଭୁବନେଶ୍ୱରରୁ ନବ ନର୍ମାଣ କୃଷକ ସଂଗଠନର ଆହ୍ୱାନରେ ଆରମ୍ଭ ହୋଇଥିବା କିଷାନ ଦିଲ୍ଲୀଚଲୋ ଯାତ୍ରାକୁ ଉତର ପ୍ରଦେଶ ସରକାର ନାନା ପ୍ରକାର ପ୍ରତିରୋଧର ସମ୍ମୁଖୀନ କରାଇଛନ୍ତି। ପ୍ରଥମରୁ ଉତର ପ୍ରଦେଶ ସୀମାରେ ପ୍ରବେଶ କରିବା ସମୟରେ ଆପଣମାନେ ପଦଯାତ୍ରାରେ ଉତର ପ୍ରଦେଶକୁ ପ୍ରବେଶ କରିପାରିବେ ନାହିଁ ବୋଲି କହିବା ସହ ବନାରସ ଓ ଲକ୍ଷ୍ନୌ ପଥ ଦେଇ ନ ଯିବା ପାଇଁ ପ୍ରବର୍ତାଇଥିଲେ। ପରେ ବନାରସ ଦେଇ ଯିବା ପାଇଁ ପୋଲିସ ରାଜି ହୋଇଥିଲେ ମଧ ଲକ୍ଷ୍ନୌ ଦେଇ ଯିବା ପାଇଁ ବାରଣ କରିଥିଲେ। ଏହା ପରେ ଉତର ପ୍ରଦେଶର ଜଉନପୁରରୁ ପୋଲିସ୍ ଦିଲ୍ଲୀଯାତ୍ରୀଙ୍କୁ ଏକପ୍ରକାର ପୋଲିସ୍ ନଜରବନ୍ଦୀରେ ନେଲାପରେ ସବୁ ବସ୍‌ରେ ପୋଲିସ୍ କର୍ମକର୍ତା ସହ ଦିନରେ ଖାଇବା ପିଇବା ବନ୍ଦୋବସ୍ତ କରିବା କହି ଦିନ ୧୦ଟାରୁ ରାତି ପର୍ଯ୍ୟନ୍ତ ଖାଇବାକୁ ଦେଇନଥିଲେ। ଶେଷରେ କାନପୁରରେ ଏକ ସରକାରୀ କଲେଜରେ ଚାଷୀମାନଙ୍କୁ ରଖାଯାଇଥିଲେ ମଧ ଦିନ ୨ଟା ଯାଏ କାନପୁର ସହରରେ ସଭା ସମିତି କିମ୍ବା ସ୍ଲୋଗାନ ବାଜି କରିବାକୁ ଅନୁମତି ଦେଇନଥିଲା। ଏହାର ପ୍ରତିବାଦରେ ଦେଶବ୍ୟାପୀ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କର କୁଶ ପୁତଳିକା ଦାହ କରିବା ପାଇଁ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ

▶▶ପୃଷ୍ଠା ୭

# ସଂଖ୍ୟାଲଘୁ ଭାଷାଭାଷୀ ରାଜ୍ୟରେ ଓଡିଆଙ୍କୁ ଭେଟିବ ବିଧାନସଭା ସବ୍ କମିଟି

ଭୁବନେଶ୍ୱର,୨୧ା୧ (ନି.ପ୍ର): ସୀମାନ୍ଧ୍ର, ତେଲେଙ୍ଗାନା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଗୁଜୁରାଟ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ପ୍ରଭୃତି ରାଜ୍ୟରେ ବସବାସ କରୁଥିବା ଓଡ଼ିଆମାନଙ୍କ ସମସ୍ୟା ଓ ସେମାନଙ୍କର ବାସ୍ତବ ସମସ୍ୟା ସଂପର୍କରେ ସଠିକ୍ ରୂପେ ଅବଗତ ହେବା ପାଇଁ ଗଠିତ ହୋଇଥିବା ୭ଟି ସବ୍ କମିଟି ସଂପୃକ୍ତ ରାଜ୍ୟଗୁଡ଼ିକୁ ଗସ୍ତ କରିବ। ଏହି କମିଟି ସେଠାରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ଜନସାଧାରଣ ଏବଂ ଅନୁଷ୍ଠାନ ସହ ଆଲୋଚନା କରିବ। ବୁଧବାର ଦିନ ଓଡ଼ିଶା ପ୍ରଦେଶର ଉପାନ୍ତ ଅଂଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ସମସ୍ୟା ଅନୁଧ୍ୟାନ ତଥା ତାହାର ପ୍ରତିକାର ପାଇଁ ସୁପାରିଶ କରିବାକୁ ଗଠିତ ସଂଖ୍ୟାଲଘୁ ଭାଷାଭାଷୀ ଗୃହକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭା ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି କଳାକୁ ଓଡ଼ିଆମାନେ ବସବାସ କରୁଥିବା ରାଜ୍ୟରେ ପ୍ରଚାର ଓ ପ୍ରସାର କରିବା ପାଇଁ ନିଷ୍ପତି ହୋଇଥିଲା । ଉପାନ୍ତ ମଞ୍ଜୁଷା, ଟିକିଲି ଆଦି ଅଂଚଳରେ ଓଡ଼ିଆ ଭାଷା ଶିକ୍ଷା ଅବହେଳିତ ହେଉଥିବା ଦର୍ଶାଇ ବିଧାୟିକା ଉଷାଦେବୀ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଅବିଳମ୍ବେ ଗଣଶିକ୍ଷା ବିଭାଗ ତରଫରୁ ତୁରନ୍ତ ଏଠାରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରିଥିଲେ। ଓଡ଼ିଆମାନେ ବସବାସ କରୁଥିବା ରାଜ୍ୟଗୁଡ଼ିକରେ ଆମର କଳା, ସ୍ଥାପତ୍ୟ, ଜୀବନଶୈଳୀର ଝଲକ ପ୍ରଦର୍ଶନ କରିବା ପାଇଁ ଓଡ଼ିଶା ମହୋତ୍ସବ ଆୟୋଜନ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବିଧାୟକ ବିଷ୍ଣୁ ଚରଣ ସେଠୀ ପ୍ରସ୍ତାବ ରଖିଥିଲେ । ମେଦିନୀପୁରର ଚବିଶ ପ୍ରାଗଣା ଏବଂ କଲିକତା ଭଳି ଓଡ଼ିଆ ଭାଷାଭାଷୀ ଅଂଚଳରେ ଓଡ଼ିଆମାନଙ୍କର ଶିକ୍ଷା, ସଂସ୍କୃତି, ଭାଷାଭିତିକ ସମସ୍ୟାର ଆଶୁ ସମାଧାନ ପାଇଁ ବିଧାୟକ ଅନନ୍ତ ଦାସ ପ୍ରସ୍ତାବ ଦେଇଥିଲେ । ସଂପୃକ୍ତ ସୀମାନ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଏ ସଂକ୍ରାନ୍ତରେ ଏକ ପ୍ରଶ୍ନାବଳୀ ପ୍ରେରଣ କରିବାକୁ ଏବଂ ଜିଲ୍ଲାପାଳମାନେ ଗୃହକମିଟି ନିକଟରେ ଉପସ୍ଥିତ ହୋଇ ତାହାର ଜବାବ ରଖିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ। ସୀମାନ୍ଧ୍ର ପାଇଁ ଗଠିତ ସବ୍‌କମିଟିର ଅଧ୍ୟକ୍ଷ ରୂପେ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ତେଲେଙ୍ଗାନା ପାଇଁ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଛତିଶଗଡ଼ ପାଇଁ ବିଧାୟକ ଅମର ପ୍ରସାଦ ଶତପଥୀ, ଝାଡଖଣ୍ଡ ପାଇଁ ଗ୍ରାମ୍ୟ ଉନ୍ନୟନ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ, ପଶ୍ଚିମବଙ୍ଗ ପାଇଁ ବିଧାୟକ ଅନନ୍ତ ଦାସ, ଗୁଜୁରାଟ ଓ ମହାରାଷ୍ଟ୍ର ପାଇଁ ଉପବାଚସ୍ପତି ରଜନୀକାନ୍ତ ସିଂ, କର୍ଣ୍ଣାଟକ ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଅଧ୍ୟକ୍ଷ ରୂପେ ରହି ସଂପୃକ୍ତ ରାଜ୍ୟର ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ସମସ୍ୟା ଅନୁଧ୍ୟାନ କରିବେ । ଉକ୍ତ ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପମୁଖ୍ୟ ବିଷ୍ଣୁ ଚରଣ ସେଠୀ, ବିଧାୟକ ଅନନ୍ତ ଦାସ, ଅଶ୍ୱିନୀ କୁମାର ପାତ୍ର, ଉଷାଦେବୀ, ରାଜେନ୍ଦ୍ର ଢୋଲକିଆ, ଭାସ୍କର ମଢ଼େଇ, ବାସନ୍ତୀ ହେମ୍ବ୍ରମ୍ ଏବଂ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ ।

# ଅଞ୍ଜିରା ଓ ପୁରୁଣ ଶାସନ ବିଦ୍ୟାଳୟ ବନ୍ଦ ନିଷ୍ପତି ବିରୁଦ୍ଧରେ ବିକ୍ଷୋଭ

ଭୁବନେଶ୍ୱର,୨୧ା୧ (ନି.ପ୍ର): ବାଲିଅନ୍ତା ବ୍ଲକର ଅଞ୍ଜିରା ଓ ପୁରଣଶାସନ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ତଥା ରାଜ୍ୟ ୧୪,୩୭୯ ସରକାରୀ ବିଦ୍ୟାଳୟ ବନ୍ଦ ହେବା ବିରୁଦ୍ଧରେ ବିଦ୍ୟାଳୟ ସୁରକ୍ଷା କମିଟି ଓ ଏ.ଆଇ.ଡ଼ି.ଏସ୍.ଓ. ଭୁବନେଶ୍ୱର ସିଟି କମିଟି ତରଫରୁ ବାଲକାଟି ବି.ଇ.ଓ. ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଞ୍ଜିରା ଓ ପୁରଣଶାସନ ସରକାରୀ ସ୍କୁଲ୍‌ରେ ଶତାଧିକ ପରିବାର ସେମାନଙ୍କ ସନ୍ତାନସନ୍ତତିଙ୍କ ଶିକ୍ଷା ପାଇଁ ନିର୍ଭର କରିଥାନ୍ତି। ସାଧାରଣ ଗରିବ ଶ୍ରେଣୀର ଲୋକମାନେ ଆର୍ଥିକ ଅଭାବ ପାଇଁ ଦୂରଦୂରାନ୍ତରଙ୍କୁ ପିଲାଙ୍କୁ ପଠାଇ ପାରନ୍ତି ନାହିଁ। ଏହାଛଡ଼ା ଗମନାଗମନ ତଥା ଅନ୍ୟାନ୍ୟ ପ୍ରାକୃତିକ କାରଣ ପାଇଁ ଦୂରକୁ ପଢିବାକୁ ଯିବାକୁ ଛାତ୍ରଛାତ୍ରୀମାନେ ନିରାପଦ ମନେ କରୁନାହାଁନ୍ତି। ଅଧିକ ସଂଖ୍ୟକ ସ୍କୁଲ୍ ନିର୍ମାଣ ପାଇଁ ରାଜ୍ୟରେ ଦାବି ହେଉଥିବା ବେଳେ ସ୍କୁଲ୍ ବନ୍ଦ ନିଷ୍ପତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତୁରନ୍ତ ସରକାର ଏହି ନିଷ୍ପତିରୁ କ୍ଷାନ୍ତ ହେବା ପାଇଁ ଏ.ଆଇ.ଡ଼ି.ଏସ୍.ଓ. ଏବଂ ବିଦ୍ୟାଳୟ ସୁରକ୍ଷା କମିଟି ତରଫରୁ ଦାବି କରାଯାଇଛି। ଆଜିର ଏହି ବିକ୍ଷୋଭରେ ଶତାଧିକ ଛାତ୍ରଛାତ୍ରୀ, ଅଭିଭାବକ ଯୋଗ ଦେଇଥିଲେ। ବିକ୍ଷୋଭସ୍ଥଳରେ ବାଲିଅନ୍ତା ବ୍ଲକ ବି.ଓ.ଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା ଏବଂ ଏହି ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରାନଗଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ବିଦ୍ୟାଳୟ ସୁରକ୍ଷା କମିଟି ଏବଂ ଏ.ଆଇ.ଡ଼ି.ଏସ୍.ଓ. ତରଫରୁ ଚେତାବନୀ ଦିଆଯାଇଛି।

# ୨ ଦିନ ଆଂଶିକ ବାତିଲ ରହିବ କୋଣାର୍କ ଏକ୍ସପ୍ରେସ

ଭୁବନେଶ୍ୱର,୨୧ା୧ (ନି.ପ୍ର): ଆସନ୍ତା ୨୨ ଓ ୨୩ ଜାନୁଆରୀ (ଶୁକ୍ରବାର ଏବଂ ଶନିବାର) ଦିନ ଭୁବନେଶ୍ୱରରୁ ଛାଡିବାକୁ ଥିବା ୦୧୦୨୦ ଭୁବନେଶ୍ୱର-ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ କୋଣାର୍କ ବିଶେଷ ଟ୍ରେନ ଭୁବନେଶ୍ୱରରୁ କଲ୍ୟାଣ ଷ୍ଟେସନ୍ ପର୍ଯ୍ୟନ୍ତ ଚାଲିବ ଏବଂ କଲ୍ୟାଣ ଷ୍ଟେସନ ଠାରୁ ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ ମଧ୍ୟରେ ବାତିଲ ରହିବ ଓ କେନ୍ଦ୍ରୀୟ ରେଳପଥ ମୁମ୍ବାଇ ରେଳମଣ୍ଡଳ ଅନ୍ତର୍ଗତ ଥାନେ ଏବଂ ମୁଲୁଣ୍ଡ ଷ୍ଟେସନ୍ ମଧ୍ୟରେ କୋପାରୀ ରୋଡ୍ ଓଭର ବ୍ରିଜ୍ (ଜଡଈ) ରେ ଗାର୍ଡର୍ ସ୍ଥାପନ ସହିତ ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ କୋଣାର୍କ ବିଶେଷ ଟ୍ରେନ କୁ କଲ୍ୟାଣ ଷ୍ଟେସନ ଠାରୁ ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ ମଧ୍ୟରେ ଆଂଶିକ ବାତିଲ କରାଯାଇଅଛି । ପୂର୍ବତଟ ରେଳବାଇ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

# ପାରାଦୀପରେ କାଉ ମଡକ : ବାର୍ଡ ଫ୍ଲୁ ଆଶଂକା

ପାରଦୀପ,୨୧ା୧ (ନି.ପ୍ର): ବିଗତ ଦୁଇ ରୁ ତିନିଦିନ ହେବ ପାରାଦୀପ ସହର ର ବିଭିନ୍ନ ସ୍ଥାନ ରେ କାଉମାନେ ମରି ପଡିଥିବା ଦେଖିବାକୁ ମିଳିଛି । ସହର ର ବଡପଡିଆ, ନୂଆବଜାର, ମଧୁବନ ଆଦି ଅଂଚଳ ରେ ଏହି କାଉମାନଙ୍କ ମୃତ ଦେହ ବିକ୍ଷିପ୍ତ ଭାବେ ପଡିଥିବା ଦେଖିବାକୁ ମିଳୁଛି । ଏହି କାଉ ମଡକ ଦେଖି ସାଧାରଣ ଲୋକଙ୍କ ମନ ରେ ବାଡ୍ ଫ୍ଲୁ ର ଆଶଙ୍କା ହେଖାଗଲାଣି । ପାରାଦୀପ ର ପ୍ରାଣୀଧନ ବିଭାଗ ର ଡାକ୍ତର ବାଡ୍ ଫ୍ଲୁ କଥା କୁ ଏଡାଇ ଦେଇଛନ୍ତି । କିଛି ଦିନ ପୂର୍ବ ରୁ ପାରାଦୀପ ର କିଛି ସ୍ଥାନ ରୁ ମଳ ସଂଗ୍ରହ ହୋଇଥିବା ସେ କହିଛନ୍ତି ହେଲେ ଏଥିରେ ବାଡ୍ ଫ୍ଲୁ ର ସୂଚନା ନ ଥିବା ସେ କହିଛନ୍ତି । ପାରାଦୀପ ରେ କାଉ ମଡକକୁ ନେଇ ସାଧାରଣରେ ଆତଙ୍କ ଦେଲାଣି । ରାସ୍ତା ଉପରେ, ରାସ୍ତା କଡ ରେ କାଉ ମରି ପଡୁଥିବା ଦେଖି ଲୋକମାନେ ଭୟଭୀତ ହୋଇପଡିଲେଣି । ସ୍ଥାନେ ସ୍ଥାନେ କୁକୁର ଏହି ମଲା କାଉ ମାନଙ୍କୁ ଖାଉଥିବା ର ଦେଖିବାକୁ ମିଳିଛି ।ପାରାଦୀପ ର ବିଭିନ୍ନ ସ୍ଥାନ ରେ ବିକ୍ରି ହେଉଥିବା କୁକୁଡା ର ନମୁନା ପରୀକ୍ଷା କରାଗଲେ ବାଡ୍ ଫ୍ଲୁ ସଂପର୍କିତ ସଠିକ୍ ତଥ୍ୟ ଜଣାପଡନ୍ତା ବୋଲି ସହରରେ ଆଲୋଚନା ହେଉଛି ।



# ତ୍ରିଲୋଚନପୁରରେ ଧାନମଣ୍ଡି ଖୋଲିଲା

## ପ୍ରଥମ ଦିନରେ ଜଣେ ଚାଷୀଙ୍କଠାରୁ ୫୦ କ୍ୱିଂଟାଲ ଧାନକ୍ରୟ

କଣାସ,୨୧ା୧ (ନି.ପ୍ର): ରାଜ୍ୟ ସରକାର ଚାଷୀମାନଙ୍କ ଠାରୁ ଉଚିତ୍ ଦରରେ ଧାନ କିଣିବା ପାଇଁ ବହୁ ଆଇନ୍ କଟକଣା କରିଥିଲେ ମଧ୍ୟ ଚାଷୀମାନେ ଏହାର ସୁଫଳ ପାଉ ନ ଥିବାରୁ ଆନ୍ଧ୍ର ବେପାରୀମାନଙ୍କୁ ଶାଗମାଛ ଦରରେ ଧାନବିକ୍ରୟ କରି ବ୍ୟାଙ୍କ ଓ ସମବାୟ ସମିତିରୁ ଆଣିଥିବା କରଜ ଟଙ୍କା ସୁଝୁଛନ୍ତି । ଏପରି ସ୍ଥିତିରେ ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମପଚାଂୟତର ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତ ତ୍ରିଲୋଚନପୁର ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲିବା ସହିତ ଟୋକନ ପଇନଥିବାରୁ ମାତ୍ର ଜଣେ ଚାଷୀଠାରୁ ୫୦ କ୍ୱିଂଟାଲ ଧାନ ଗତକାଲି ପ୍ରଥମ ଦିନରେ କ୍ରୟ କରାଯାଇଛି । ଖବର ନେବାରେ ଜଣାପଡିଛି, ତ୍ରିଲୋଚନପୁର ସେବା ସମବାୟ ସମିତିରେ ୨୩୨ ଜଣ ଚାଷୀ ଅନଲାଇନରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକରଣ କରିଥିଲେ । ସେଥି ମଧ୍ୟରୁ ଦୁଇଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ଟୋକନ୍ ପାଇଥିବା ବେଳେ ମାତ୍ର ଜଣେ ଚାଷୀ ଧାନ ବିକ୍ରୟ କରିଥିଲେ । ସମବାୟ ସମିତିର ପୂର୍ବତନ ସଭାପତି ସର୍ବେଶ୍ୱର ଦାସ ଧାନମଣ୍ଡି ଉଦଘାଟନ କରିଥିବା ବେଳେ ପୂର୍ବତନ ଡାଇରେକ୍ଟର ବସନ୍ତ ଆଚାର୍ଯ୍ୟ, ସମିତି ସମ୍ପାଦକ ବୈଦ୍ୟନାଥ ମହାପାତ୍ର, ଗୋପାଳ ରାଇସି ମିଲ୍ ର କର୍ମଚାରୀ, ଚନ୍ଦନ ସିଂ, ଗିରିଜା ତ୍ରିପାଠୀ, ପ୍ରଫୁଲ ତ୍ରିପାଠୀ, ଦିଲ୍ଲୀପ ଦାସ, ନନ୍ଦକିଶୋର ଆଚାର୍ଯ୍ୟ, ବସନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ସନ୍ତ୍ରାସବାଦ ରୋକିବାକୁ ମିଳିତ ଭାବେ କାମ କରିବେ ପୋଲିସ୍ - ବିଏସଏଫ୍

ଭୁବନେଶ୍ୱର,୨୧ା୧ (ନି.ପ୍ର): ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକ ରାକେଶ ଆସ୍ଥାନା ଓଡିଶା ଗସ୍ତ ଅବସରରେ ବୁଧବାର ଭୁବନେଶ୍ୱର ଠାରେ ବାମପନ୍ଥୀ ସନ୍ତ୍ରାସବାଦ ଉପରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଓଡିଶା ପୋଲିସ୍ ଡିଜି ଶ୍ରୀ ଅଭୟ, ବିଏସଏଫ୍ ଅତିରିକ୍ତ ମହାନିର୍ଦ୍ଦେଶକ (ଅପରେସନ୍) , ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଏବଂ ରାଜ୍ୟ ପୋଲିସ୍ ଓ ବିଏସ୍‌ଏଫ୍। ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ରାଜ୍ୟରେ ବର୍ତମାନ ବାମପନ୍ଥୀ ସନ୍ତ୍ରାସବାଦ ସ୍ଥିତି , ବିଏସଏଫ୍ କମ୍ପାନୀ କାର୍ଯ୍ୟ କରୁଥିବା ଅଂଚରେ ପରିସ୍ଥିତି , ନକ୍ସଲ ଉପଦ୍ରବକୁ ରୋକିବାକୁ ନିଆଯାଇଥିବା କାର୍ଯ୍ୟକ୍ରମର ଅଗ୍ରଗତି, ମାଓଦମନ ପାଇଁ ନିଆଯାଉଥିବା ରଣକୌଶଳ, ରାଜ୍ୟ ପୋଲିସ୍ ଓ ବିଏସଏଫ୍ ମଧ୍ୟରେ ଉତମ ସମନ୍ୱୟ ରକ୍ଷେ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲ। ରାଜ୍ୟ ପୋଲିସ୍ ଓ ସୀମା ସୁରକ୍ଷାବଳ ଉଭୟ ମିଳିତ ଭାବେ ରାଜ୍ୟରେ ବାମପନ୍ଥୀ ସନ୍ତ୍ରାସବାଦକୁ ପ୍ରତିହତ କରିବାକୁ ଦୃଢତାର ସହ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଥିଲେ।

# ଉଠାଦୋକାନୀମାନଙ୍କ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଥଇଥାନ କରାଯିବ : ମନ୍ତ୍ରୀ

ଭୁବନେଶ୍ୱର,୨୧ା୧ (ନି.ପ୍ର): ଜାତୀୟ ଉଠାଦୋକାନୀ ଦିବସ ଉପଲକ୍ଷେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟ ତରଫରୁ ରାଜ୍ୟସ୍ତରୀୟ ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ରାଜମହଲ ଛକରୁ ଉଠାଦୋକାନୀମାନଙ୍କର ଏକ ବିରାଟ ଶୋଭାଯାତ୍ରାରେ ବାହାରି ୟୁନିଟ୍-୧୦ାରେ ପହଂଚିଥିଲା। ସେଠାରେ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ ଯେ, ଉଠାଦୋକାନୀମାନଙ୍କ ସମସ୍ୟା ଉପରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇ ସେମାନଙ୍କ ସବୁ ସମସ୍ୟାର ସମାଧାନ କରାଯିବ। ମୁଖ୍ୟବକ୍ତା ଭାବରେ ସାସଂଦ ସୁବାସ ସିଂ ଯୋଗଦେଇ କହିଲେ ଯେ ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରାଯିବା ପାଇଁ ରାଜ୍ୟ ସରକାର ଚେଷ୍ଟା କରିବେ। ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ଖୁବ୍ ଶୀଘ୍ର ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟ୍ରଷ୍ଟର ଉପଦେଷ୍ଟା ତଥା ବିଧାୟକ ଅନନ୍ତ ନାରାୟଣ ଜେନା କହିଲେ ଯେ,ଭାରତ ସମେତ ସାରା ବିଶ୍ୱରୁ ବିଭିନ୍ନ ବ୍ୟକ୍ତିବିଶେଷ ଆସି ଏହି ଭେଣ୍ଡିଂଜୋନକୁ ଦେଖି ପ୍ରଶଂସା କରିଛନ୍ତି ଏବଂ ତାଙ୍କ ଦେଶରେ ଭେଣ୍ଡିଂଜୋନ ପ୍ରତିଷ୍ଠା ମଧ୍ୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର , ଶ୍ରମିକନେତା ସନାତନ ବେହେରା, ପୂର୍ବତନ କର୍ପୋରେଟର ରାଜକିଶୋର ସାହୁ, ରାମଚନ୍ଦ୍ର ପ୍ରଧାନ, ନବକିଶୋର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ରାଜାରାଣୀ ସଙ୍ଗୀତ ମହୋତ୍ସବ ଉଦ୍‌ଯାପିତ

## ଓଡ଼ିଶୀ ମର୍ଦ୍ଦଳ ଓ ତାଳବାଦ୍ୟର ଅପୂର୍ବ ଛନ୍ଦ ସହିତ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତର ଯାଦୁକରୀ ମୁର୍ଚ୍ଛନା

ଭୁବନେଶ୍ୱର,୨୧ା୧ (ନି.ପ୍ର): ରାଜାରାଣୀ ସଙ୍ଗୀତ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଂଧ୍ୟାରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ରାଗ ରାଗିଣୀର ହୃଦୟସ୍ପର୍ଶୀ ପରିବେଷଣ ସହିତ ଉତ୍ସବସ୍ଥଳର ଚମତ୍କାର ସାଜସଜା ଏବଂ ୧୧ଶ ଶତାବ୍ଦୀ ନିର୍ମିତ ରାଜାରାଣୀ ମନ୍ଦିରର ଅପୂର୍ବ କଳା ସ୍ଥାପତ୍ୟ ଏବଂ ସଙ୍ଗୀତମୟ ତଥା ମନୋମୁଗ୍ଧକର ପରିବେଶ ସୃଷ୍ଟି କରିପାରିଥିଲା। ଅନ୍ତିମ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ମର୍ଦ୍ଦଳ ବାଦନ । ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ପାରମ୍ପାରିକ ବାଦନରେ ବ୍ୟବହୃତ ଖଣ୍ଡି, ଗଡ଼ି, ଅରସା, ମାନ ଭଉଁରୀମାନ, ଚକାମାନ, ଜମାଣ ସହିତ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କ ଛନ୍ଦ ପ୍ରକରଣ ଓ ବିଭିନ୍ନ ଲୟକାରୀ ଶ୍ରୋତାମାନଙ୍କୁ ଏକ ସୁନ୍ଦର ନିଆରା ଅନୁଭୂତି ଦେଉଥିଲା ଯାହାକୁ ସଙ୍ଗୀତ ପ୍ରେମୀ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ସେମାନଙ୍କର ପ୍ରସ୍ତୁତିରେ ଥିଲା ଆଦିତାଳ । ତାଙ୍କ ସହିତ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ ବୃନ୍ଦନାଥ ସ୍ୱାଇଁ, ଦିବାକର ପରିଡ଼ା, ରାମଚନ୍ଦ୍ର ବେହେରା, ଅନୁପ ଦାସ, ମୁରଲିଧର ସ୍ୱାଇଁ, ହାରମୋନିୟମ ରେ ଗୁରୁ କୁଳମଣି ଏବଂ ବଂଶୀରେ ଶ୍ରୀନିବାସ ଶତପଥୀ । ଗୁରୁ ସଚ୍ଚିଦାନନ୍ଦ ଦାସଙ୍କର ଚମତ୍କାର ମର୍ଦ୍ଦଳ ବାଦନ ବିଶେଷ ଆକର୍ଷଣ ଥିଲା । ପରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ଶିଳ୍ପୀ ପଣ୍ଡିତ ଏମ୍ ଭେଙ୍କଟେଶ୍ କୁମାର ରାଗ କଲ୍ୟାଣରେ ବିଲମ୍ବିତ ପରେ ପରେ ରାଗ ଦୁର୍ଗା ମଧ୍ୟଲୟ, ଠୁମରୀ, ବନ୍ଦୀସ ପରିବେଷଣ କରିଥିଲେ। ପରେ ସେ ଦର୍ଶକଙ୍କ ଅନୁରୋଧ କ୍ରମେ କେତେଗୋଟି ଭଜନ ପରିବେଷଣ କରିଥିଲେ । ତାଙ୍କୁ ସହଯୋଗ କରିଥିଲେ ତବଲାରେ କେଶବ ଜୋସୀ ଏବଂ ହାରମୋନିୟମରେ ଶତିସ୍ କୋଲୀ । ନିଖୁଣ ଓ ସୁନ୍ଦର ରାଗ ବିସ୍ତାର, ତାନ ଓ ସରଗମ୍ ର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ସୁଲଳିତ କଣ୍ଠରେ ବିଭିନ୍ନ କଳାକୌଶଳ ପ୍ରୟୋଗ ଇତ୍ୟାଦି ଦ୍ୱାରା ସେ ଉପସ୍ଥିତ ବିଦଗ୍ଧ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ; ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଓ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ଡ଼. ରତିକାନ୍ତ ପଟ୍ଟନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର । ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ, ଉପ ସଚିବ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଅଧିକାରୀ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବଡଚଣା ମୂର୍ତ୍ତି ଚୋରି ମାମଲା : ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ଏସପିଙ୍କୁ ଦାବିପତ୍ର

ପାଣିକୋଇଲି,୨୧ା୧ (ନି.ପ୍ର): ବଡଚଣା ବ୍ଲକ ଅନ୍ତର୍ଗତ ଦର୍ପଣୀ ଗଡ ମୂର୍ତି ଚୋରି ଘଟଣାରେ ଅବଧି ତଦନ୍ତରେ କୌଣସି ଅଗ୍ରଗତି ନହେବା ଯୋଗୁ ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାଦ କରାଯାଇଛି । ପ୍ରକାଶଯେ ଏକ ସପ୍ତାହ ପୂର୍ବରୁ ବଡଚଣା ବ୍ଲକ ଅନ୍ତର୍ଗତ ଦର୍ପଣୀ ଗଡ ମା କ୍ରୋଟାକ୍ଷୀଙ୍କୁ କେହି ଦୃବୃର୍ତ୍ତ ଚୋରି କରି ନେଇଛନ୍ତି । ଧାର୍ଯ୍ୟ ସମୟ ଅତିବାହିତ ହେବାରୁ ମାଙ୍କ ଶ୍ରୀ ଅଙ୍ଗ ସୁରକ୍ଷା ଚିନ୍ତା ସମସ୍ତଙ୍କୁ ଘାରିଛି । ତତ୍‌କାଳୀନ ମାତାଙ୍କ ମୂର୍ତି ମନ୍ଦିରରେ ସ୍ଥାପନା କରିବା ସହିତ ଦୋଷିଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ନିମନ୍ତେ ଦାବି କରୁଛୁ । ଯଦି ଅଗାମୀ ଦିନ ବା ୫ ଦିନ ମଧ୍ୟରେ ପୁଲିସ ପ୍ରଶାସନ କାଳକ୍ଷେପଣ ନିତୀ ବା ଅସଫଳ ହୁଅନ୍ତି ସମଗ୍ର ରାଜ୍ୟରେ ଅଭିନବ ପ୍ରତିବାଦ କରାଯିବା ସହ ଶ୍ରୀ ମନ୍ଦିର ସିଂହଦ୍ୱାର ଠାରୁ ଆରମ୍ଭ କରି ନବୀନ ନିବାସ ଘୋରାଉ ପର୍ଯ୍ୟନ୍ତ ପଦକ୍ଷେପ ଗ୍ରହଣ କରାଯିବା ସହିତ ସମଗ୍ର ଗ୍ରାମବାସୀଙ୍କ ସହିତ ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ଜରିଆରେ ଆଗକୁ କାର୍ଯ୍ୟକ୍ରମ କରିବା ସହିତ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେତାବନୀ ଦିଆଯାଇଛି ।

# ପୂର୍ବତଟ ରେଳପଥ ୱାଲ୍ ମାଗାଜିନ 'ଅତସୀ କୁସୁମ ଲୋକାର୍ପିତ

ଭୁବନେଶ୍ୱର,୨୧ା୧ (ନି.ପ୍ର): ପୂର୍ବତଟ ରେଳପଥ ୱାଲ୍ ମାଗାଜିନ 'ଅତସୀ କୁସୁମ' - ପୂର୍ବତଟ ରେଳପଥର ପ୍ରମୁଖ ସଂରକ୍ଷଓ ଅଧିକାରୀ ଶ୍ରୀ ଶୈଳେନ୍ଦ୍ର କପିଳଙ୍କ ଦ୍ୱାରା ୱାଲ୍ ମାଗାଜିନ 'ଅତସୀ କୁସୁମ'ର ନୂତନ ବର୍ଷର ବିଶେଷ ସଂସ୍କରଣ ଉନ୍ମୋଚିତ ହୋଇଛି। ସାହିତ୍ୟ ଏବଂ କଳା କ୍ଷେତ୍ରରେ କର୍ମଚାରୀ ତଥା ସେମାନଙ୍କ ପିଲାମାନଙ୍କର ଅନ୍ତର୍ନିହିତ ଗୁଣ ଏବଂ ସୃଜନଶୀଳ ପ୍ରତିଭାକୁ ପରିପ୍ରକାଶ କରିବାକୁ ରେଳପଥର ୱାଲ୍ ମାଗାଜିନ ଏକ ମାର୍ଗ ସୃଷ୍ଟି କରିଛି ।

# ମହାକାଳପଡା ୟୁଥ୍ ଗ୍ରୁପ୍ ଆନୁକୂଲ୍ୟରେ ଅସହାୟଙ୍କୁ କମ୍ବଳ ବଣ୍ଟନ

କେନ୍ଦ୍ରାପଡା,୨୧ା୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ୟୁଥ୍ ଗ୍ରୁପ୍ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ପଂଚାୟତରେ ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ବ୍ଲକର ବିଜୟନଗର ହାଟ ଠାରୁ କଂସାର ବଡଦାଣ୍ଡିଆ ପର୍ଯ୍ୟନ୍ତ ଅନେକ ଗରିବ ଲୋକମାନଙ୍କୁ କମ୍ବଳ ବାଣ୍ଟିବା ସହ ସେମାନଙ୍କର ବିଭିନ୍ନ ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବି ଶାନ୍ତି ସ୍ୱରୂପ ଭୂୟାଁ, ୟୁଥ୍ ଗ୍ରୁପ୍‌ର ସଭାପତି ସୁନିଲ ଗନ୍ତାୟତ, ସଂପାଦକ ପ୍ରତାପ ତ୍ରିପାଠୀ, ସୁନୁ ପ୍ରଧାନ, ପରମାନନ୍ଦ ସ୍ୱାଇଁ, ମମତା ପଢିଆରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାନବିନ୍ଧଣ ଗ୍ରାମରେ ଆଶା ଦିଦି ପଦବୀ ନିଯୁକ୍ତିକୁ ନେଇ ଉତ୍ତେଜନା

କଣାସ, ୨୦ ଜାନୁଆରୀ (ହି.ସ.)- ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବିନ୍ଧଣ ଗ୍ରାମପଚାଂୟତର ସାନବିନ୍ଧଣ ଓ ପୁରୋହିତପୁରରେ ଆଶା ଦିଦି ନିଯୁକ୍ତିକୁ ନେଇ ଗ୍ରାମବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ନିଯୁକ୍ତି ପାଇଥିବା ଆଶା ଦିଦିଙ୍କୁ ଏଠାରୁ ନବଦଳାଇଲେ ଦୁଇ ଗ୍ରାମବାସୀ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଆସନ୍ତା ୨୨ ତାରିଖ ଦିନ ଧାରଣା ଦେବେ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ, ପୁରୀ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀଙ୍କୁ ଏକ ଦାବିପତ୍ର ଗତ ୧୪ ତାରିଖ ଦିନ ପ୍ରଦାନ କରିଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି, ଗତ ଡିସେମ୍ବର ମାସ ୨୩ ତାରିଖ ଦିନ ସାନବିନ୍ଧଣ ଗ୍ରାମରେ ଆଶା ଦିଦି ନିଯୁକ୍ତି ପାଇଁ ଏକ ବୈଠକ ଡାକିଥିଲେ । ଏହି ବୈଠକରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଗ୍ରାମ୍ୟ ୱାର୍ଡମେମ୍ବର, ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନେ ଯୋଗଦେଇଥିଲେ । ଶ୍ରୀମତୀ ମାମାଲି ରାଉତରାୟ, ସୁଧାରାଣୀ ମିଶ୍ର, ସସ୍ମିତା ମିଶ୍ର ଆଶାକର୍ମୀ ଭାବେ ରହିବା ପାଇଁ ଫର୍ମ ପୁରଣ କରି ବୈଠକରେ ଜମା କରିଥିଲେ । ସରକାରୀ ନୀୟମ ଅନୁଯାୟୀ ମାମାଲି ରାଉତରାୟ ବୟସ ହୋଇ ନ ଥିବାରୁ ସେ କଟିଯାଇଥିବା ବେଳେ ସୁଧାରାଣୀ ମିଶ୍ର ଅବିବାହିତା ଥିବା ଦର୍ଶାଇ ତାଙ୍କୁ ଉପସ୍ଥିତ ଥିବା ନିଯୁକ୍ତି ଦାତାମାନେ କାଟିଦେଇଥିଲେ । ସସ୍ମିତା ମିଶ୍ରଙ୍କୁ ଆଶା ଦିଦି ପାଇଁ ମନୋନିତ କରାଯାଇଥିଲା । ସସ୍ମିତାଙ୍କୁ ନିଯୁକ୍ତି ଦିଆଯାଇଥିବା ଖବର ପାଇ ସାନବିନ୍ଧଣ ଗ୍ରାମର ସମସ୍ତ ଗ୍ରାମବାସୀ ବୈଠକରେ ପହଂଚି ସସ୍ମିତାଙ୍କୁ ଆଶାକର୍ମୀ ପଦବୀରେ ନିଯୁକ୍ତି ନ ଦେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିବେଦନ କରିଥିଲେ । ତାହା ସତ୍ୱେ ଗ୍ରାମବାସୀମାନଙ୍କ କଥା ଉପସ୍ଥିତ କର୍ମଚାରୀମାନେ ସସ୍ମିତା ମିଶ୍ରଙ୍କ ନାମ ଆଶା ଦିଦି ନିଯୁକ୍ତି ହେଲେ ବୋଲି ଘୋଷଣା କରିଥିଲେ । ଗତ ଡିସେମ୍ବର ୨୪ ତାରିଖ ଦିନ ସାନବିନ୍ଧଣ ଗ୍ରାମବାସୀମାନେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ସାକ୍ଷାତ୍ କରି ସସ୍ମିତା ମିଶ୍ରଙ୍କୁ ନ ରଖିବା ପାଇଁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ।

# ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା-୨୦୨୧ ଉଦ୍‌ଘାଟିତ

## ୧୩୪ଟି ଷ୍ଟଲରେ ପ୍ରଦର୍ଶନ ଓ ବିକ୍ରୟ ହେବ ରାଜ୍ୟ ଓ ରାଜ୍ୟ ବାହାରର ହସ୍ତତନ୍ତ ବସ୍ତ୍ର

ଭୁବନେଶ୍ୱର,୨୧ା୧ (ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ବିଂଶତମ 'ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା' ଉଦଘାଟନ କରିଛନ୍ତି । ଏହି ମେଳାରେ ୧୩୪ଟି ଷ୍ଟଲ ଖୋଲାଯାଇଛି । ଏଥି ମଧ୍ୟରୁ ୮୪ଟି ଷ୍ଟଲ ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ସଂସ୍ଥା ଓ ସମିତିମାନଙ୍କ ପାଇଁ ଉଦ୍ଦିଷ୍ଟ । ବାକି ୫୦ଟି ଷ୍ଟଲ ଅନ୍ୟ ରାଜ୍ୟର ଅଂଶଗ୍ରହଣକାରୀ ସଂସ୍ଥାଙ୍କୁ ଆବଂଟନ କରାଯାଇଛି । ଏହି ମେଳାରେ ଉତରପ୍ରଦେଶ, ଜାମ୍ମୁ ଓ କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଝାରଖଣ୍ଡ, ଆନ୍ଧ୍ରପ୍ରଦେଶ, ପଣ୍ଡିଚେରୀ, ତାମିଲନାଡୁ, କର୍ଣ୍ଣାଟକ, ଉତରାଖଣ୍ଡ, ହରିୟାନା ଏବଂ ଓଡ଼ିଶାର ପ୍ରାୟ ୮୪ ସଂସ୍ଥା/ ସମିତି ଅଂଶଗ୍ରହଣ କରି ସେମାନଙ୍କର ବିଭିନ୍ନ ହସ୍ତତନ୍ତ ବସ୍ତ୍ର ଓ ପରିଧାନକୁ ପ୍ରଦର୍ଶିତ କରିବା ସହ ବିକ୍ରି କରିବେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ, ଗୁଜୁରାଟର ପଟୋଲା, ଲକ୍ଷ୍ନୌର ଚିକେନ କାରୀ, ଜାମ୍ମୁ କାଶ୍ମୀରର ପଶ୍ମିନା- ସାଲ, ତାମିଲନାଡୁର କାଞ୍ଜିବରମ ପାଟଶାଢ଼ି, ଦିଲ୍ଲୀ, ହରିୟାନାର ଫର୍ନିସିଙ୍ଗ ବସ୍ତ୍ର, ପଞ୍ଜାବର କମ୍ବଳ ଓ କର୍ଣ୍ଣାଟକର ସିଲ୍କ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ । ଏହି 'ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା' ଫେବୃଆରୀ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ଦିନ ୧୧.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଚାଲିବ । ଏହି ମେଳାରେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା କରାଯାଇଛି । କୋଭିଡ୍ ଗାଇଡ୍‌ଲାଇନ୍ କଡ଼ାକଡ଼ି ପାଳନ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି । ସାମାଜିକ ଦୂରତା ରଖିବା ଓ ମାସ୍କ ପିନ୍ଧିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି । ଗତବର୍ଷ ଏହି ମେଳାରେ ୧୦ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା। ଚଳିତ ବର୍ଷ କୋଭିଡ୍ କଟକଣା ସତ୍ୱେ ୧୦ କୋଟିରୁ ଅଧିକ ବ୍ୟବସାୟ ହେବ ବୋଲି ଆଶା କରାଯାଉଛି । ଉଦ୍‌ଘାଟନୀ ଉତ୍ସବରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାଧାରଣ ଉଦ୍ୟୋଗ, ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା , ବୟନଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜ୍ୟୋତିପ୍ରକାଶ ଦାସ ଏବଂ ବିଭାଗ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟର ପଦାଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ଥକ୍କାପଣକୁ ବାଏ

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଥକା ଲାଗିବା ସ୍ୱାଭାବିକ । ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଯୋଗୁ କିଛି ଲୋକ ଶରୀରର ଯତ୍ନ ନେବା ପାଇଁ ଭୁଲି ଯାଇଥାନ୍ତି ଯାହା ଫଳରେ ସେମାନେ ବହୁ ସମସ୍ୟାର ଶିକାର ହୋଇଥାନ୍ତି । ସେଥିପାଇଁ ଅଳ୍ପ କାମ କରି ମଧ୍ୟ ଥକା ଲାଗିଥାଏ । ଆସନ୍ତୁ ଜାଣିବା କିପରି ଥକାପଣ ଦୂର କରିହେବ ।



ପ୍ରଚୁର ପାଣି ପିଅନ୍ତୁ: ପାଣି ଶରୀର ପାଇଁ ଖୁବ୍ ଆବଶ୍ୟକ । କମ ପାଣି ପିଇବା ଦ୍ୱାରା ଶକ୍ତି ହ୍ରାସ ପାଇଥାଏ ଯାହାଫଳରେ ଆମକୁ ଥକା ଲାଗିଥାଏ । ତେଣୁ ପ୍ରତିଦିନ ୭-୮ ଗ୍ଲାସ ପାଣି ନିଶ୍ଚିତ ପିଇବା ଆବଶ୍ୟକ ।





ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ: ଆଜିକାଲି ସମସ୍ତେ ପୁଷ୍ଟିକର ଖାଦ୍ୟ ଖାଇବା ପରିବର୍ତ୍ତେ ଜଙ୍କଫୁଡ୍ ଅଧିକ ଖାଉଛନ୍ତି ଏହା ଆମ ଶରୀରକୁ କ୍ଷତି ପହଁଚାଇଥାଏ । ତେଣୁ ସବୁଜ ପନିପରିବା ଖାବା ଦ୍ୱାରା ଆମ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ ମିଳିବା ସହ ଶରୀରକୁ ଉପଯୁକ୍ତ ଶକ୍ତି ମିଳିଥାଏ । ତେଣୁ ଆମକୁ ଥକା ଲାଗିନଥାଏ ।

ବୟାାମ: ପ୍ରତିଦିନ ୪୦ରୁ ୪୫ମିନିଟ ବାୟାମ କରିବା ଦ୍ୱାରା ଏହା ଶରୀରକୁ ସୁସ୍ଥ ରଖିବା ସହ ଉପଯୁକ୍ତ ଶକ୍ତି ଯୋଗଇଥାଏ ଯାହା ଫଳରେ ଥକା ଲାଗିନଥାଏ ।

ଶୋଇବା: କିଛି ଲୋକ ରାତିରେ ବିଳମ୍ବରେ ଶୋଇ ସକାଳୁ ଡେରିରେ ଉଠିଥାନ୍ତି ଯାହାଦ୍ୱାରା ଦିନଯାଇ ଥକା ଲାଗିଥାଏ । ତେଣୁ ପ୍ରତିଦିନ ୭-୮ ଘଣ୍ଟା ଶୁଅନ୍ତୁ ଏବଂ ରାତିରେ ଶୀଘ୍ର ଶୋଇ ସକାଳୁ ଶୀଘ୍ର ଉଠନ୍ତୁ । ଏହାଦ୍ୱାରା ଶରୀର ଏବଂ ମନ ସୁସ୍ଥ ରହିବା ସହ ଥକା ଅନୁଭବ ହୋଇନଥାଏ ।





# ବିମାନରେ ଅନ୍ୟ ଦେଶରୁ ମଗାଉଛନ୍ତି ପିଜା

ଫାଷ୍ଟଫୁଡ୍ ମଧ୍ୟରୁ ପିଜା ହେଉଛି ଅଧିକାଂଶ ଲୋକଙ୍କର ପସନ୍ଦ ବିଶ୍ୱର ପ୍ରତିଟି ଦେଶରେ ପିଜା କମ୍ପାନୀମାନଙ୍କର ଆଉଟ୍ ପ୍ରତିଟି ଦେଶରେ ପିଜା କମ୍ପାନୀମାନଙ୍କର ଆଉଟ୍ ଲେଟ୍ ଦେଖିବାକୁ ମିଳେ । ଲୋକେ ଚାହିଁବା ମାତ୍ରେ ସେମାନେ ଘରେ ଆଣି ମଧ୍ୟ ପହଞ୍ଚାଇ ଦେଇଥାଆନ୍ତି । ଏହାକୁ । ହେଲେ ଏପରି ଏକ ଦେଶ ଅଛି ଯେଉଁଠାରେ ଲୋକେ ପିଜା ଅନ୍ୟ ଦେଶରୁ ମଗାଇଥାଆନ୍ତି । ନିଜର ବିଳାସପୂର୍ଣ୍ଣ ଜୀବନକୁ ଲୋକଙ୍କ ଆଗରେ ଉପସ୍ଥାପିତ କରିବା ପାଇଁ ସେମାନେ ଏହା କରୁଥିବା ଅଭିଯୋଗ ହୋଇଛି । ନାଇଜେରିଆର କୃଷିମନ୍ତ୍ରୀ ଓଦୁ ଓଗବେହ କହିଛନ୍ତି ଯେ, ଏଠାକାର ଧନୀକ ଲୋକାମନେ ନିଜ ଷ୍ଟାଟସ ସିମ୍ବଲ ଦର୍ଶାଇବା ପାଇଁ ୬୪୪୦ କିଲୋମିଟର ଦୂର ଲଣ୍ଡନରୁ ପିଜା ମଗାନ୍ତି । କୃଷିମନ୍ତ୍ରୀଙ୍କ ଅନୁସାରେ ରାତିରେ ଦେଶର ଧନୀକମାନେ ପିଜା ଅର୍ଡର କରିଥାଆନ୍ତି, ବ୍ରିଟିଶ ଏୟାରୱେଜର ବିମାନରେ ଏହା ସକାଳେ ନାଇଜେରିଆରେ ପହଞ୍ଚିଥାଏ । ମନ୍ତ୍ରୀଙ୍କର ଏହି ବୟାନ ଏବେ ସୋସିଆଲ ମିଡିଆରେ ଭାଇ ରାଲ ହୋଇଛି । ନିଜେ ମନ୍ତ୍ରୀ ମଧ୍ୟ ଏଭଳି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏଭଳି ଅଯଥା ଖର୍ଚ୍ଚ ଦେଶର ହିତରେ ନୁହେଁ ।



# ବିରଳ ଜନ୍ତୁ

ପୃଥିବୀ ବହୁ ରହସ୍ୟମୟ ବିଷୟବସ୍ତୁରେ ଭରି ରହିଛି । ସେହି ରହସ୍ୟ ମଧ୍ୟରେ ବୈଜ୍ଞାନିକମାନେ ଏକ ଏପରି ଜନ୍ତୁର ପାଇଛନ୍ତି ଯାହାର ଚର୍ଚ୍ଚା ଜୋର ଧରିଛି । କିଛି ମାସ ପୂର୍ବେ ଆଣ୍ଟାର୍କଟିକାରେ ବୈଜ୍ଞାନିକମାନେ ସ୍ୟାଟଲାଇଟ୍ ସାହାଯ୍ୟରେ ରହସ୍ୟମୟୀ ହ୍ରଦ ଦେଖିଛନ୍ତି । ଯେତେବେଳେ ସେହିସ୍ଥାନକୁ ଖୋଳାଗଲା ଏକ ବିରଳ ଜନ୍ତୁ ଦେଖିବାକୁ ମିଳିଥିଲା । ବୈଜ୍ଞାନିକମାନେ ଯେତେବେଳେ ୩୫୦୦ଫୁଟ୍ ଖୋଳିଲେ ବରଫ ତଳେ ହଜାର ବର୍ଷ ପୁରୁଣା ଜୀବନର ଶବ ମିଳିଲା । ଏହି ଜୀବଟି ହଜାର ବର୍ଷ ପୂର୍ବେ ମରିଯାଇଥିଲା । ବିରଳ ଜନ୍ତୁଟିର ନାମ ହେଉଛି କ୍ରସଟେଶନ ଓ ଟାଡିଗ୍ରେଡ । ଯାଞ୍ଚରୁ ଜଣାପଡ଼ିଛି ଯେ, ଜୀବଟି ଏକ ପ୍ରକାର ଜଳଚର ଭାଲୁ । ଆଣ୍ଟାର୍କଟିକା ଦୁନିଆର ସବୁଠାରୁ ଥଣ୍ଡା ସ୍ଥାନ ବୋଲି କୁହାଯାଏ । ଯେଉଁଠାରେ ଜୀବନଯାପନ କରିବା ଅସମ୍ଭବ ହୋଇଥାଏ । କିନ୍ତୁ ଏପରି ଜୀବଙ୍କ ଶବ ମିଳିବା ପରେ ଜଣାପଡ଼ିଛି ଯେ ଏଠାରେ କିଛି ଜୀବ ବଞ୍ଚିରହିଥିଲେ । ପାଖାପାଖି ୧୦ହଜାର ବର୍ଷ ପୂର୍ବେ ଆଣ୍ଟାର୍କଟିକାରେ ଗରମ ହେଉଥିଲା । ସେତେବେଳେ ଏହି ଜୀବ ସେଠାକାର ପାହାଡ଼ି ଅଞ୍ଚଳରେ ଥିବର ପୋଖରୀରେ ରହୁଥିଲେ । କିନ୍ତୁ ପରେ ଏଠାରେ ଭୀଷଣ ଥଣ୍ଡାକୁ ସହ୍ୟ ନକରିପାରି ତାଙ୍କର ମୃତ୍ୟୁ ହୋଇଯାଇଛି ।

# ବାୟୁ ପ୍ରଦୂଷଣ ବଢ଼ାଉଛି ଗର୍ଭପାତ ଆଶଙ୍କା



ବାୟୁପ୍ରଦଳଷଣ ସଂସ୍ପର୍ଶରେ କିଛି ସମୟ ପାଇଁ ଆସିଲେ, ଗର୍ଭପାତ ଆଶଙ୍କା ବଢୁଥିବା ଗବେଷଣାରୁ ଜଣାପଡ଼ିଛି । ଏକ ସଦ୍ୟ ଗବେଷଣାରୁ ଜଣାପଡ଼ିଛି, ବାୟୁ ପ୍ରଦୂଷଣ ଯୋଗୁ ଆଜମାଠୁ ନେଇ ସମୟପୂର୍ବ ପ୍ରସବ ପର୍ଯ୍ୟନ୍ତ ସମସ୍ୟା ବଢ଼ିବାରେ ଲାଗିଛି । ଏହାସହ ଗବେଷଣାରେ ବାୟୁପ୍ରଦୂଷଣ ଯୋଗୁ ଶରୀରରେ ହେଉଥିବା ବିଭିନ୍ନ ପ୍ରକାର ଖରାପ ପ୍ରଭାବକୁ ଯୋଡ଼ି ନିଷ୍କର୍ଷ ବାହାର କରିଛନ୍ତି । ଆମେରିକାର ୟୁଟା ବିଶ୍ୱବିଦ୍ୟାଳୟର ଗବେଷକମାନେ ଜାଣିବାକୁ ପାଇଛନ୍ତି, ୟୁଟାର ଅଧିକାଂଶ ଗର୍ଭବତୀ ମହିଳା ବାୟୁପ୍ରଦୂଷଣ ସଂସ୍ପର୍ଶରେ ଆସିବା ଫଳରେ ସେମାନଙ୍କ ଗର୍ଭପାତ ଆଶଙ୍କା ୧୬ ପ୍ରତିଶତ ବୃଦ୍ଧି ପାଇଥିଲା । ୨୦୦୭ରୁ ୨୦୧୫ ମଧ୍ୟରେ କରାଯାଇଥିବା ଗବେଷଣାରେ ୧୩୦୦ ମହିଳାଙ୍କୁ ସାମିଲ କରାଯାଇଥିଲା; ଯେଉଁମାନେ ଗର୍ଭପାତ ପରେ ଚିକିତ୍ସା ପାଇଁ ଜରୁରୀକାଳୀନ ବିଭାଗରେ ଥିଲେ । ଗବେଷକ ଦଳ ଏହି ସମୟରେ ସେମାନଙ୍କ ଗର୍ଭପାତର ପ୍ରମୁଖ କାରଣ ଜାଣିବାକୁ ବିଭିନ୍ନ ପ୍ରକାରର ପ୍ରୟାସ ଚଳାଇଥିଲେ । କିନ୍ତୁ ପ୍ରମୁଖ କାରଣ ଥିବା ଜାଣିବାକୁ ପାଇଥିଲେ ।

# ଝିଣ୍ଟିକା ପାଉଁରୁଟି

ଦୈନନ୍ଦିନ ବ୍ରେକ୍ଫାଷ୍ଟ ଯଦି ପାଉଁରୁଟି ଖାବାକୁ ଭଲ ପାଉଛନ୍ତି । ତେବେ କିଛି ରୋଚକ ତଥ୍ୟ ବି ଜାଣିନିଅନ୍ତୁ । ଫିନଲ୍ୟାଣ୍ଡରେ ଏକ ଖାଦ୍ୟ ଉତ୍ପାଦନକାରୀ କମ୍ପାନୀ ଏପରି ସାମଗ୍ରୀରୁ ପାଉଁରୁଟି ତିଆରି କରୁଛନ୍ତି ଯାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ । ଏହି ଖାଦ୍ୟ ଉତ୍ପାଦନକାରୀ କମ୍ପାନୀ ୭୦ଟି ଝିଣ୍ଟିକାରେ ପାଉଁରୁଟି ପ୍ରସ୍ତୁତ କରନ୍ତି । ଫିନଲ୍ୟାଣ୍ଡର ଫେଜର ବେକରୀ ଅଟାରେ ଶୁଖିଲା ଝିଣ୍ଟିକାକୁ ବ୍ୟବହାର କରି ପାଉଁରୁଟି ପ୍ରସ୍ତୁତ କରନ୍ତି । କମ୍ପାନୀ ନେଦରଲ୍ୟାଣ୍ଡରୁ ଏହି ଝିଣ୍ଟିକା ଅଟା ଆମଦାନି କରିଥାଏ । କାରଣ ତାଙ୍କ ପାଉଁରୁଟିରେ ଅଧିକପ୍ରୋଟିନ୍ ରହିଥାଏ ଯାହା ସାଧାରଣ ନୁହେଁ । ଫିନଲ୍ୟାଣ୍ଡରେ ଭୋଜନ ହୋଇପାରୁଥିବା କୀଟଙ୍କ ଉପରୁ ପ୍ରତିବନ୍ଧକ ଉଠାଇ ଦେଇଥିବା ବେଳେ କମ୍ପାନୀ ଏହି ବିଶେଷ ପାଉଁରୁଟି ବିକ୍ରି କରୁଛି । ଏହି କମ୍ପାନୀ ବର୍ଷ ସାରା ବିଭିନ୍ନ ନୂଆ ଉତ୍ପାଦନର ଗବେଷଣା କରୁଥିବା ବେଳେ ପୂର୍ବେ ଛାରପୋକରେ ପାଉଁରୁଟି ପ୍ରସ୍ତୁତ କରି ଉଦାହରଣ ସୃଷ୍ଟି କରିଛି । ଦୁନିଆରେ ଦୁଇ ନିୟୁତରୁ ଅଧିକ ଲୋକେ କୀଟ ଖାଆନ୍ତି । ଏପରି କରିବାର କାରଣ ହେଉଛି କୀଟରେ ଫ୍ୟାଟି ଏସିଡ୍, କ୍ୟାଲସିୟମ, ଆଇରନ୍, ଭିଟାମିନ୍ ବି -୧୨ ପ୍ରଚୁର ପରିମାଣର ରହିଥାଏ ।




# ଶୀତରେ ଗାଜର ଜୁସ୍



ଶୀତ ଋତୁରେ ଗାଜର ଖାଇବା ବେଶ୍ ସ୍ୱାସ୍ଥ୍ୟପ୍ରଦ । କିନ୍ତୁ ଶରୀର ପାଇଁ ବିଶେଷ ଫଳପ୍ରଦ ହୋଇଥାଏ ଏଥିରୁ ପ୍ରସ୍ତୁତ ଜୁସ୍ । ନିୟମିତ ରୂପେ ଗାଜର ଜୁସ୍ ସେବନ ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । କାମ କରିବା ପରେ ଅଧିକ ଥକ୍କା ଲାଗୁଥିଲେ, ସକାଳୁ ଖାଲିପେଟରେ ଅଧ ଗ୍ଲାସ୍ ଗାଜର ଜୁସରେ ପାଳଙ୍ଗ ରସ, ଭଜା ଜିରା ଏବଂ କଳା ଲୁଣ ମିଶାଇ ସେବନ କଲେ ସତେଜ ଲାଗିଥାଏ । ସାରାଦିନ ଶରୀରକୁ ଶକ୍ତି ମିଳିଥାଏ । ଏହାଛଡ଼ା ଶୀତଦିନେ ଯଦି ନିୟମିତ ରୂପେ ଗାଜର ଜୁସ୍ ସେବନ କରାଯାଏ, ତେବେ ଶରୀର ଭିତରୁ ଉଷୁମ ରହିଥାଏ । ଏମିତିକି କୋହଲା ପବନ ଯୋଗୁ ଆପଣଙ୍କୁ ଥଣ୍ଡା କି କାଶ ହେବାର ସମ୍ଭାବନା ନଥାଏ । ଗାଜର ରସରେ କିଛି କଳା ଲୁଣ ପକାଇ ପିଇଲେ ଥଣ୍ଡା, କାଶ, ଜ୍ୱର ଓ କଫ ସମସ୍ୟା ଠିକ୍ ହେଇଯାଏ । କେବଳ ସେତିକି ନୁହେଁ, ପେଟ ପାଇଁ ଗାଜର ବେଶ୍ ଉପକାରୀ । ପେଟ ସମ୍ବନ୍ଧୀୟ କୌଣସି ସମସ୍ୟା ଥିଲେ, ନିୟମିତ ଗାଜର ଜୁସରେ ଲେମ୍ବୁ ରସ ଓ ପାଳଙ୍ଗ ରସ ମିଶାଇ ପିଇବା ଉଚିତ୍ । ଗାଜରରେ ଭରପୂର ମାତ୍ରାରେ କ୍ୟାଲସିୟମ, ଫାଇବର, ଭିଟାମିନ ଏ, ବି, ଓ ସି ମହଜୁଦ ରହିଛି, ଯାହା କୋଲେଷ୍ଟୋରଲ ସ୍ତରକୁ ନିୟନ୍ତ୍ରଣରେ ରଖେ ।

# ପ୍ରେମ କରିବା ପାଇଁ ମିଳେ 'ଲଭ ଲିଭ୍'

କର୍ମବ୍ୟସ୍ତ ଜୀବନରେ ଅନେକ ପ୍ରେମ କରିବାକୁ ଭୁଲି ଯାଆନ୍ତି । କାରଣ ପ୍ରେମ ପାଇଁ ସେମାନେ ସମୟ ଦେଇପାରନ୍ତି । ଏହି କାରଣରୁ ଅନେକ ସମୟରେ ପ୍ରେମୀ ଯୁଗଳଙ୍କ ମଧ୍ୟରେ ଛୋଟମୋଟ ଝଗଡ଼ା ମଧ୍ୟ ଦେଖାଯାଇଥାଏ । ଯାହାଫଳରେ ଅନେକ ବିବାହ ନକରିବାକୁ ନିଷ୍ପତ୍ତି ନେଇଥାନ୍ତି । ବର୍ତ୍ତମାନ ଏହି ସମସ୍ୟାର ଏକ ସହଜ ସମାଧାନ ଏକ ସ୍କୁଲ ପକ୍ଷରୁ କରାଯାଇଛି । ଏହି ସ୍କୁଲନିଜ ଶିକ୍ଷକମାନଙ୍କ ପାଇଁ ଲଭ ଲିଭ୍ ଆରମ୍ଭ କରିଛି । ଯାହାଦ୍ୱାରା ସ୍କୁଲର ଶିକ୍ଷକ/ ଶିକ୍ଷୟିତ୍ରୀମାନେ ପ୍ରେମ କରିବା ସହ ନିଜ ପ୍ରେମିକା ପ୍ରେମିକଙ୍କ ସହ ଅଧିକ ସମୟ ମଧ୍ୟ କାଟିପାରିବେ । ଚାଇନାର ଝେଜିୟାଙ୍ଗ ସହରର ଡିଙ୍ଗଲାନ୍ ଏକ୍ସପେରିମେଣ୍ଟାଲ ମିଡିଲ ସ୍କୁଲ ପକ୍ଷରୁ ଏହି ନୂଆ ଛୁଟି ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏଠାରେ ପ୍ରତି ମାସରେ ଶିକ୍ଷକମାନଙ୍କୁ ଦୁଇଟି ଅଧା ଦିନ ଛୁଟି ଦିଆଯାଇଥାଏ । ଯାହାକୁ ଲଭ୍ ଲିଭ୍ କୁହାଯାଉଛି । ବିଶେଷ କରି ଏହି ଛୁଟି ଅବିବାହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦିଆଯାଉଛି । ଏହାଦ୍ୱାରା ସେମାନେ ନିଜ ପ୍ରେମ ସମ୍ପର୍କକୁ ଅଧିକ ମଜବୁତ କରିପାରିବେ ବୋଲି ଆଶା କରାଯାଉଛି ।

# କାନ ଦରଜର ଘରୋଇ ଉପଚାର

ସାଧାରଣତଃ କାନରେ ପାଣି ଜମିଲେ, ଥଣ୍ଡାରୁ କାନ ବିନ୍ଧୁଥିଲେ, କାନକୁ ଠିକ୍ ଭାବରେ ଶୁରାଯାଉ ନଥିଲେ ଘରୋଇ ଉପାୟରେ ଏହି ସମସ୍ୟାର ସମାଧାନ କରିହେବ ।



ତେଲ: କାନ ଦରଜ ହୋଇଥିଲେ ସୋରିଷ ତେଲ କିମ୍ବା ବାଦାମ ତେଲକୁ ହାଲ୍କା ଗରମ କରନ୍ତୁ ଏବଂ ସେହି ଉଷୁମ ତେଲରୁ ଦୁଇ ବୁନ୍ଦା ନେଇ କାନରେ ପକାଇ ଶୋଇ ଯାଆନ୍ତୁ । ଏହା କରିବା ଦ୍ୱାରା କାନ ବିନ୍ଧା କମିବା ସହ ଦରଜ ହୋଇନଥାଏ ।

ପିଆଜ: ଯଦି କୌଣସି ସଂକ୍ରାମକ ରୋଗ ପାଇଁ କାନ ବିନ୍ଧା ହେଉଥାଏ ତେବେ ପିଆଜ ରସକୁ ଗରମ କରି କାନରେ ପକାଇବା ଦ୍ୱାରା ବିନ୍ଧା କମ ହୋଇଥାଏ ।

ତୁଳସୀରସ: ତୁଳସୀ ପତ୍ର ଶରୀର ପାଇଁ ବହୁତ ଉପକାରୀ । ଯଦି କାନରେ କୌଣସି ଯନ୍ତ୍ରଣା ଅନୁଭୂତ ହେଉଛି ତେବେ ତୁଳସୀ ରସକୁ କାନରେ ପକାଇବା ଦ୍ୱାରା କାନ ଯନ୍ତ୍ରଣା ଭଲ ହୋଇଥାଏ ।

ଲୁଣ: କାନ ଦରଜ ହେଲେ ଲୁଣକୁ ଏକ କପଡାରେ ବାନ୍ଧି ଅଳ୍ପ ଆଞ୍ଚରେ ଗରମ କରି କାନରେ ସେକ ଦେବାଦ୍ୱାରା କାନ ଦରଜ କମ ସମୟରେ ଭଲ ହୋଇଥାଏ ।











# ଘରୋଇ ବ୍ଲିଚ୍ ପଦ୍ଧତି

ସୁନ୍ଦର ଦେଖାଯିବା ପାଇଁ ମହିଳାମାନେ ପାର୍ଲର ଯାଇ ବ୍ଲିଚ୍ କରାଇଥାନ୍ତି । ମୁହଁର ତ୍ରୁଟି ଲୁଚାଇବାକୁ ଯାଇ ମହିଳାମାନେ ବିଭିନ୍ନ ବ୍ଲିଚ୍ କ୍ରିମ ମଧ୍ୟ ବ୍ୟବହାର କରିଥାନ୍ତି । ଯାହାଫଳରେ କ୍ରୀମରେ ଥିବା କେମିକଲ ପାଇଁ ମୁହଁ କୁଣ୍ଡାଇ ହୋଇ ଦାଗ ହେବା ସହ ମୁହଁର ଉଜ୍ଜ୍ୱଳତା କମିଯାଏ । କିଛି ଟିପ୍ସ ଆପଣାଇବା ଦ୍ୱାରା ଘରୋଇ ଉପାୟରେ ମଧ୍ୟ ବ୍ଲିଚ୍ କରିପାରିବେ ।

ଦହି, କମଳା, ଅମୃତଭଣ୍ଡା ଏବଂ କାକୁଡ଼ିକୁ ବ୍ୟବହାର କରି ପେଷ୍ଟ ପ୍ରସ୍ତୁତି କରି ଆପଣ ମୁହଁରେ ବ୍ୟବହାର କରନ୍ତୁ । ଏହାଦ୍ୱାରା ମୁହଁ ବ୍ଲିଚ୍ ହେବା ସହ ସଫା ହୋଇଥାଏ ।

ଦହିରେ ପ୍ରଚୁର ପରିମାଣ ଲାକଟିକ୍ ଏସିଡ୍ ରହିଥିବାରୁ ଏଥିରେ ବ୍ଲିଚର ସମସ୍ତ ଗୁଣ ରହିଥାଏ । ସେଥିପାଇଁ ତ୍ୱଚାରେ ଦହି ଲଗାଇ କିଛି ସମୟ ପାଇଁ ଛାଡ଼ିଦିଅନ୍ତୁ ଏବଂ ଏହାପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ । ଏହା ତ୍ୱଚା ପାଇଁ ଖୁବ୍ ଉତ୍ତମ ।

କମଳାରେ ଭିଟାମିନ୍-ସି ରହିଥାଏ ଯାହା ତ୍ୱଚା ପାଇଁ ଖୁବ୍ ଉପକାରୀ । କମଳାରେ ଥିବା ସିଟ୍ରିକ୍ ଏସିଡ୍ ବ୍ଲିଚର କାମ କରିଥାଏ । କମଳା ରସରେ ଅଳ୍ପ ହଳଦୀ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତ ଏବଂ ସେହି ପେଷ୍ଟକୁ ମୁହଁରେ ଲଗାଇ ୨୦ମିନିଟ୍ ଛାଡ଼ିଦିଅନ୍ତୁ । ଏହାପରେ ମୁହଁ ଧୁଅନ୍ତୁ । ଦେଖିବେ ଏହା ତ୍ୱଚା ଉପରେ ଭଲ ପ୍ରଭାବ ପକାଇଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ଜାନୁଆରୀ ୨୦୨୧, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁନରାବୃତ୍ତି ନହେଉ...

କରୋନା ସଂକ୍ରମଣର ବିରୂପ ପ୍ରତିକ୍ରିୟା କ୍ରମଶଃ ଊଣା ହୋଇଆସୁଥିବା କେବଳ ଆମ ଦେଶ ନୁହେଁ, ସମଗ୍ର ବିଶ୍ୱବାସୀଙ୍କୁ ଏକରକମର ଆଶ୍ୱସ୍ତ କରିଆସୁଛି। ଯଦିଓ କରୋନା ପୂର୍ବ ସ୍ଥିତିକୁ ଫେରିବା ପାଇଁ ଅଧିକ ସମୟ ଲାଗିଯିବ; ମାତ୍ର ସର୍ବତ୍ର ବିଶ୍ୱାସର ଏକ ବାୟୁମଣ୍ଡଳ ସୃଷ୍ଟି ହୋଇଛି ଯେ, ଅନ୍ତତଃ ପକ୍ଷେ ୨୦୨୦ର ବିଷମତାର ୨୦୨୧ରେ ପୁନରାବୃତ୍ତି ହେବନାହିଁ। ଯେତେ ଯାହା କ୍ଷୟକ୍ଷତି ହୋଇସାରିଛି, ତାହାର ଭରଣା ଏମିତିରେ ବର୍ଷ ବର୍ଷ ନୁହେଁ, ଦଶନ୍ଧିବ୍ୟାପୀ କାଳଖଣ୍ଡରେ ହୋଇପାରିବ କି ନାହିଁ ସହସା କୁହାଯାଇନପାରେ। କ୍ଷତି ଓ ପ୍ରତିକୂଳ ପ୍ରଭାବର ଘୂର୍ଣ୍ଣିବଳୟ ଭିତରେ ପେଡି ହୋଇଯାଉଥିବା ମାନବ ସଭ୍ୟତା ପାଇଁ ମହାଶିକ୍ଷା ମିଳିଛି ଯେ, ଔଦ୍ଧତ୍ୟ ଓ ଧନଗର୍ବକୁ ସବୁବେଳେ ସଫଳତାର ସାଧନ ରୂପେ ସଚରାଚର ବ୍ୟବହାର କରାଯାଇପାରେ ବୋଲି ରହିଥିବା ଧାରଣା ଭୁଲ। କରୋନା ଭୂତାଣୁ ଅଦୃଶ୍ୟ, ତେଣୁ ଅନଭିଜ୍ଞ ମଣିଷ ମୁକାବିଲା ପାଇଁ ଗଳଦ୍‌ଘର୍ମ ହୋଇଥିବାସତ୍ତ୍ୱେ କିଭଳି ଅସହାୟ; ତାହା ପ୍ରମାଣିତ କରିଦେଲା। ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗ କି ପ୍ରକାର ସଫଳ ଦେଉଛି, ତାହା ଅନୁଶୀଳନକୁ ଅପେକ୍ଷା କରିଛି। ଅହଂସର୍ବସ୍ୱ ପ୍ରାଣୀ ହିସାବରେ ମାନବ ଶିଶୁ ଦାନବୀୟ କୁଲକ୍ଷଣର ଅଧିକାରୀ ହୋଇଥିବାରୁ କେତେବେଳେ କରୋନା ଭଳି ରାସକ୍ଷ କେଉଁ ଅବତାରରେ ମୁଣ୍ଡ ଟେକିବ, କହିହେବ ନାହିଁ। ଏଭଳି ଏକ ପୃଷ୍ଠଭୂମି କୌଣସି ନା କୌଣସି କାରଣରୁ ସମସ୍ତଙ୍କ ମନକୁ ଆଚ୍ଛନ୍ନ କରି ରଖିଥିବା ଭିତରେ ଆମେରିକାର ନୂତନ ରାଷ୍ଟ୍ରପତି ଜୋ' ବାଇଡେନ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଡୋନାଲଡ୍ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟେଲ ହାଉସରେ ଯେଭଳି ତାଣ୍ଡବଲୀଳା ରଚିଲେ, ତାହା ବୃହତ୍ତମ ଗଣତନ୍ତ୍ର ବୋଲାଉଥିବା ରାଷ୍ଟ୍ର ପାଇଁ ଲଜ୍ଜାକର ଉଦାହରଣ ସୃଷ୍ଟି କଲା। ବିଦେଶରେ କେବଳ ନୁହେଁ, ପଡ଼ୋଶୀ ବଙ୍ଗଳାରେ ବିଧାନସଭା ନିର୍ବାଚନ ଆଖର ହେବାକୁ ଯାଉଥିବାବେଳେ ଅହଂର ଲଢ଼େଇ ଆରମ୍ଭ ହୋଇଯାଇଛି। କ୍ଷମତାର ଲଢ଼େଇ ଏମିତି ମଣିଷକୁ ଅନ୍ଧ କରି ଦେଉଥିବା ବେଳେ ସେଭଳି ମତାନ୍ଧ ପ୍ରତିଯୋଗତାରୁ ଆମର ସଂସ୍କୃତି ସୁଦ୍ଧା ବାଦ୍ ପଡ଼ିନାହିଁ। ଅତୀତ କଥା ଅତୀତ ଗର୍ଭରେ ବିଲୀନ ହୋଇସାରିଛି ସତ; ନିକଟରେ ଘଟିଯାଇଥିବା ଏକ ଘଟରା କଳା ଓ ସଂସ୍କୃତିପ୍ରେମୀଙ୍କ ମନକୁ ଆନ୍ଦୋଳିତ କରିଛି। ସୈଫ୍ ଅଲ୍ଲୀ ଖାନ୍ ଓ ଡିମ୍ପଲ କାପାଡ଼ିଆଙ୍କ ଅଭିନୀତ ବହୁ ତାରକା ବିଶିଷ୍ଟ ୱେବ୍ ସିରିଜ୍ 'ତାଣ୍ଡବ' ସୃଷ୍ଟି କରିଛି ହଇଚଇ। ସିନେ ଦର୍ଶକମାନେ ନିଜ ନିଜ ବିଚାରରେ 'ତାଣ୍ଡବ'କୁ କେମିତି ସମୀକ୍ଷା କରିଛନ୍ତି, ତାହା ଯେତେ ବଡ଼ କଥା, ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ୱେବ୍ ସିରିଜ୍‌ର ଉପଜୀବ୍ୟ ଧାର୍ମିକ ମତାନ୍ଧତାକୁ ପ୍ରରୋଚିତ କରିବାରେ ଅସ୍ତ୍ର ସାଜିଛି। କେହି କହୁଛନ୍ତି, ଏହା ହିନ୍ଦୁତ୍ୱ ବିରୋଧୀ, ଆଉ କେହି କହିଛନ୍ତି ଦଳିତମାନଙ୍କୁ ଅସମ୍ମାନ କରାଯାଇଛି। ମାମଲା ଏତେ ବାଟ ଚାଲି ଗଲାଣି, ଭାରତୀୟ ଜନତା ପାର୍ଟି ନେତା କପିଳ ମିଶ୍ର 'ତାଣ୍ଡବ'ର ନିର୍ମାତାଙ୍କ ନାମରେ ଓକିଲ ନୋଟିସ ଦେଇଛନ୍ତି। ହିନ୍ଦୁ ଓ ଦଳିତ ସମ୍ପ୍ରଦାୟଙ୍କ ଭାବାବେଗକୁ ଏଥିରେ ଥିବା କାହାଣୀ ଓ ଚରିତ୍ରମାନଙ୍କ ଭୂମିକା ଆଘାତ ଦେଇଛି ବୋଲି ଦର୍ଶାଇଛନ୍ତି ପୂର୍ବ 'ଆପ୍' ନେତା କପିଳ ମିଶ୍ର। 'ତାଣ୍ଡବ'ରେ ଥିବା ଗୋଟିଏ ନିର୍ଦ୍ଦିଷ୍ଟ ଦୃଶ୍ୟ କୁଆଡ଼େ ହିନ୍ଦୁତ୍ୱ ଆବେଗକୁ କ୍ଷତି ପହଞ୍ଚାଇବା ସକାଶେ ଯଥେଷ୍ଟ ହୋଇଛି। ଅଭିନେତା ଜିସନ୍ ଆୟୁମ୍ ଏଥିରେ ଆରାଧ୍ୟ ଶିବ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ସଂଳାପରେ ଅଛି: 'ଆଜାଦୀ, ତାହା କେଉଁ ଚିଜ...? ସେହି ଦୃଶ୍ୟରେ ଭାଷ୍ୟକାର ଶିବଙ୍କୁ ବୁଝାଉଛନ୍ତି: ସୋସିଆଲ ମିଡିଆରେ ନିଜର ଭାବମୂର୍ତ୍ତି ବଢ଼ାଇବାକୁ ହେଲେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିରୋଧରେ ଅଧିକ କିଛି ତାଙ୍କୁ କରିବାକୁ ପଡ଼ିବ। ଏତିକିରୁ ସମ୍ପ୍ରଦାୟ ଭିତରେ ଉକୁଟି ଉଠିଛି ପ୍ରତିକ୍ରିୟା। ହିନ୍ଦୁ ଦେବଦେବୀଙ୍କୁ ଏମିତି ତାଚ୍ଛଲ କରାଯିବା ଆଦୌ ବରଦାସ୍ତ କରାଯିବା କଥା ନୁହେଁ ବୋଲି ସମାଲୋଚକ ମହଲ କହିଛନ୍ତି। ସଂସ୍କୃତିକୁ ନେଇ ଅପସଂସ୍କୃତିର ପ୍ରଚାର ସମାଜକୁ କୁତ୍ସିତ ବାର୍ତ୍ତା ଦେଇଥିବା ମଧ୍ୟ ଦର୍ଶାଯାଇଛି। ଇସ୍‌ଲାମ ଓ ଖ୍ରୀଷ୍ଟ ଧର୍ମ ପାଇଁ ଯେଉ ମାପକାଠି ରହିଛି, ତାହା ହିନ୍ଦୁଧର୍ମ ପାଇଁ ପ୍ରଯୁଜ୍ୟ ହୋଇନପାରେ। କାହାର ମନ କିମ୍ବା ଚିନ୍ତନରେ ଆଘାତ ଦେବାଭଳି କାର୍ଯ୍ୟକୁ କେହି ସହଜ ମନରେ ନେଇନପାରନ୍ତି।

## ବିଦ୍ୱେଷର ବିଶ୍ଳେଷଣ

ସୌମେନ୍ଦ୍ର ଜେନା

ଏବେ ସୋସିଆଲ ମିଡିଆରେ "ତାଣ୍ଡବ" ଶୀର୍ଷକ ଓ ୱେବସିରିଜର ପ୍ରଦର୍ଶନକୁ ନେଇ ଖୁବ୍ ଆଲୋଚନା ହେଉଛି। ଏହି ସିନେମାଟିରେ ସୈଫ ଅଲ୍ଲି ଖାଁ ପ୍ରମୁଖ ଅଭିନୟ କରିଛନ୍ତି। ଅତି ବିକୃତ ଢଙ୍ଗରେ ହିନ୍ଦୁ ଦେବାଦେବୀଙ୍କ ପ୍ରତି ଏଥିରେ ଆକ୍ଷେପ ରହିଛି। ଏହା ପୂର୍ବରୁ "ପାତାଳଲୋକ" ଶୀର୍ଷକ ୱେବ ସିନେମାରେ ମଧ କେତେକ ଦୃଶ୍ୟକୁ ନେଇ ଏ ପ୍ରକାର ଅଭିଯୋଗ ଉଠିଥିଲା। ଏକଦା ମକବୁଲ ଫିଦା ହୁସେନଙ୍କ ଛବି ଅଙ୍କନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେ ସମୟରେ ଅଭିବ୍ୟକ୍ତିର କଣ୍ଠରୋଧ ହେଉଛି ବୋଲି କେତେଲୋକ ଗଳାଫଟା ଚିତ୍କାର କରିଥିଲେ। କିନ୍ତୁ ସବୁ ଅଭିବ୍ୟକ୍ତି କଣ ଭାରତୀୟ ସଂସ୍କୃତି ଓ ହିନ୍ଦୁ ସମାଜ ବିରୋଧରେ ? ନିକଟରେ ମଧ୍ୟପ୍ରଦେଶର ଶିଳ୍ପ ନଗରୀ ଇନ୍ଦୋରଠାରେ ୧ ଜାନୁଆରୀରେ ଘଟିଥିବା ଏକ ଘଟଣା ସମସ୍ତଙ୍କ ଦୃଷ୍ଟିକୁ ଆସିଲା। କଥା ହେଲା ଗୁଜରାଟର ଜଣେ ମୁସଲିମ ଯୁବକ ଯାହାର ନାମ ମୁନାୱର ଫାରୁକୀ, ମଧ୍ୟପ୍ରଦେଶରେ ୫୬ ଦୁକାନ ନାମକ ଏକ କେଫ୍‌ରେ ବ୍ୟଙ୍ଗ ପ୍ରଦର୍ଶନ କରିବାକୁ ଯାଇ ହିନ୍ଦୁ ଦେବାଦେବୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ପ୍ରତି ଅଭଦ୍ର ଟିପ୍‌ପଣୀ ଦେଇଥିଲେ ବୋଲି ଏକଲବ୍ୟ ସିଂହ ଗୌର ନାମକ ଜଣେ ସ୍ଥାନୀୟ ବିଧାୟକଙ୍କ ପୁତ୍ର ଅଭିଯୋଗ କଲେ। ସ୍ଥାନୀୟ ପୁଲିସ ଅଭିଯୋଗକୁ ଭିତ୍ତିକରି ଫାରୁକୀଙ୍କ ସମେତ ତାଙ୍କ ଚ୍ଛରିବନ୍ଧୁଙ୍କୁ ଗିରଫ କରି ହାଜତକୁ ପଠାଇ ଦେଲେ। ସେଠାକାର ଜଜ୍ ଯତୀନ୍ଦ୍ର କୁମାର ମାମଲାଟିର ବିଚ୍ଛର କରି ଜାମିନ ଆବେଦନକୁ ଖାରଜ କରିବା ସହ ଅଭିଯୁକ୍ତମାନଙ୍କୁ ଜେଲକୁ ପଠାଇଦେଲେ। ଏହି ଘଟଣାଟିରେ ଅଭିଯୋଗକାରୀ ନିଜେ ଦର୍ଶକ ଭାବେ ଉକ୍ତ ସୋ ସ୍ଥାନରେ ଉପସ୍ଥିତ ଥିଲେ। ତେବେ ମୁସଲିମ ଲୋକେ ଇସ୍‌ଲାମ, ଆଲ୍ଲା, ମସଜିଦ୍ ଆଦିକୁ ନେଇ କେବେ ବ୍ୟଙ୍ଗ କରନ୍ତି ନାହିଁ। ହିନ୍ଦୁ ଦେବାଦେବୀ, ମଠମନ୍ଦିର, ସାମାଜିକ ବ୍ୟବସ୍ଥାକୁ ନେଇ ଅଧିକରୁ ଅଧିକ ବ୍ୟଙ୍ଗ କରନ୍ତି। କିନ୍ତୁ ସେମାନଙ୍କ ଧର୍ମକୁ ନେଇ ଟିପ୍‌ପଣୀ କଲେ ଶହ ଶହ ସଂଖ୍ୟାରେ ସଡକକୁ ଓହ୍ଲାଇଆସି ଗାଡି ଘର ପୋଡନ୍ତି, ମଣିଷମାନଙ୍କୁ ମାରିବାକୁ ସେମାନଙ୍କ ପବିତ୍ର କର୍ତ୍ତବ୍ୟ କହିଥାନ୍ତି। ନିକଟରେ ବାଙ୍ଗାଲୋରଠାରେ ଘଟିଥିବା ଦଙ୍ଗା ଏବଂ ଫ୍ରାନ୍ସର ବ୍ୟଙ୍ଗ ପତ୍ରିକା ଚ୍ଛର୍ଲି ହେବ୍‌ଡୋରେ ବ୍ୟଙ୍ଗ ଛବିର ପ୍ରତିକ୍ରିୟାରେ ଘଟିଥିବା ହତ୍ୟା ଆଦି ଏହାର ସ୍ପଷ୍ଟ ପ୍ରମାଣ। ଦକ୍ଷିଣ ଭାରତର ଅତ୍ୟନ୍ତ କ୍ରୂର ଶାସକ ଟିପୁକୁ ମହାନକରି ପ୍ରଦର୍ଶନ କରିବାକୁ ଯାଇ ଅତୀତରେ ସଞ୍ଜୟ ଖାଁ ଟିପୁ ସୁଲତାନଙ୍କ ସିରିଏଲ କରି ୬୫ପ୍ରତିଶତ ପୋଡି ହୋଇଥିଲେ। ସେହି ଦୁର୍ଘଟଣାରେ ତାଙ୍କ ଶରୀରରେ ୭୩ଟି ସିଲାଇ ହୋଇଥିଲା। ବିଜୟ ମାଲ୍ୟା ସେହି ଟିପୁଙ୍କ ଖଣ୍ଡାକୁ ୨୦୦ କୋଟି ଟଙ୍କାରେ କିଣି ଏକଦା ବାହାବାହା ପାଇବାକୁ ଚେଷ୍ଟା କରି ଶେଷରେ ଲୁଟେରା ଏବଂ ପଳାତକ ଭାବେ ପରିଗଣିତ ହେଲେ। କଂଗ୍ରେସ ଦଳର କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଟିପୁ ସୁଲତାନ ଜୟନ୍ତୀକୁ ରାଜ୍ୟବ୍ୟାପି କରିବାକୁ ଯାଇ ଶେଷରେ କ୍ଷମତାରୁ ବିଚ୍ୟୁତ ହେଲେ। ଏବେ ସେମିତି ଗୋ ଏୟାର ବିମାନସେବାର ଜଣେ ପାଇଲଟ ମଧ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆଧାରିତ ମତାମତ ଲେଖି ନିକଟରେ ଚ୍ଛକିରୀରୁ ବହିଷ୍କୃତ ହୋଇଛନ୍ତି। ଅତୀତରେ କିନ୍ତୁ ଏମିତି କଳାକାର ହିନ୍ଦୁ ବିଦ୍ୱେଷୀ ପ୍ରଚ୍ଛର କରି ଢେର ଲାଭବାନ ହୋଇଛନ୍ତି। ଗତ କିଛିଦିନ ତଳେ କୁନାଲ କାମରା ନାମକ ବ୍ୟଙ୍ଗକାର ମଧ ଠିକ୍ ଏମିତି ବ୍ୟଙ୍ଗ କରି ସମାଲୋଚିତ ହୋଇଥିଲେ। ସେହିପରି ସୁରଲିନ୍ କାଉର ନାମ୍ନୀ ଜଣେ ବ୍ୟଙ୍ଗ ଅଭିନେତ୍ରୀ ଗତବର୍ଷ ମଇ ମାସରେ ସିମାରୁ ଏଣ୍ଟରଟେନମେଣ୍ଟ ପାଇଁ ବଳରାଜ ସିଆଲଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମରେ ସନାତନ ଧର୍ମ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇ ଖୁବ୍ ନିନ୍ଦିତ ହୋଇଥିଲେ। ସେ ତାଙ୍କ ବ୍ୟଙ୍ଗରେ କହିଥିଲେ ଯେ ଆମେ ସମସ୍ତେ ଇସକନ୍ ଲୋକ। କିନ୍ତୁ ଭିତରେ ଭିତରେ ସବୁ ହାରାମୀ ସମ୍ଭୋଗପ୍ରିୟ। ଏହି ମନ୍ତବ୍ୟକୁ ନେଇ ଇକସନ୍ ସଂସ୍ଥା ପକ୍ଷରୁ ମୁମ୍ବାଇ ପୋଲିସ ନିକଟରେ ଅଭିଯୋଗ ହେବା ପରେ ଏହାର ପ୍ରସାରକାରୀ ସଂସ୍ଥା କ୍ଷମାପ୍ରାର୍ଥନା କରିଥିଲା। କିନ୍ତୁ ଏହି ଆକ୍ଷେପ ୨୩୦ଲକ୍ଷ ଲୋକେ ଦେଖୁଥିବା ସିମାରୁ ଏଣ୍ଟରଟେନମେଣ୍ଟରେ ପ୍ରସାରିତ ହୋଇ ସାରିଥିଲା। ପୁଣି ସେହି କାର୍ଯ୍ୟକ୍ରମରେ ସେ କହିଥିଲେ ମୁନିଋଷିମାନଙ୍କୁ ଧନ୍ୟବାଦ, ଯେଉଁମାନେ ଅଳ୍ପ କିଛି ସଂସ୍କୃତ ଶବ୍ଦ ବ୍ୟବହାର କରି ବଡ ବଡ ଘଟଣା ଲୁଚ୍ଛଇ ରଖିଛନ୍ତି। ଏହାପରେ ସଂସ୍ଥା ସୁରଲିନଙ୍କୁ ନିଜ କାର୍ଯ୍ୟକ୍ରମରୁ ଅଲଗା କରିଥିଲେ। ଏମିତି ମୌଖିକ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ଲୋକଙ୍କ ସଂଖ୍ୟା ଭାରତର ଦୁର୍ବଳ ଗଣତନ୍ତ୍ରର ସମାଜତନ୍ତ୍ରରେ କମ୍ ନୁହେଁ। ଲକଡାଉନ୍ କାଳରେ ୫ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇଥିବା ସଂସ୍ଥା ଇସକନର ସମ୍ମାନ ଏମିତି ମୁଖ ଡାଇରିଆ ରୋଗୀଙ୍କ ପାଇଁ କ୍ଷତିଗ୍ରସ୍ତ ହୋଇଛି ନିଶ୍ଚୟ। ଏକଥା ସତ ଯେ ସୁରଲିନଙ୍କ ପରି ଭାରତରେ ବହୁ ସାର୍ଟିଫିକେଟଧାରୀ ଥିବେ ଯାହାଙ୍କ ଧାରଣା ସଂସ୍କୃତରେ ବହୁତ କମ୍ ଅଥଚ ରାସ୍ତାରେ ସଂସ୍କାର ବିରୋଧୀ ବକ୍ତବ୍ୟରେ ବହୁ ଆଗରେ ରହିଥିବେ। ଏହାକୁ କୁହନ୍ତି ଅଳ୍ପ ବିଦ୍ୟା ଭୟଙ୍କରୀ। ଅର୍ଥାତ୍ ଏମାନେ ସାକ୍ଷର ସତ, କିନ୍ତୁ ଶିକ୍ଷିତ ନୁହଁନ୍ତି। ଶିକ୍ଷିତ କେବଳ ଅକ୍ଷର ଶିକ୍ଷା ପାଇଥିବା ଲୋକଙ୍କୁ କୁହାଯାଇପାରିବ ନାହିଁ। ଶିକ୍ଷିତ ସେମାନେ ଯେଉଁମାନେ ଆଚ୍ଛର, ବ୍ୟବହାର ଏବଂ ବିଚ୍ଛରରେ ସଂଯତ ରହିଥାନ୍ତି। କିନ୍ତୁ ନିଜ ଅଶିକ୍ଷିତପଣିଆକୁ ଲୁଚ୍ଛଇବାକୁ ଯାଇ ଯେଉଁମାନେ ନଜାଣିଥିବା ବିଷୟରେ ବାହାଦୂରୀ ପ୍ରଦର୍ଶନ କରି ସମାଲୋଚନା କରନ୍ତି ସେମାନେ ଶିକ୍ଷିତ ନୁହନ୍ତି। ନିଜ ଆଡକୁ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଯେଉଁମାନେ ସମାଜର ବିଶ୍ୱାସ ଓ ଶୃଙ୍ଖଳାକୁ ସ୍ୱାଧୀନତା ଆଳରେ ନଷ୍ଟ କରନ୍ତି ସେମାନେ ବୁଦ୍ଧିମାନ ନୁହନ୍ତି। ଭାରତରେ ଦୁର୍ବଳ ଆଇନ ଏବଂ ସରକାରଙ୍କ ନୀତି ଯୋଗୁ ଦେଶର ସଂସ୍କୃତି, ସଂସ୍କାର, ଜ୍ଞାନ, ଇତିହାସ ଓ ଧର୍ମକୁ ନେଇ ଅନେକ ଲୋକ ବିଦ୍ୱେଷପୂର୍ଣ୍ଣ ପ୍ରଚ୍ଛର ଚଳାଇଛନ୍ତି। ତାହା କେତେବେଳେ ସିନେମା, ନାଟକ, ମଞ୍ଚ ପ୍ରଦର୍ଶନ, ଟେଲି ସିରିଏଲ, ଛବି, ବିଜ୍ଞାପନରେ ଦେଖିବାକୁ ମିଳୁଛି। ଗତ ଦୀପାବଳି ସମୟରେ ଟାଟାର ଗହଣା କମ୍ପାନୀ ତନିସ୍କ ପକ୍ଷରୁ ଏକ ବିଜ୍ଞାପନ ଜାରି ହୋଇଥିଲା। ଯାହାକୁ ଏକତ୍ୱମ ବା ଏକାତ୍ମ ବୋଲି ପ୍ରଚ୍ଛର କରାଯାଇଥିଲା। ସେହି ବିଜ୍ଞାପନରେ ଅନ୍ତଃଧର୍ମ ବିଶ୍ୱାସ କଥା କୁହାଗଲା ବେଳେ ତାହା ଲଭ୍ ଜିହାଦ୍‌କୁ ସମର୍ଥନ କରୁଛି ବୋଲି ହିନ୍ଦୁମାନେ ଅଭିଯୋଗ କରିଥିଲେ। ଏଥିରେ ଏକ ମୁସଲିମ ଘରେ ହିନ୍ଦୁ ବୋହୂର ଗୋଦ ଭରାଇ କାର୍ଯ୍ୟକ୍ରମ ହେବା ନେଇ ଦେଖାଯାଇଥିଲା। ଏହି ବିଜ୍ଞାପନ ହିନ୍ଦୁ ମହିଳାଙ୍କୁ ମୁସଲିମଙ୍କୁ ବିବାହ କରିବାକୁ ପ୍ରୋତ୍ସାହନ ଦେବାପାଇଁ ଉଦ୍ୟମ ହୋଇଥିବା ଅଭିଯୋଗ ହେବା ପରେ କମ୍ପାନୀ ପକ୍ଷରୁ ୪୫ ସେକେଣ୍ଡର ବିଜ୍ଞାପନକୁ ପ୍ରତ୍ୟାହାର କରାଯାଇଥିଲା। ବଲିଉଡ୍ ଅଭିନେତ୍ରୀ କଙ୍ଗନା ରନୌତଙ୍କଠାରୁ ଆରମ୍ଭ କରି ଅନେକ ସେହି ବିଜ୍ଞାପନ ବିରୋଧରେ ମନ୍ତବ୍ୟ ଦେଇଥିଲେ। ହିନ୍ଦୁ ମହିଳାଙ୍କୁ କେନ୍ଦ୍ର କରି ବିଜ୍ଞାପନ କରୁଥିବା ଲୋକେ କାହିଁକି ମୁସଲିମ ଝିଅଙ୍କୁ କେନ୍ଦ୍ର କରି ଏହା କରୁନାହାଁନ୍ତି ବୋଲି ଲୋକେ ପ୍ରଶ୍ନ କରିଥିଲେ। ତନିସ୍କର ଏହି ବିବାଦୀୟ ବିଜ୍ଞାପନ ପରେ ପରେ ଟାଟା କ୍ଲିକ କମ୍ପାନୀର ଅନ୍ୟ ଏକ ବିଜ୍ଞାପନ ବଜାରକୁ ଆସିଲା। ସେଥିରେ ଦେଖାଗଲା ଜଣେ ଯୁବକ ଯୋଗମୁଦ୍ରାରେ ବସିଛି। ଅଥଚ ତା ଦେହରେ ଲେଖା ହୋଇଛି- ବୋରିଂ। ସେଥିରେ ଅନଲାଇନ୍‌ରେ ଖ୍ରୀଷ୍ଟିଆନ୍ ବିବାହକୁ ପ୍ରଶଂସା କରାଯାଇଥିଲା। ଆଜି କେବଳ ଯେ ବିଜ୍ଞାପନରେ ଦେଶର ସଂସ୍କୃତିକୁ ତାସଲ୍ୟ କରାଯାଉଛି ତା ନୁହେଁ। ହିନ୍ଦୀ ସିନେମା ବିଦେଶରେ ରହୁଥିବା ଗ୍ୟାଙ୍ଗଷ୍ଟାରମାନଙ୍କ ଅର୍ଥରେ ଓ ସ୍ୱାର୍ଥରେ ଚ୍ଛଲୁଥିଲା ବେଳେ ଦେଶ ଭିତରେ ଜିହାଦୀମାନଙ୍କ ଦର୍ଶନରେ ଚ୍ଛଲୁଛି। ସେମିତି ତାମିଲ, ତେଲୁଗୁ ଏବଂ ମଲୟାଲମ୍ ସିନେମା ଖ୍ରୀଷ୍ଟବାର୍ତ୍ତାକୁ ପ୍ରାଧାନ୍ୟ ଦେଉଛି। ଉଦାହରଣ ସ୍ୱରୂପ ଅକ୍ଷୟକୁମାରଙ୍କର ଏକ ସିନେମା ଆସିଲା ଯାହାର ନାମ ଲକ୍ଷ୍ମୀ ବମ୍ ରଖାଗଲା, କାହିଁ ଆଲ୍ଲା କି ମହମ୍ମଦ ବମ୍ ରଖାଗଲା ନାହିଁ ତ? କେବଳ ସେତିକି ନୁହେଁ ଅମିର ଖାଁଙ୍କ ପିକେ ଶୀର୍ଷକ ହିନ୍ଦୀ ସିନେମାରେ ତେତିଶ କୋଟି ହିନ୍ଦୁ ଦେବାଦେବୀଙ୍କୁ ସମାଲୋଚନା କରାଯାଇଥିଲା। ସେମିତି ମେଁ ହୁଁ ନା ଚଳଚ୍ଚିତ୍ରରେ ରାଘବନ ଚରିତ୍ରକୁ ଖରାପ କରି ଉଦ୍ଦେଶ୍ୟମୂଳକ ଭାବେ ବିକୃତ କରାଯାଇଥିଲା। ହିନ୍ଦୀ ସିନେମାର ବିଷୟ ବସ୍ତୁ, ସଂଗୀତ ଆଦିକୁ ଉର୍ଦ୍ଦୁ କୈନ୍ଦ୍ରିକ କରିବା, ଦେଶର ଅଫିସରମାନଙ୍କୁ ଦୁର୍ବଳ ଦେଖାଇବା, ମଠ ମନ୍ଦିରର ପୂଜକମାନଙ୍କୁ ଚରିତ୍ରହୀନ ଦର୍ଶାଇବା, ଜାତିବାଦକୁ ଅଧିକ ସ୍ଥାନ ଦେବାପରି କାର୍ଯ୍ୟ ଅତୀତରେ ସଲିମ- ଜାଭେଦ ଯୋଡି ଯେପରି କରିଥିଲେ ଏବେ ଅମିର- ସଲମାନ ଯୋଡି ସେହିଧାରାକୁ ଆଗକୁ ନେବା ପାଇଁ କାର୍ଯ୍ୟ କରୁଛନ୍ତି। କହିବାକୁ ଗଲେ ୧୯୪୭ରେ କିଛି ଲୋକଙ୍କୁ ଦେଶ ଭଲ ଲାଗିଲା ନାହିଁ ବୋଲି ସେମାନେ ଦେଶକୁ ବିଭାଜିତ କଲେ, ଅଥଚ ଆଜି ମଧ ସେହି ଧାରା ଜାରିରହିଛି ଭାରତକୁ ଆଉଥରେ ବିଭାଜିତ କରିବା ପାଇଁ।

ଦେଶର ହିନ୍ଦୀ ସିନେମାଗୁଡିକରେ କିପରି ଯୋଜନାବଦ୍ଧ ଭାବେ ବିଦ୍ୱେଷ ଓ ଦେଶ ବିରୋଧୀ ଭାବନାକୁ ସ୍ଲୋ ପଏଜନ୍ ଭାବେ ଦର୍ଶକଙ୍କୁ ଦିଆଯାଉଛି ସେ ବିଷୟରେ ଗୁଜୁରାଟର କର୍ଣ୍ଣାବତୀସ୍ଥିତ ଆଇଆଇଏମ୍‌ର ପ୍ରଫେସର ଧୀରଜ ଶର୍ମା ତାଙ୍କର ଗବେଷଣାରେ ପ୍ରକାଶ କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି କିପରି ୭୪ ପ୍ରତିଶତ ସିନେମାରେ ହିନ୍ଦୁ ଓ ଶିଖ ଚରିତ୍ରକୁ ଉପହସିତ କରାଯାଇଛି। ୫୮ ପ୍ରତିଶତ ସିନେମାରେ ହିନ୍ଦୁ ରାଜନେତା ଓ ବ୍ରାହ୍ମଣଙ୍କୁ ଦୁର୍ନୀତିଗ୍ରସ୍ତ ଦର୍ଶାଯାଇଛି। ୬୨ପ୍ରତିଶତ ସିନେମାରେ ହିନ୍ଦୁ ଓ ଜୈନ ବ୍ୟବସାୟୀଙ୍କୁ ଭ୍ରଷ୍ଟାଚ୍ଛରୀ ଦର୍ଶାଯାଇଛି। ୭୮ପ୍ରତିଶତ ସିନେମାରେ ଖ୍ରୀଷ୍ଟିଆନ ମହିଳାଙ୍କୁ ଚରିତ୍ରହୀନା ଦର୍ଶାଯାଇଥିଲା ବେଳେ ୮୪ ପ୍ରତିଶତ ସିନେମାରେ ମୁସଲିମଙ୍କୁ ସଚ୍ଚୋଟ, ଧାର୍ମିକ ଓ ଶାନ୍ତିଦୂତ ଭାବେ ଦର୍ଶାଯାଇଛି, ଯାହା ବାସ୍ତବ କ୍ଷେତ୍ରରେ ଭିନ୍ନ। ଦେଶର ବୋମା ବିସ୍ଫୋରଣଠାରୁ ସନ୍ତ୍ରାସବାଦୀ କାର୍ଯ୍ୟକଳାପର ତାଲିକାରେ ୯୦ ପ୍ରତିଶତ ମୁସଲିମଙ୍କ ସଂପୃକ୍ତି ରହୁଥିଲା ବେଳେ ସିନେମାରେ କିନ୍ତୁ ଭିନ୍ନ କଥା କୁହାଯାଉଛି। ବଲିଉଡର ୨୮ଟି ପାକ୍ ଆଧାରିତ ସିନେମାରୁ ୧୮ଟିରେ ପାକିସ୍ତାନୀ ଲୋକଙ୍କୁ ସ୍ୱାଗତ କରାଯାଇଛି। ସେମାନଙ୍କୁ ଖୋଲା ହୃଦୟବାନ ଓ ସାହସୀ ଭାବେ ଚିତ୍ରଣ କରାଯାଇଛି ଅଥଚ ସେହି ସବୁ ସିନେମାରେ ଭାରତୀୟମାନଙ୍କୁ ସଂକୀର୍ଣ୍ଣ, ପ୍ରାଚୀନପନ୍ଥୀ, ମନ୍ଦ ସ୍ୱଭାବ ସଂପନ୍ନ ଭାବେ ଚିତ୍ରଣ କରାଯାଇଛି। ସଂଖ୍ୟାଧିକ ସିନେମା ଅପରାଧୀ, ସମାଜ ବିରୋଧୀ, ରାଷ୍ଟ୍ର ବିରୋଧୀଙ୍କ କାର୍ଯ୍ୟକଳାପକୁ ନେଇ ନିର୍ମିତ ହୋଇଛି। ବିଶେଷତଃ ପଳାତକ ଅପରାଧୀମାନେ ପାକିସ୍ତାନ, ଦୁବାଇ,ଇଂଲଣ୍ଡ ଏବଂ ଅନ୍ୟାନ୍ୟ ସ୍ଥାନରେ ରହି ମୁମ୍ବାଇର ସିନେମାରେ ଅର୍ଥ ଲଗାଇବା ସହ କିପରି ବିଷୟ ଲେଖାଯିବ ସେ ନେଇ ନିଷ୍ପତ୍ତି ନେଉଛନ୍ତି। ଅମିତାଭ ବଚ୍ଚନ, ମହେଶ ଭଟ୍ଟଙ୍କ ଠାରୁ ଆରମ୍ଭ କରି ଅନେକ କଳାକାର ଏବଂ ନିର୍ମାତାମାନେ ଦେଶ ବିରୋଧୀଙ୍କ ସହ ସଂପର୍କ ରଖିଆସିଛନ୍ତି। ସେମାନଙ୍କର କାର୍ଯ୍ୟକ୍ରମରେ ଯୋଗଦେବାଲାଗି ବିଦେଶ ଯାଉଛନ୍ତି।

କହିବାକୁ ଗଲେ ସ୍ୱାଧୀନତା ପୂର୍ବରୁ ବ୍ରିଟିସ ଲୋକେ ଯେପରି ହିନ୍ଦୁ ବିଦ୍ୱେଷୀ, ଭାରତୀୟ ସଂସ୍କୃତି ବିଦ୍ୱେଷୀ ଏଜେଣ୍ଡା ନେଇ କାର୍ଯ୍ୟ କରିଥିଲେ ସେହିପରି ସ୍ୱାଧୀନତା ପରବର୍ତ୍ତୀ ସମୟରେ ପାଞ୍ଚ ପାଞ୍ଚ ଜଣ ମୁସଲିମ୍ ଶିକ୍ଷାମନ୍ତ୍ରୀ ପୂର୍ବର ବ୍ରିଟିଶ ଲୋକଙ୍କ ହିନ୍ଦୁ ବିଦ୍ୱେଷୀ ଏଜେଣ୍ଡାକୁ ଚ୍ଛଲୁ ରଖିବା ପାଇଁ କେନ୍ଦ୍ର ସରକାରରେ କାର୍ଯ୍ୟ କରିଥିଲେ, ଯାହା ସମସ୍ତଙ୍କୁ ଜଣାଅଛି। ସେମିତି ସଂଗୀତ, ସିନେମା, ସିରିଏଲଗୁଡିକରେ ହିନ୍ଦୁ ବିଦ୍ୱେଷୀ ବିଚ୍ଛର ପ୍ରସାରିତ ହେଉଛି। ସତୁରୀ ବର୍ଷ ଧରି ଏହା କାର୍ଯ୍ୟ ହିନ୍ଦୁମାନଙ୍କ ବିରୋଧରେ ନିରନ୍ତର ହେଉଥିଲା କିନ୍ତୁ ଏବେ ଯଦି କେତେକ ରାଜ୍ୟ ସରକାର ସେ ନେଇ କିଛି ଆଇନ ଆଣୁଛନ୍ତି ତେବେ ବିରୋଧୀ ଦଳମାନଙ୍କ ମୁଣ୍ଡରେ ବଜ୍ରପାତ ହେଲାପରି ମନେ ହେଉଛି। ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ୬୫ବର୍ଷର ଧାରା ୩୭୦ ଓ ୬୪ବର୍ଷର ସିଏଏ, ୪୩ବର୍ଷର ୱାନ ର୍ୟାଙ୍କ ୱାନ ପେନସନ୍,୭୨ବର୍ଷର ତିନି ତଲାକ୍, ୫୯୨ ବର୍ଷର ରାମମନ୍ଦିର, ୭୦ବର୍ଷର ସବୁଘରେ ପାଇଖାନା, ୫୬ବର୍ଷର ଶତପ୍ରତିଶତ ବ୍ୟାଙ୍କଖାତା ଖୋଲିବା, ୩୪ବର୍ଷର ଶିକ୍ଷାନୀତିରେ ପରିବର୍ତ୍ତନ ହେଲାବେଳେ ବିରୋଧୀ କହୁଛନ୍ତି କେନ୍ଦ୍ର ସରକାର କରୁଛି କଣ?

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ସ୍କୁଲ ବନ୍ଦ ହେବା ପରେ...

ପ୍ରସାନ୍ତ ମଲ୍ଲିକ



ମହାମାରୀର ପଟୁଆରି
ଟାଣି ଦେଇଛି କରୋନାର
ଲକ୍ଷ୍ମଣ ରେଖା
ସ୍କୁଲ ହତା ଆଗରେ
ଅଝଟିଆଙ୍କର ସ୍ମିତ ହସ ବନ୍ଧା ପଡ଼ିଛି
ଅନଲାଇନରେ
ଗ୍ରାଜୁଏଟ୍ ବାପା,ମା ମାନେ
ପଞ୍ଚମ ଶ୍ରେଣୀ ପରୀକ୍ଷା ପାଇଁ
ପ୍ରସ୍ତୁତି ହେଉଛନ୍ତି

ସ୍କୁଲ ପଡିଆରେ ଧୂଳି ସବୁକୁ
ଥାକୁଲା ଘାସ ଜାବୁଡ଼ି ଧରିଛନ୍ତି
ଉଡି ଯିବାକୁ ଦେବେ ନାହିଁ ବୋଲି,
କଅଁଳିଆ ହାତଟା ଲାଗୁନି ବୋଲି
ରସିକିଆ ଚାରା ସବୁ
ପାଣି ପିଉ ନାହାଁନ୍ତି
ବୁଢ଼ା ମଉସା ହାତରୁ

ନୋଟିସ ବୋର୍ଡ଼ ବିରକ୍ତ ହେଲାଣି
ସେ ଗୋଟିଏ ନୋଟିସ ସହ
ଗପି ଗପି
ଡେକ୍ସ ବେଞ୍ଚ ଶୀତରେ
ଧୂଳିଆ ଜ୍ୟାକେଟ ପିନ୍ଧି
ଉଷୁମ ହେଉଛନ୍ତି
କଳାପଟା,ଚକ୍ ଓ ଡଷ୍ଟରର
ବିକ୍ଷିପ୍ତ ବିଚ୍ଛେଦ,
ମିଳନ କରିବ କିଏ...!
ସନ୍ତାପିତ ଘଣ୍ଟା ଓ ବାଡ଼ି ସନ୍ତର୍ପଣ
ପାଇଁ ବ୍ୟାକୁଳ...

ନିଆଁଜଳା ପବନଟା ଧସେଇ ପଶୁଚି,
ନେସି ହୋଇ ଯାଉଛି
ଝରକା ଫାଙ୍କରେ
ବୁଢିଆଣୀ ଜାଲ ସବୁ
ଫଡଫାଡ ଫାଡି ଦେଇ, ଧୂଳିଆ କୁର୍ତ୍ତା
ସବୁ ଉତାରି ଦେଉଛି
ଶ୍ରେଣୀ ଗୃହ କାନ୍ଥରେ
ଟଙ୍ଗା ଯାଇଥିବା
ମହା ମାନବମାନଙ୍କର ଉପରୁ
ସ୍କୁଲ ଆକ୍ୱାଗାଡ୍‌ର ତଣ୍ଟି ଶୁଖି ଗଲାଣି
ପାଣି ଟାଙ୍କିଟା ଘୁମାଇ ପଡ଼ିଛି
ଛାତ ଉପରେ

ଗଲା ବର୍ଷାରେ ପିଜୁଳି,ଜାମୁ ଲୁଣିଆ
ଜଳ ଢାଳି ଥିଲେ
ବରଗଛଟା ଅଭିମାନ କରିଛି,
କାଉ,ବଣି ମାନଙ୍କର ଯାଯାବର
ମଧ୍ୟାହ୍ନ ଭୋଜନ ପାଇଁ

ରିକ୍ସାବାଲାଟା ଫେରି ଗଲାଣି
ସହରର ଗହଳିକୁ ଅପେକ୍ଷା କରି କରି
ସ୍କୁଲ ପାଖ ଦୋକାନରେ
ଉଇ ଲାଗିଲାଣି
ସନ୍ଦେସ ମିଠା ବିସ୍କୁଟ
ଚକୋଲେଟ,ତାକୁ ନେବ କିଏ
ସ୍କୁଲ ପାଖ ଦରଜୀର ମାପ ଫିତାଟା
ବଡ଼ ହୋଇଗଲାଣି

ପ୍ରତ୍ୟେକ ଦିନ
ନୀରବତା ଓ କୋଳାହଳର
ପ୍ରତିଯୋଗିତାରେ
ଦୀର୍ଘ ଦିନ ହେବ
ନିରବତାର ଦବ୍ ଦବା

ସମସ୍ତଙ୍କର ଅପେକ୍ଷା ଗୋଟିଏ.....!
ସତ ସ୍ମିତ ହସକୁ...!

+ଭିଲ୍ଲା,ଗୋପାଳପୁର,ବାଲେଶ୍ୱର
୯୫୮୩୫୪୮୮୨୭



## କବିତା କୋଣାର୍କ

### ମୃତ୍ୟୁର ପାଲିଙ୍କି...

ପୁସ୍ତମ୍ ଯୁଆଡି

ସକାଳଟେ ଆସିଛି
ଖୁବ ଦିନପରେ ଅଗଣାକୁ
ନିଃଶବ୍ଦ ଭାବେ
ପାଲିଙ୍କି ଧରି।

ଗୋଟେ ମୁହର୍ତ୍ତର ଅଭାବବୋଧ
ଯାହା ପାଇଁ ଅସହ୍ୟ
ସେ ପଠେଇନି ତ
ଏ ପାଲିଙ୍କି!!

ଯିଏ ଧାରେ ସମୟ ମାଗି
ଯାଇଛି ଶାଶୁଘର
କାହା ସଂସାର ସଜାଡି
ସିଏ ପଠେଇନି ତ
ଏ ଅବିଶ୍ୱାସର ପାଲିଙ୍କି !!

ନା, ଯାହା ବି ହେଉ
ଯିବାକୁ ହେବ
ସ୍ମୃତି ସବୁକୁ ଦଉଡିରେ ବାନ୍ଧି
ସ୍ୱପ୍ନ ସବୁକୁ ଗଣ୍ଠିଲି କରି
ଜୀବନ ମାନଙ୍କୁ ଗହନା ପକେଇ
ଆଶା ଓ ବିଶ୍ୱାସକୁ ଛୁରୀ ମାରି
ତା କତିକୁ।

ମୁକୁଳେଇବାକୁ ହେବ
ନିଶ୍ୱାସ ପ୍ରଶ୍ୱାସକୁ ତାର
ଏଇ ତ ସମୟର ଭିନ୍ନ ମୋଡ଼
ଯିବାକୁ ହେବ ଆରପାରିକୁ
ନିଜ ସହ ନିଜେ ଲଢ଼ି
ହାରିବାକୁ ହେବ
ଆଉ ଗୋଟେ ଜୀବନ ଯୁଦ୍ଧ।

ଆଶା ଓ ବିଶ୍ୱାସକୁ ମାରିବା ପରେ
ଅବିଶ୍ୱାସ ବୋଲି କିଛି ଥାଏ କି ?
ଉଚ୍ଛୁର କିଆଁ
କାଳେ ସିଏ ପଠେଇ ଥାଇପାରେ
ମୃତ୍ୟୁର ପାଲିଙ୍କି,
ହସି ହସି ବସିବାକୁ ହେବ।

+ଭୁଡିବାହାଲ, ଗାଇସିଲାଟ,
ବରଗଡ଼
ମୋ-୬୩୭୧୪୧୯୩୩୪

## କୋଇଲି ବୈକୁଣ୍ଠର ବୃତ୍ତାନ୍ତ

ଶଙ୍କର ଚରଣ ରାଉତ

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ। ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ। ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି। ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି। ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା।
ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ। ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା। ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି।



ଶ୍ରୀକୃଷ୍ଣ ନିତ୍ୟ ଗୋଲକ ବୈକୁଣ୍ଠରେ ସର୍ବଦା ରାସଲୀଳା ରଚନା କରନ୍ତି। ସହଚରୀମାନେ ମୃଦଙ୍ଗ, ଚାମର, କରତାଳ ଇତ୍ୟାଦି ଧରି ବଜାଇବା ସଙ୍ଗେ ସଙ୍ଗେ ନୃତ୍ୟ କରୁଥାନ୍ତି। ଏହା ଏକ ଗୁପ୍ତ ସ୍ଥାନ। ବିଷ୍ଣୁ ଓ ଶ୍ରୀଦାମଙ୍କ ନିଜ ପାର୍ଷଦମାନଙ୍କ ବ୍ୟତୀତ ଅନ୍ୟକେହି ଏଥିରେ ଅଂଶଗ୍ରହଣ କରନ୍ତି ନାହିଁ। ଏହି ରାସସ୍ଥଳୀର ଦ୍ୱାରରେ ଶ୍ରୀଦାମ ଦ୍ୱାରୀ ଭାବରେ ରହିଥାନ୍ତି। ଥରେ ଶ୍ରୀରାଧା ଡେରିରେ ରାସସ୍ଥଳୀକୁ ଆସିଲେ। ବିଷ୍ଣୁଙ୍କ ପାଖରେ ରାସସ୍ଥଳୀରେ ଶ୍ରୀରାଧାଙ୍କର ସଖୀ ବିରଜା ଥିଲେ। ଶ୍ରୀଦାମ ଶ୍ରୀ ରାଧାଙ୍କୁ ଦ୍ୱାର ନ ଛାଡିବାରୁ, ଶ୍ରୀ ରାଧା ଶ୍ରୀ ରାମଙ୍କୁ ମର୍ତ୍ତ୍ୟରେ ରାକ୍ଷସ ଭାବରେ ଜନ୍ମ ଗ୍ରହଣ କରିବା ପାଇଁ ଅଭିଶାପ ଦେଲେ। ଶ୍ରୀ ଦାମ ମଧ ଶ୍ରୀରାଧାଙ୍କୁ ଅଭିଶାପ ଦେଲେ- ସେ ମର୍ତ୍ତ୍ୟରେ ମାନବୀ ରୂପରେ ଜନ୍ମଗ୍ରହଣ କରିବେ ଓ ଶ୍ରୀ ବିଷ୍ଣୁଙ୍କ ବିରହରେ ମୃତ୍ୟୁ ପର୍ଯ୍ୟନ୍ତ କାଳ କାଟିବେ। ଶ୍ରୀରାଧା ରାସସ୍ଥଳୀରେ ଶ୍ରୀ ବିଷ୍ଣୁଙ୍କ ନିକଟରେ ବିରଜାଙ୍କୁ ଦେଖି, ମର୍ତ୍ତ୍ୟରେ ନଦୀ ରୂପରେ ବୋହିଯିବା ପାଇଁ ଅଭିଶାପ ପ୍ରଦାନ କଲେ। ବିରଜା ମଧ ଭୟରେ ପଳାଇଲେ। ଏହାପରେ ସମସ୍ତେ ବିବ୍ରତ ହୋଇ ଶ୍ରୀ ବିଷ୍ଣୁଙ୍କ ଶରଣ ନେଲେ। ଶ୍ରୀ ବିଷ୍ଣୁ ସମସ୍ତଙ୍କୁ ଆଶ୍ୱାସନା ଦେଇ କହିଲେ- ତୁମ୍ଭମାନଙ୍କୁ ଅଭିଶାପରୁ ମୁକ୍ତ କରିବା ପାଇଁ ଦ୍ୱାପର ଯୁଗରେ ମୁଁ ମର୍ତ୍ତ୍ୟରେ କୃଷ୍ଣ ରୂପରେ ପ୍ରକଟ ହେବି। ମଥୁରା, ବୃନ୍ଦାବନ ଓ ଗୋପ ମୋର ଲୀଳା ସ୍ଥାନ ହେବ। ମୁଁ ଷୋହଳ ବର୍ଷ ଯାଏଁ ବୃନ୍ଦାବନରେ ରହିବି। ମୋ ଜନ୍ମ ଠାରୁ ଷୋହଳ ବର୍ଷ ଯାଏଁ ଯିଏ ଜନ୍ମ ହେବ ସେ ନପୁଂସକ ହେବ। ବିରଜା ମର୍ତ୍ତ୍ୟରେ ଯମୁନା ନଦୀ ରୂପରେ ପ୍ରବାହିତ ହେବ। ଯମୁନା ପୁଳିନ କୁଞ୍ଜବନରେ ମୁଁ ଗୋପୀ ଗୋପାଳ ମାନଙ୍କୁ ନେଇ ନାନା ଖେଳା ଲୀଳା ରଚନା କରିବି। କାଳ ଯବନ ମଥୁରାର ରାଜା କଂସ ରୂପରେ ଜନ୍ମ ଗ୍ରହଣ କରିବ। ମୁଁ ବୃନ୍ଦାବନରେ ନାନା ଲୀଳା ତୁମ ସହିତ ରଚନା କରି, ମଥୁରାକୁ ଚାଲିଯିବି। କିନ୍ତୁ କୋଇଲି ବୈକୁଣ୍ଠର ଏହି ଘଟଣାରେ ମୁଁ ବ୍ରହ୍ମାଙ୍କ ସହ ବିଚାର କରିନାହାନ୍ତି। କିନ୍ତୁ ପ୍ରଳୟ ସମୟ ଶେଷ ହେବାକୁ ବସିଲାଣି। ବର୍ତ୍ତମାନ କିପରି ପୃଥିବୀ ସର୍ଜନା ହେବ ଏବଂ ସମୁଦ୍ର ଉପରେ କିପରି ମେଦିନୀ ସୃଷ୍ଟି ହେବ ତାର ବିଚାର ମୋତେ କରିବାକୁ ହେବ ଏବଂ ପ୍ରଥମେ କେଉଁ ଅବତାରରୁ ମେଦିନୀ ଆରମ୍ଭ ହେବ ଏବଂ କେଉଁ ଦିନ ପୃଥିବୀ ଧ୍ୱଂସ ହେବ କାହା ପରେ କେଉଁ ଅବତାର ହେବ, କେଉଁ ଅବତାରରେ କେଉଁ କାର୍ଯ୍ୟ କରିବାକୁ ହେବ ଏବଂ ସ୍ୱର୍ଗ ମର୍ତ୍ତ୍ୟ ଓ ପାତାଳ ଗଠନ ହେବ, କେଉଁ ଧାର୍ମିକ ଲୋକ ଧାର୍ମିକ ଚାଷୀ ଏଥିରେ ଭାଗ ନେବେ ଏବଂ କେଉଁ ଦୁଷ୍ଟ ଲୋକମାନଙ୍କୁ ବିନାଶ କରିବାକୁ ପଡିବ ଏହି ବିଷୟରେ ଚିନ୍ତାକରି ମନୁଋଷୀ ଏବଂ ତୁମକୁ କହିବି।

+ବାଲେଶ୍ୱର



# ଆମ ଓଡ଼ିଆ ଚଳଚ୍ଚିତ୍ର ପ୍ରସଙ୍ଗ...

ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ଦିଗରେ ପ୍ରଯୋଜକମାନେ କୁଣ୍ଠିତ ହେଲେଣି । କେବଳ ଟି.ଭି. ଚ୍ୟାନେଲ୍ ଗୁଡ଼ିକ ନିଜ ପ୍ରଯୋଜନା ଜରିଆରେ ଯାହା ଓଡ଼ିଆ ଚଳଚ୍ଚିତ୍ର କରିବେ ତାହା ବାଧ୍ୟ ବାଧକତାରେ ଟି.ଭି. ମାଧ୍ୟମରେ ଦେଖିବା ସାର ହେବ । ପ୍ରେକ୍ଷାଳୟ ସଂଖ୍ୟା କମ୍ ବେଳେ ଆର୍ଥିକ ଦିଗରୁ ପ୍ରଯୋଜକମାନେ ପୂର୍ବାପେକ୍ଷା କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ କରିବା ଦିଗରେ ପଶ୍ଚାତପଦ ହେଉଛନ୍ତି । ମନ ମୁତାବକ ଓଡ଼ିଆ ଚଳଚ୍ଚିତ୍ର ଗୋଟାକ ପରେ ଗୋଟିଏ କରୁଥିବା ପ୍ରଯୋଜକମାନେ ଅନ୍ୟାନ୍ୟ ବ୍ୟବସାୟରେ ଅର୍ଥବିନିଯୋଗ କରୁଛନ୍ତି । ସାମ୍ପ୍ରତିକ ଚଳଚ୍ଚିତ୍ର ପରିସ୍ଥିତିକୁ ଲକ୍ଷ୍ୟ କରି ଯାହାଙ୍କର ଓଡ଼ିଆ ପ୍ରଯୋଜନାରେ ସାମାନ୍ୟତମ ଧାରଣା ନାହିଁ, ସେଇ କେତୋଟି ଖୁଚୁରରା ପ୍ରଯୋଜକମାନଙ୍କୁ 'ଜୋକର୍' ବନେଇ ନିର୍ଦ୍ଦେଶକମାନେ ନିଜକୁ ଦୋଷମୁକ୍ତ କରୁଛନ୍ତି । ଓଡ଼ିଆ ସିନେମା ପାଇଁ ବଜେଟ୍ ପ୍ରାରମ୍ଭିକ ଅବସ୍ଥାରେ ଗୋଟିଏ କଥା । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଯୋଜକଟିଙ୍କୁ ଅର୍ଥ ଦେବାରେ କୁଣ୍ଠାଗ୍ରସ୍ତ ହୋଇପଡ଼େ । ସେଥିରୁ ସେ ମୁକ୍ତି ପାଇଁ ନିଜେ ବାଟ ଖୋଜୁଛି । ନୂଆ ଚଳଚ୍ଚିତ୍ରର ଶୁଭମୁକ୍ତି ପାଇଁ ବିତରକମାନେ ଆପେ ଆପେ ଧରା ଦେଇ ପ୍ରଯୋଜକଙ୍କୁ ଅତି ସରଳ ଭାଷାରେ ଏପରି ବୁଝାଇଥାନ୍ତି ଯେ, ପ୍ରଯୋଜକଟି ନିଜକୁ ଆଶ୍ୱସ୍ତି ଅନୁଭବ କରି ଶେଷ ପର୍ଯ୍ୟାୟରେ ଅନେକ ଅନୁଭୂତି ପାଇ ଯାଇଥାଏ । ବିତରକ ସରଳତାର ସୁଯୋଗ ନେଇ ଅର୍ଥ ବାଟମାରଣା କରିଥାଏ । ବିଚାରା ପ୍ରଯୋଜକଟି ଆଖିଥାଇ ଅନ୍ଧ ପାଲଟି ଯାଏ ।

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ମିଳିଛି । ହେଲେ ଷ୍ଟୁଡିଓ ଓ ନିଗମର ଗମନାଗମନ ପାଇଁ ସଠିକ୍ ମାର୍ଗଦର୍ଶକ ନାହାଁନ୍ତି । ଫଳରେ ଅଚଳାବସ୍ଥା ମଧ୍ୟରେ ଉଭୟ କାର୍ଯ୍ୟ କରୁଛି । ସରକାର ଓଡ଼ିଆ ଚଳଚ୍ଚିତ୍ରକୁ ସଂପୂର୍ଣ୍ଣ ଟିକସ ମୁକ୍ତ କଲେ ମଧ୍ୟ ଏହାର ପ୍ରକୃତ ଫାଇଦା ପ୍ରଯୋଜକଟିଙ୍କୁ ମିଳେନାହିଁ । ଆମେ କେବଳ ସଭାସମିତିରେ ଓଡ଼ିଆ ଚଳଚ୍ଚିତ୍ରର ସମୃଦ୍ଧ କଥା ଭାଷଣ ମାରି ନିଜ ନିଜର ଆତ୍ମ ବଡ଼ିମା କଥା କହି ଶ୍ରୋତାମାନଙ୍କୁ ଭଣ୍ଡାଇ ଥାଉ । ଓଡ଼ିଶାର ଭଲ ପର୍ଯ୍ୟଟନସ୍ଥଳୀ ଫଟୋଚିତ୍ରରେ ପ୍ରଦର୍ଶିତ କରି ସୁଂଟି ପାଇଁ ବିଦେଶ ଓ ଅନ୍ୟାନ୍ୟ ରାଜ୍ୟର ଚିତ୍ର ନିର୍ମାତାମାନଙ୍କୁ ଆହ୍ୱାନ କରୁଥିଲେ ମଧ୍ୟ ପର୍ଯ୍ୟଟନସ୍ଥଳୀ ମାନଙ୍କରେ ରହିବା ପାଇଁ ଭଲ ହୋଟେଲ କି ପାନ୍ଥଶାଳା ନାହିଁ । କଳିଙ୍ଗ ଷ୍ଟୁଡିଓର ପୁର୍ନବିନ୍ୟାସ ହେବା କିଛି ବଡ଼ କଥା ନୁହେ । ୧୯୯୯ ମହାବାତ୍ୟା ପରେ ଷ୍ଟୁଡିଓକୁ ରୂପରେଖ ଦେବାପାଇଁ ଦୀର୍ଘ ୨୧ବର୍ଷ ଲାଗିଲା । ଏହି କରୋନା ମହାମାରୀ ବେଳେ ପ୍ରଯୋଜକମାନେ ଚଳଚ୍ଚିତ୍ରରେ ଅର୍ଥ ବିନିଯୋଗ କରିବା ଦିଗରେ ବିମୁଖ ହେଉଛନ୍ତି ।

ବେସରକାରୀ ସ୍ତରରେ ମନୋରମ ସେଟ୍ ବ୍ୟବହାର ଉପଯୋଗୀ କରିବା ପାଇଁ ଅନେକ ଷ୍ଟୁଡିଓ କରାଯାଇଛି, ଯାହାକି ଏଯାବତ୍ ଚଳଚଂଚଳ ହୋଇରହିଛି । କଳିଙ୍ଗ ଷ୍ଟୁଡିଓରେ କାର୍ଯ୍ୟ କଲେ ପ୍ରଯୋଜକଙ୍କୁ ରିହାତି ମିଳିବା ଦରକାର ।

ଓଡ଼ିଆ ଚଳଚ୍ଚିତ୍ରର ଦର୍ଶକ ସଂଖ୍ୟା କମିବାର କାରଣ ହେଲା, ଆମ ଓଡ଼ିଆ ଚଳଚ୍ଚିତ୍ର ନାମରେ ଅଣ ଭାଷାଭାଷୀ ଚଳଚ୍ଚିତ୍ରର ଅବିକଳ ନକଲ ଚଳଚ୍ଚିତ୍ର ଦେଖି ଆତ୍ମତୃପ୍ତି କରୁଛେ । ଆମ ସାହିତ୍ୟ ସଂସ୍କୃତିର ଛାପା ସେଥିରେ କମ୍ ପ୍ରଦର୍ଶିତ ହେଉଛି । ଉତ୍ତାରୁ ଚଳଚ୍ଚିତ୍ର ନିର୍ମାଣ କରିବା ନିର୍ଦ୍ଦେଶକ-ପ୍ରଯୋଜକମାନଙ୍କୁ କମ୍ ସମୟ ବିନିଯୋଗ ହେଉଛି । ଅର୍ଥ ଲଗାଉଥିବା ବ୍ୟକ୍ତି ଅର୍ଥ ପାଇବା ଆଶାରେ ଖଟୁଛି । ତେଣୁ ସଂସ୍କୃତି ଓ ସାହିତ୍ୟ ପ୍ରତି ଦରଦ ରହିବ ବା କେମିତି । ଓଡ଼ିଆ ନିର୍ଦ୍ଦେଶକମାନେ ନିଜକୁ ନିର୍ଦ୍ଦୋଷ କହି ନୀରବତା ମଧ୍ୟରେ ରହିଯାଉଛନ୍ତି । ସଂପ୍ରତି ଅଣ ଓଡ଼ିଆ ନୃତ୍ୟ ନିର୍ଦ୍ଦେଶକମାନେ ଓଡ଼ିଆ 'ଚଳଚ୍ଚିତ୍ର' ବନି ଗଲେଣି । ତାଙ୍କ ମନରେ ପରମ୍ପରା କଥା ସଂସ୍କୃତିର ଗାଥା ମନ ଉଙ୍କି ମାରିବ କିପରି ? ବ୍ୟବସାୟିକ ଓଡ଼ିଆ ଚଳଚ୍ଚିତ୍ର 'ଛ' ମାଣ ଆଠଗୁଣ୍ଠ', 'ଶାସ୍ତି' କିମ୍ବା 'ବଧୂ ନିରୂପମା', ପରି ଓଡ଼ିଆ ଚଳଚ୍ଚିତ୍ର ଯଦି ପ୍ରେକ୍ଷାଳୟରେ ଭଲ ନ ଚାଲିଲା ତାହା କଣ ନିର୍ମାତାଙ୍କ ଭୁଲ୍ । ଓଡ଼ିଆ ଚଳଚ୍ଚିତ୍ର 'ଗଙ୍ଗା ଯମୁନା', 'ଆଇ ଲଭ୍ ୟୁ', 'ଶାଶୁ ଘର ଚାଲିଯିବି', ଏହା ସୁପରହିଟ୍ (ଓଡ଼ିଆ ନାମକରଣର) ଅଣ ଓଡ଼ିଆ ଚଳଚ୍ଚିତ୍ର- ଦେଖି ଦର୍ଶକ ଖୁସି ହେଲେ । ଭଲ ଓଡ଼ିଆ କାହାଣୀ ନିର୍ମାତା ଅଣ ଓଡ଼ିଆ ଉତ୍ତାରୁ ନିର୍ମାତାମାନେ କଣ ଏପରି କଲେ ଯେ, ବିଚାରା ପ୍ରଯୋଜକ ସୁପରହିଟ୍ କାନରେ କେବଳ ଶୁଣି ନିଜ ଅର୍ଥରେ ସୁପରହିଟ୍ ବିଜ୍ଞାପନ ଦର୍ଶନ କରି ନିରବତା ମଧ୍ୟରେ ରହିଗଲା । ପ୍ରକୃତପକ୍ଷେ ସେ ପୁଣି ସୁପରହିଟ୍ ଅର୍ଥ ଫେରି ପାଇଛି କି ? ପରସ୍ପର ପରସ୍ପରକୁ ଦୋଷ ଦେଇ ଆମେ ନିଜକୁ ନିଜେ ଆତ୍ମ ସମୀକ୍ଷା କରୁଛେ । ୮୪ବର୍ଷର ଓଡ଼ିଆ ଚଳଚ୍ଚିତ୍ରର ୭୦/୮୦ ଦଶକର ଉଦାହରଣ ଦେଇ ସେଇ ପୁରୁଣା କଥା ପୁନରାବୃତ୍ତି କରିବା ଆଉ କେତେଦିନ । ପୁନା ତଥା ଅନ୍ୟାନ୍ୟ ଚଳଚ୍ଚିତ୍ର ପ୍ରଶିକ୍ଷଣରୁ ପାଶ୍ ଛାତ୍ରଛାତ୍ରୀଙ୍କଠାରୁ ଓଡ଼ିଶାରେ ସହଯୋଗୀ ନିର୍ଦ୍ଦେଶକମାନେ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି । ଚଳଚ୍ଚିତ୍ର ପ୍ରଶିକ୍ଷଣ ଓଡ଼ିଶାରେ ସରକାରୀ ଓ ବେସରକାରୀ ସ୍ତରରେ ହେଲେ ମଧ୍ୟ ସେଥିରେ ସୁଫଳ ମିଳିଲା ନାହିଁ । କେବଳ ଏଥିରେ ଅଧ୍ୟାପନା ଦେଉଥିବା ଅଧ୍ୟାପକମାନେ ନିଜ ନିଜର ଚଳଚ୍ଚିତ୍ର ମାଧ୍ୟମରେ ସ୍ଥିତି ରକ୍ଷା କଲେ । ଆମେ ପ୍ରତିବର୍ଷ ଓଡ଼ିଆ ଚଳଚ୍ଚିତ୍ର ସଂଖ୍ୟା ଗଣି ଗଣିତ ପରି ହିସାବ କରୁଛୁ, ମାତ୍ର ଗୁଣାତ୍ମକ ଦୃଷ୍ଟିରୁ ବ୍ୟବସାୟିକ ଚଳଚ୍ଚିତ୍ର ଗୁଡ଼ିକ ସେପରି ଭଲ ବ୍ୟବସାୟ କରୁନାହିଁ । କେବଳ ମନକୁ ଆଶ୍ୱାସନା ଦେଇ ମନ ବୁଝା କଥା ସାକ୍ଷାତକାର ମାନଙ୍କରେ କହି ବାହାସ୍ୱଟ ମାରୁଛୁ । ଓଡ଼ିଆ ଚଳଚ୍ଚିତ୍ରର ସଂଗୀତ ସାଂଘାତିକ ହେଲାଣି । ଭାଷା ଉପରେ ଗୀତିକାରମାନେ ନଜର ଦିଅନ୍ତୁ । ବ୍ୟବସାୟୀକ ନାଁରେ ଅଳନ୍ଦୁ ଗୀତ କରନ୍ତୁ ନାହିଁ, ଯାହାକି ସମାଜକୁ ସାମାଜିକ ସ୍ତରରେ କଳୁଷିତ କରିବ । ଓଡ଼ିଶାରେ ଭଲ ସିନେମା ପାଇଁ ଯେଉଁମାନେ ଦାବିଦାର ଥିଲେ ସେମାନଙ୍କ କାର୍ଯ୍ୟରେ ସେତେଟା ସିଦ୍ଧିଲାଭ ହେଲାନାହିଁ । ବରଂ ବ୍ୟବସାୟିକ ଓ କଳାତ୍ମକ ଦୃଷ୍ଟିକୋଣରୁ ନିର୍ଦ୍ଦେଶକମାନେ ବାସ୍ତବଧର୍ମୀ ଚଳଚ୍ଚିତ୍ରଗୁଡ଼ିକୁ ପ୍ରତିବର୍ଷ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠା ଆଣୁଛି । ତାହା ଆମ ଓଡ଼ିଶାର ଚଳଚ୍ଚିତ୍ର ଜଗତ ପାଇଁ ସବୁଠାରୁ ଖୁସି ଖବର । ଭଲ ସିନେମା ପାଇଁ ପ୍ରୋତ୍ସାହନ ଚଳଚ୍ଚିତ୍ର ଉନ୍ନୟନ ନିଗମ ଦେଲାନାହିଁ । ଫଳରେ କେହି ଭଲ ପ୍ରଯୋଜକ ରିସ୍କ ନେଇ ଆଉ ଅର୍ଥ ଶ୍ରାଦ୍ଧ କରୁନାହାଁନ୍ତି ।

ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ଅନେକ ନିର୍ଦ୍ଦେଶ ଥିଲେ ମଧ୍ୟ ପ୍ରତିଯୋଗୀତାରେ ପ୍ରତିଯୋଗୀ ମନୋଭାବ ନେଇ ଯେଉଁମାନେ ଓଡ଼ିଆ ଚଳଚ୍ଚିତ୍ରର ସ୍ଥିତି ରକ୍ଷା କରୁଛନ୍ତି ସେମାନେ ୮୪ବର୍ଷର ଚଳଚ୍ଚିତ୍ର ଜଗତ ପାଇଁ ଧନ୍ୟବାଦର୍ହ । ସିନେମା ପରି ବଳିଷ୍ଠ ଗଣମାଧ୍ୟମରେ ଦର୍ଶକମାନଙ୍କ ମନକୁ ଛୁଇଁଲା ପରି ଚଳଚ୍ଚିତ୍ର ନିର୍ମାଣ ହେଉ ଯାହାକି ଚିତ୍ର ଜଗତର ଇତିହାସରେ ଲିପିବଦ୍ଧ ହେବ । ବର୍ତ୍ତମାନର ସାଂପ୍ରତିକ ପରିସ୍ଥିତିରେ ଓଡ଼ିଆ ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଶୁଭମୁକ୍ତି ଅପେକ୍ଷା ଅନ୍‌ଲାଇନ୍ ଟି.ଭି. ଚ୍ୟାନେଲ ମାଧ୍ୟମରେ ବିଶେଷ ପ୍ରଦର୍ଶିତ ହେବାପାଇଁ ସୁଯୋଗ ସୃଷ୍ଟି ହେଉଛି । କରୋନା ମହାମାରୀ ଯୋଗୁ ସଂପୂର୍ଣ୍ଣ ବନ୍ଦ ଥିବା ପ୍ରେକ୍ଷାଳୟକୁ ପରିବର୍ତ୍ତିତ ସମୟରେ ଯିବା ସମ୍ଭବ ହେବନାହିଁ । ସେଥିପାଇଁ ଭଲ ପ୍ରଯୋଜକ ସଂସ୍ଥା ପାଇଁ ଶିଳ୍ପ ବିଭାଗ ପକ୍ଷରୁ ପୁଂଜି ଯୋଗାଇ ଦେବା ଦରକାର । ମହାମାରୀ ବେଳେ ଅସୁସ୍ଥ ଅବସ୍ଥାକୁ ସରକାର ସୁସ୍ଥତା କରିବା ଦିଗରେ ସହଯୋଗ କରୁଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ସିନେମା ଶିଳ୍ପ ପାଇଁ ଦୃଷ୍ଟି ଦେବା ନିତାନ୍ତ ଜରୁରୀ ।

+ସମ୍ପାଦକ, ଓଡ଼ିଆ ସିନେକ୍ରିଟିକ୍ ଆସୋସିଏସନ୍
ବଡ଼ଗଡ଼, ଭୁବନେଶ୍ୱର-୧୮

# 'ଧୁମ୍-୪'ରେ ଖଳନାୟିକା ହେବେ ଦୀପିକା



ହିନ୍ଦୀ ଚଳଚ୍ଚିତ୍ରର ଅନ୍ୟତମ ପ୍ରମୁଖ ଅଭିନେତ୍ରୀ ଦୀପିକା ପାଦୁକୋନ୍ 'ଧୁମ୍-୪'ରେ ଖଳାନାୟିକା ଚରିତ୍ରରେ ନଜର ଆସିବେ । ଏଥିପାଇଁ ଯଶରାଜ୍ ବ୍ୟାନର୍ ପକ୍ଷରୁ ଦୀପିକାଙ୍କ ସହ କଥାବାର୍ତ୍ତା ସରିଛି । ଚଳିତବର୍ଷ ଶେଷରେ ଚଳଚ୍ଚିତ୍ର ସୁଟିଂ ଆରମ୍ଭ ହେବ ବୋଲି ଶୁଣିବାକୁ ମିଳୁଛି । ଧୁମ୍ ପ୍ରଥମ ଭାଗରେ ଜନ୍ ଆବ୍ରାହାମ୍ ଚୋର ଭୂମିକାରେ ଅଭିନୟ କରିଥିବା ବେଳେ ଦ୍ୱିତୀୟ ଭାଗରେ ହ୍ରିତିକ ରୋଶନ୍, ତୃତୀୟ ଭାଗରେ ଅମୀର ଖାନ ଚୋର ଚରିତ୍ରରେ ନଜରରେ ଆସିଥିଲେ । ତେବେ ଚତୁର୍ଥ ଭାଗରେ ଜଣେ ମହିଳାଙ୍କୁ ଷ୍ଟାଇଲିସ୍ ଚୋର ଭାବେ ବଛାଯିବାକୁ ନେଇ ଦର୍ଶକଙ୍କ ମଧରେ ଉତ୍ସାହ ପ୍ରକାଶ ପାଉଛି ବୋଲି ସାମାଜିକ ଗଣମାଧମରୁ ଜଣାପଡ଼ିଛି ।

**କୋଭିଡ କଟକଣାରେ କୋହଳ ଓ ସିନେମାହଲ ଖୋଲିବାନେଇ ସରକାରୀ ନିର୍ଦ୍ଦେଶନାମାରେ ଓଲିଉଡ ପୁଣିଥରେ ଚଳଚଂଚଳ ହୋଇଉଠିଛି । ଲକ୍‌ଡାଉନ୍ ସଟ୍‌ଡାଉନ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିଲା । ଛୋଟ ପରଦା ପାଇଁ ଧାରାବାହିକ ଓ ସାଟେଲାଇଟ୍ ଚିତ୍ର ନିର୍ମାଣ ଯାହା ଚାଲୁ ରହିଥିଲା । ତତଥା କିଛି ନିର୍ମାତା ଚଳଚ୍ଚିତ୍ର ନିର୍ମାଣ କରିଚାଲିଥିଲେ । ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ର ମୁକ୍ତି ଅପେକ୍ଷାରେ ଅଛି । କମ୍ ବଜେଟରେ ନୂଆ ଅଭିନେତା ଅଭିନେତ୍ରୀଙ୍କୁ ନେଇ ରୋଚକ କାହାଣୀ ଉପରେ ଚଳଚ୍ଚିତ୍ର ନିର୍ମାଣକୁ ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଦାନ କରାଯାଉଛି ।**

## ସ୍ୱପ୍ନାଙ୍କ ସ୍ୱପ୍ନ

ଆଉ ଜଣେ ନୂଆ ନାୟିକା ସ୍ୱପ୍ନା ପୁହାଣଙ୍କର ଓଲିଉଡରେ ପ୍ରବେଶ ଘଟିଛି । ଲୋକପ୍ରିୟ ମୋ ସିନେଷ୍ଟାରକି ଖୋଜରେ ପ୍ରଥମ ରନରସ୍ କପ ବିଜେତା ମଂଜରୀ ଚ୍ୟାନେଲପାଇଁ ଏକ ମୁର୍ତ୍ତିରେ ଅଭିନୟ କରନ୍ତି । ପରେ ପରେ ସିଦ୍ଧାର୍ଥ ଟି.ଭି ନିମନ୍ତେ ପ୍ରସ୍ତୁତ ଚଳଚ୍ଚିତ୍ର ଏବଂ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁଙ୍କ ଆଗାମୀ ଚଳଚ୍ଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଆସୁଛନ୍ତି । ତାଙ୍କର ଅନେକ ଆଲବମ୍ ଖୁବ୍ ଆଦୃତ ହୋଇଛି । ଓଡ଼ିଆ ଚଳଚ୍ଚିତ୍ରରେ ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରିବା ତାଙ୍କ ସ୍ୱପ୍ନ ।



## ନାୟକ ଦୌଡ଼ରେ ଦୀପକ

ଏକଦା ଆଲବମରର ସୁପରହିଟ୍ ନାୟକ ଡ୍ୟାନ୍ସର ଦୀପକ ବାରିକ ଓଲିଉଡ ସିନେ ଦୁନିଆରେ ପ୍ରବେଶ କରି ବେଶ୍ ସଫଳତା ଅର୍ଜନ କରିପାରିଛନ୍ତି । ଚାନ୍ଦନା ତୁମେ ତାରା, ମନ ମୋର ପ୍ରଜାପତି, ସପନର ନାୟିକ ପ୍ରଭୃତି ଅନେକ ଗୁଡ଼ିଏ ସଫଳ ଚଳଚ୍ଚିତ୍ରରେ ଭେଟି ଦେଇଛନ୍ତି । ତେବେ ଆଗକୁ ଯାଇ ଦୁଇଟି ଚଳଚ୍ଚିତ୍ର 'ପଲପଲ ତତେ ଚାହେଁ' ଏବଂ 'ଏଇବୋଧେ ଭଲପାଇବା' ମୁକ୍ତି ଅପେକ୍ଷାରେ । ଦୁଇଟିଯାକ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୁଧାକର ବସନ୍ତ ଏବଂ ସଂଳାପ ଡ. ରଜନୀରଂଜନ । ପ୍ରଶାସନିକ ଅଧିକାରୀ କବି ରଂଜନ ଦାସଙ୍କ କାହାଣୀକୁ ନେଇ ଏଇ ବୋଧେ ଭଲ ପାଇବାର ନାୟିକା ଅଛନ୍ତି ଅନୁଭା ଓ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ।



## ଏଲିନାଙ୍କ ନୂଆ ନାୟକ

ଆଗଧାଡ଼ିର ନାୟିକା ଏଲିନା ନିଜ ଅଭିନୟ ପାଇଁ ସବୁବେଳେ ଚର୍ଚ୍ଚାରେ ଥାନ୍ତି । ଅନେକ ଚଳଚ୍ଚିତ୍ରରେ ଭେଟି ଦେଇଛନ୍ତି ଦର୍ଶକମାନଙ୍କୁ, ତେବେ ଆଗକୁ ଆଉ ଦୁଇଟି ଚଳଚ୍ଚିତ୍ର ଆସୁଛି । ତରଙ୍ଗ ସିନେ ବ୍ୟାନରରେ ଅଶୋକ ପତିଙ୍କ ନିର୍ଦ୍ଦେଶନାରେ 'ପାପ' ଏବଂ ରଜନୀ ଏଣ୍ଟରଟେନ୍‌ମେଂଟର 'ଅରୁନ୍ଧତୀ', ଡ. ରଜନୀ ରଂଜନଙ୍କ କାହାଣୀ ସଂଳାପ ଓ ଚିତ୍ରନାଟ୍ୟରେ 'ଅରୁନ୍ଧତୀ' ପାଇଁ ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ ଓ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର । ନାରୀ ଜୀବନର ସଂଘର୍ଷମୟ କାହାଣୀ ଉପରେ ଚଳଚ୍ଚିତ୍ରଟି ଗତିଶୀଳ । ଏଲିନାଙ୍କ ସହ ଏଥିରେ ନଜର ଆସିବେ ନୂଆ ନାୟକ ରାଜବୀର । ଅନ୍ୟାନ୍ୟଙ୍କ ମଧ୍ୟରେ କବି ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା ଓ ଯାତ୍ରା ଟାଇଗର ସଂଜୟ ଭୋଳଙ୍କୁ ଦେଖିବାକୁ ମିଳିବ ।







ସୈଫ୍ ଅଲ୍ଲୀ ଖାନ୍ ଓ କରିନା କପୁରଙ୍କ ପୁଅ ତୈମୁର୍‌ଙ୍କୁ ବାହା ହେବାକୁ ଚାହାନ୍ତି ବଲିଉଡ୍‌ର ଆଇଟମ୍ ଗର୍ଲ ନୋରା ଫତେହି । 'ହ୍ୱାଟ୍ ଓମେନ୍ ବାଣ୍ଟ' ନାମକ ଏକ ଟିଭି ସୋ'ରେ ଯୋଗ ଦେଇ କଥାବାର୍ତ୍ତା କରିବା ସମୟରେ ନୋରା ତାଙ୍କ ବିବାହକୁ ନେଇ ଏହି କଥା କହିଥିଲେ । ତେବେ ଏହାର ଉତ୍ତରରେ କରିନା ହସିବା ସହିତ ତୈମୁର୍ ଏବେ ମାତ୍ର ୪ ବର୍ଷର ବୋଲି କହିଥିଲେ । ହେଲ ଉତ୍ତରରେ ନୋରା ତୈମୁର୍‌ଙ୍କ ବଡ଼ ହେବା ଯାଏ ସେ ଅପେକ୍ଷା କରିବେ, ଏପରିକି ତୈମୁରଙ୍କୁ ଦେଖିବା ପରଠୁ ତାଙ୍କୁ ସେ ଭଲ ଲାଗନ୍ତି ବୋଲି କହିଥିଲେ । ସୈଫ୍ ଓ କରିନାଙ୍କ ଷ୍ଟାର୍ କିଡ୍ ତୈମୁର ଜନ୍ମ ହେବା ପରଠୁ ତାଙ୍କ ଫଟୋକୁ ନେଇ ବହୁ ସର୍ବଦା ଚର୍ଚ୍ଚା ହେଉଛି । ଏପରିକି ତୈମୁର୍ ଫଟୋ ଉଠାଇବାକୁ ନେଇ ଅନେକ ସମୟରେ ଷ୍ଟାଇଲ୍ ପୋଜ୍ ଦେଇଥିବା ଦେଖାଯାଏ । ସେହିଭଳି କିଛି ଦିନ ତଳେ କରିନାଙ୍କ ଦ୍ୱିତୀୟ ପିଲାକୁ ନେଇ ତୈମୁର ତାଙ୍କ ଘରକୁ ଆଉ ଜଣେ ନୂଆ ଅତିଥି ଆସିବେ ବୋଲି ସାମାଜିକ ଗଣମାଧମରେ କହୁଥିବା ଦେଖାଦେଇଥିଲା ।

# ତୈମୁର୍‌ଙ୍କୁ ବାହା ହେବାକୁ ଚାହାନ୍ତି ନୋରା

# ସେଲୁନ୍ ଭିତରୁ ପ୍ରିୟଙ୍କାଙ୍କୁ ନେଇଗଲା ପୁଲିସ

ଫସିଲେ ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା । ଲଣ୍ଡନର ଏକ ସେଲୁନ ଭିତରୁ ପ୍ରିୟଙ୍କାଙ୍କୁ ନେଇଗଲା ପୁଲିସ । ପ୍ରିୟଙ୍କା ଚୋପ୍ରାଙ୍କ ସହ ତାଙ୍କ ମା' ମଧୁ ଚୋପ୍ରାଙ୍କୁ ମଧ ପୁଲିସ ଧରିଛି । କୋଭିଡ-୧୯ ଉଲ୍ଲଘଂନ ଅଭିଯୋଗୋରେ ପ୍ରିୟଙ୍କା ଏବଂ ତାଙ୍କ ମା'ଙ୍କୁ ପୁଲିସ ପଚରାଉଚରା କରିଛି । ବ୍ରିଟେନ୍‌ରେ ଏବେ ଦ୍ରୁତ ଗତିରେ ବୃଦ୍ଧି ପାଇବରେ ଲାଗିଛି କରୋନା ମହାମାରୀ । ଏଥିଯୋଗୁଁ ସାରା ଦେଶରେ ଲକ୍ ?ଡାଉନ ଘୋଷଣା କରାଯାଇଛି । ଏହାରି ଭିତରେ ପ୍ରିୟଙ୍କା ଓ ତାଙ୍କ ମା' ଏକ ସେଲୁନକୁ ଯାଇଥିଲେ । ସେଠାରେ କରୋନା କଟକଣା ଉଲ୍ଲଘଂନ ଅଭିଯୋଗରେ ଉଭୟଙ୍କୁ ପୁଲିସ ଧରିଛି । ସୂଚନା ମୁତାବକ, ପ୍ରିୟଙ୍କା ତାଙ୍କ ମା' ଏବଂ ପୋଷା କୁକୁର ସହ ଲଣ୍ଡନର ଏକ ଲଗଜୁରୀ ସେଲୁନକୁ ଯାଇଥିଲେ । ସେହି ସମୟରେ ସେଠାରେ ଆସି ପୁଲିସ ପହଞ୍ଚିଥିଲା । ଏହାପରେ ସେଲୁନ ଭିତରେ ଥିବା ସମସ୍ତଙ୍କୁ ବାହାରକୁ ଆସିବାକୁ କହିଥିଲା ପୁଲିସ । କିନ୍ତୁ ପ୍ରିୟଙ୍କା ଏବଂ ତାଙ୍କ ମା' ବାହାରକୁ ଆସିନଥିଲେ । ଏହାପରେ ପୁଲିସ ବାଧ ହୋଇ ସେଲୁନ ଭିତରେ ପଶିବାରୁ ପ୍ରିୟଙ୍କା ଏବଂ ତାଙ୍କ ମା' ବାହାରକୁ ଆସିଥିଲେ । ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବେ ଲଣ୍ଡନରେ ରହୁଛନ୍ତି ଏବଂ ଆଗାମୀ ଫିଲ୍ମ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଫିଲ୍ମର ପ୍ରସ୍ତୁତି ପାଇଁ ପ୍ରିୟଙ୍କା ସେଲୁନ ଯାଇଥିବା ପୁଲିସକୁ କହିଛନ୍ତି । ତାଙ୍କର ଜଣେ ମୁଖପାତ୍ର କହିଛନ୍ତି ଯେ, ସରକାରଙ୍କ ଗାଇଡଲାଇନ ମାନି ପ୍ରିୟଙ୍କା ହେୟାର କଲର କରିବା ପାଇଁ ସେଲୁନକୁ ଯାଇଥିଲେ । ଯେହେତୁ ତାଙ୍କର ଫିଲ୍ମ ଶୁଟିଂ ହେବାର ଅଛି ସେଥିପାଇଁ ସେ ସେଠାକୁ ଯାଇଥିଲେ । ସେ ଆହୁରି ମଧ କହିଛନ୍ତି ସେଲୁନ କେବଳ ଉକ୍ତ ପ୍ରଡକ୍ସନ ହାଉସ୍ ପାଇଁ ହିଁ ଖୋଲାଥିଲା ଏବଂ ସେଠାରେ ଉପସ୍ଥିତ ସମସ୍ତଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା । ତେବେ ଆାବଶ୍ୟକୀୟ ଦସ୍ତାବିଜ ଦେଖାଇବା ପରେ ପୁଲିସ କୌଣସି ଫାଇନ କାଟିନଥିଲା କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ମଧ ନେଇନଥିଲା । ଏହା ସହ ଉକ୍ତ ସେଲୁନର ମାଲିକଙ୍କୁ କୋଭିଡ୍ ଗାଇଡଲାଇନ ମାନିବା ପାଇଁ ଚେତାବନୀ ଦେଇଥିଲା ପୁଲିସ ।



# ନୌବାଣିଜ୍ୟ ଭିଜନ୍-୨୦୩୦ ଚୂଡାନ୍ତ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟର ୩ ଦିନିଆ ଚିନ୍ତନ ବୈଠକ

ପାରାଦୀପ,୨୧ା୧ (ନି.ପ୍ର): ଆଗାମୀ ଦଶନ୍ଧି ପାଇଁ ନୌବାଣିଜ୍ୟ ଭିଜନ୍-୨୦୩୦ର ରୁପରେଖ ଚୂଡାନ୍ତ କରିବା ପାଇଁ ଗୁଜୁରାଟର କଛ୍ର ଧେରଡୋ ଠାରେ ଜାନୁୟାରୀ ୨୧ ତାରିଖ ଦିନ ଏକ ତିନି ଦିନିଆ ଚିନ୍ତନ ବୈଠକ ହେଉଛି । ବିଭାଗୀୟ ମନ୍ତ୍ରଣାଳୟ ର ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ମନ୍ ସୁଖ ମାଣ୍ଡଭ୍ୟା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ଦେଶର ସମସ୍ତ ବୃହତ ବନ୍ଦର ଗୁଡିକର ଅଧକ୍ଷ ତଥା ମନ୍ତ୍ରଣାଳୟ ର ବରିଷ୍ଠ କର୍ମକର୍ତା ଯୋଗ ଦେଇଛନ୍ତି । ଏଥିରେ ସହରାଂଚଳ ପରିବହନରେ ନୂତନ ସୁଯୋଗ ସରଦ ବନ୍ଦର ବ୍ୟବସ୍ଥା ର ପ୍ରଭାବଶାଳୀ କାର୍ଯ୍ୟକାରିତା, ସାଟେଲାଇଟ୍ ବନ୍ଦର ଗୁଡିକର ନିର୍ମାଣ ଲାଗି ଭବିଷ୍ୟତ କାର୍ଯ୍ୟପନ୍ଥା, ରୋ ରୋ-ପାକ୍ସ ସେବା, ସାମୁଦ୍ରିକ ବିମାନ ସେବା ପାଇଁ ନୂତନ ମାର୍ଗ ଖୋଲିବା, ଉପକୂଳ ପଣ୍ୟ କାରବାର ରେ ଅଭିବୃଦ୍ଧି ଆଦି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ । ଶ୍ରୀ ମନ୍ ସୁଖ ମାଣ୍ଡଭ୍ୟା ନିଜ ପ୍ରତିକ୍ରିୟା ରେ କହିଛନ୍ତି ଯେ, ଚିନ୍ତନ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୃହତ ବନ୍ଦର ଗୁଡିକ ରେ କାର୍ଯ୍ୟ ଦକ୍ଷତାରେ ବୃଦ୍ଧି, ବିଶ୍ୱସ୍ତରୀୟ ଭିତ୍ତିଭୂମୀ ପ୍ରତିଷ୍ଠା, ପରିବହନ ଖର୍ଚ୍ଚ ରେ ହ୍ରାସ, ସଂଯୋଗୀକରଣ ରେ ବୃଦ୍ଧି ତଥା ସରଳ ବ୍ୟବସାୟ ନିମନ୍ତେ ବିଶ୍ୱସ୍ତରୀୟ ମାନଦଣ୍ଡ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମେଦୀ ଙ୍କ ଆତ୍ମ ନିର୍ଭର ଭାରତ ର ଅଂଶ ବିଶେଷ ଯାହାର ମୂଳମନ୍ତ୍ର ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତନ ବୋଲି ପାରାଦୀପ ବନ୍ଦର ଲୋକ ସଂପର୍କ ବିଭାଗ ପକ୍ଷରୁ ଏକା ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

# କୃଷକ ଆଇନକୁ ରଦ୍ଦ ଦାବିରେ ଅଲ ଇଣ୍ଡିଆ କିଶାନ କ୍ଷେତ ମଜଦୂର ସଂଗଠନର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

କେନ୍ଦୁଝର,୨୧ା୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ଠାରେ ଅଲ ଇଣ୍ଡିଆ କିଶାନ କ୍ଷେତ ମଜଦୁର ସଂଙ୍ଗଠନ ପକ୍ଷରୁ କେନ୍ଦ୍ର ଦ୍ୱାରା ଆଗତ ତିନୋଟି ନୂତନ କୃଷକ ଆଇନ କୁ ରଦ୍ଦ କରିବା ଦାବୀ ରେ ଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖରେ ବୁଧବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦିଲ୍ଲୀ ଠାରେ ଚାଲିଥିବା କୃଷକ ଆନ୍ଦୋଳନ କୁ ସମର୍ଥନ କରି ଅଲ ଇଣ୍ଡିଆ କିଶାନ କ୍ଷେତ ମଜଦୁର ସଂଗଠନ ସଂଙ୍ଗଠନର ର ମହିଳା ଓ ପୁରୁଷ ସଭ୍ୟ ମାନେ ସହର ସ୍ଥିତ କରଞ୍ଜିଆ ବସ୍ ଷ୍ଟାଣ୍ଡ ଠାରୁ ଏକ ବିରାଟ ଶୋଭାଯାତ୍ରା ରେ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦ୍ର ସରକାର ଦ୍ୱାରା ନୂତନ ଭାବରେ ଆଗତ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ , ଘରୋଇ ମଣ୍ଡି ଆଇନ ଓ ଚୁକ୍ତି ଚାଷ ଆଇନ ରଦ୍ଦ କରିବା କୁ ସେମାନେ ଦାବୀ କରିଥିଲେ । ଚାଷୀ ନେତା ମାନେ ଭାଷଣ ଦେବା ଛଳରେ କହିଥିଲେ କି ଚୁକ୍ତି ଚାଷ ଆଇନ କାର୍ଯ୍ୟକାରୀ ହେଲେ ଚାଷୀ ମାନେ ସେମାନଙ୍କର ଶସ୍ୟର ଉପଯୁକ୍ତ ମୂଲ୍ୟ ନ ପାଇ ଶେଷରେ କର୍ପୋରେଟର ମାନଙ୍କୁ ନିଜର ଜମି ବିକ୍ରୀ କରିବା ବ୍ୟତିତ ଅନ୍ୟ କୌଣସି ପନ୍ଥା ରହିବ ନାହିଁ । ଘରୋଇ ମଣ୍ଡି ହେବା ଦ୍ୱାରା ସରକାରୀ ମଣ୍ଡି ଗୁଡିକ ଅଚଳ ହୋଇପଡିବ ଓ ଚାଷୀ ମାନେ ଅଧିକ ରୁ ଅଧିକ କ୍ଷତି ଗ୍ରସ୍ତ ହେବେ ବୋଲି ସେମାନେ କହିଛନ୍ତି । ଅଲ ଇଣ୍ଡିଆ କିଶାନ କ୍ଷେତ ମଜଦୁର ସଂଗଠନର ରାଜ୍ୟ ସଂପାଦକ ରଘୁନାଥ ଦାଶ ବିକ୍ଷୋଭର ନେତୃତ୍ୱ ନେଇଥିଲେ ।

## ବିଜେପି କୃଷକ ମୋର୍ଚ୍ଚା ତରଫରୁ ମଣ୍ଡିଚାଲୋ ଅଭିଯାନ

କେନ୍ଦ୍ରାପଡା,୨୦ ଜାନୁଆରୀ (ହି.ସ.) କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଜିଲ୍ଲାର ବିଭିନ୍ନ ମଣ୍ଡିକୁ ପରିଦର୍ଶନ କରି ସମସ୍ୟା ସଂପର୍କରେ ଅନୁଧାନ କରିଥିବାର ଜନାପଡିଛି । ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ରଞ୍ଜିତ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ହରିଅଙ୍କ, ଦାନପୁର, କପିଳେଶ୍ୱର ଓ ରତାଦିଆ ଖଣ୍ଡାସାହି ଆଦି ମଣ୍ଡି ଗୁଡିକ ପରିଦର୍ଶନ କରି ମଣ୍ଡିରେ ହେଉଥିବା ଅନିୟମିତତାର ଚାଷୀମାନେ ଅଭିଯୋଗ କରିଥିଲେ । ସରକାରୀ ନିୟମକୁ ବେଖାତିର କରି ମିଲର ମାନଙ୍କ ଇଚ୍ଛା ଅନୁଯାଇ ମଣ୍ଡି ଚାଲୁଥିବା ବିଜେପି କୃଷକ ମୋର୍ଚ୍ଚା ତରଫରୁ ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି ।

# ଏମ୍ଏସ୍ଏମ୍ଇ ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତିକରଣ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୧ା୧ (ନି.ପ୍ର): ଏମ୍ଏସ୍ଏମ୍ଇ ଜରିଆରେ ରାଜ୍ୟରେ କର୍ମସଂସ୍ଥାନ ସୃଷ୍ଟି ଓ ଅର୍ଥନୀତିକୁ ସୁଦୃଢ଼ କରିବା ନିମନ୍ତେ ଏଣିକି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ସାମିଲ କରାଯିବା ପାଇଁ ଆଜି ଏମ୍ଏସ୍ଏମ୍ଇ ବିଭାଗ ଓ ମିଶନ ଶକ୍ତି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ରରେ ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଓ ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶିକା ଶ୍ରୀମତୀ ସୁଜାତା କାର୍ତିକେୟନ୍ ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣା ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ଔଦ୍ୟୋଗିକ ପ୍ରୋତ୍ସାହନ ଜରିଆରେ ପୋଷଣୀୟ ଜୀବିକା ସୃଷ୍ଟି କରାଯିବ, ଯାହା ରାଜ୍ୟର ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ । ଅର୍ଥନୈତିକ ଅଭିବୃଦ୍ଧି ସକାଶେ ଔଦ୍ୟୋଗିକ ବିକାଶ ଅପରିହାର୍ଯ୍ୟ ହୋଇଥିବା ହେତୁ ଏହି ପ୍ରୟାସ ଫଳବତୀ ହେବାର ଲକ୍ଷ୍ୟ ରଖାଯାଇଛି । ତା'ଛଡ଼ା ମହିଳାମାନଙ୍କୁ ସଶକ୍ତିକରଣ ମାଧ୍ୟମରେ ସର୍ବାଙ୍ଗୀନ ବିକାଶ ସାଧନ ଉଭୟ ବିଭାଗର ପ୍ରାଥମିକତା ରହିଥିବା ହେତୁ ଏ ଦିଗରେ ଏହି ବୁଝାମଣା ବେଶ୍ ସୁହାଇବ ବୋଲି ଆଶା ରଖାଯାଇଛି । ଏହା କାର୍ଯ୍ୟକାରୀ ହେଲେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେଗୁଡ଼ିକର ମହାସଂଘଗୁଡ଼ିକୁ ଉଦ୍ୟୋଗୀ ଭାବେ ପରିଣତ କରାଯିବ । ଏଥିରେ ମହିଳା ଏସ୍ଏଚ୍ଜିର ସଦସ୍ୟାମାନଙ୍କ ଦକ୍ଷତା ବିକାଶ ଓ ଗୋଷ୍ଠୀ କାର୍ଯ୍ୟକ୍ରମକୁ ଏମ୍ଏସ୍ଏମ୍ଇରେ ପରିଣତ କରିବା ନିମନ୍ତେ ତାଲିମ ପ୍ରଦାନ କରାଯିବ । ବୈଷୟିକ ଜ୍ଞାନକୌଶଳ ବ୍ୟବହାର ନିମନ୍ତେ ଇନ୍‌କ୍ୟୁବେସନ୍ ସେଂଟର, ସାଧାରଣ ସୁବିଧା କେନ୍ଦ୍ର ଏବଂ ପ୍ରଶିକ୍ଷକ ଏବଂ ପରାମର୍ଶଦାତା ବୈଠକ ଆୟୋଜନ ଭଳି କାର୍ଯ୍ୟକ୍ରମମାନ କରାଯିବ । ଏହି ବୁଝାମଣା ପ୍ରାଥମିକ ଭାବେ ୩ ବର୍ଷ ପାଇଁ କାର୍ଯ୍ୟ କରିବ ଏବଂ ଆବଶ୍ୟକ ସ୍ଥଳେ ଏହାକୁ ବୃଦ୍ଧି କରାଯିବ ଏବଂ ଯୋଜନାବଦ୍ଧ ଆର୍ଥିକ ସହାୟତା, ଋଣ, ସବ୍‌ସିଡ଼ି, ଆବର୍ତନ ପାଣ୍ଠି ଏବଂ ବଜାର ସଂଯୋଗୀକରଣ ଇତ୍ୟାଦି ଭଳି ସହଯୋଗ ପ୍ରଦାନ କରାଯିବ । ତତ୍‌ବ୍ୟତୀତ ଏମ୍ଏସ୍ଏମ୍ ଇ ଓ ମିଶନ ଶକ୍ତି ବିଭାଗର ମାର୍ଗଦର୍ଶିକା ପ୍ରକାରେ ଅନ୍ୟାନ୍ୟ ସହଯୋଗ ପ୍ରଦାନ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ପୂର୍ବରୁ ଅଣୁ, କ୍ଷୁଦ୍ର, ମଧ୍ୟମ, ଉଦ୍ୟୋଗ ବିଭାଗ କର୍ମସଂସ୍ଥାନ ସୃଷ୍ଟି, ଦ୍ରବ୍ୟ ମୂଲ୍ୟଯୁକ୍ତ, ରପ୍ତାନୀ ଭଳି ଅର୍ଥନୀତି ଅଭିବୃଦ୍ଧି କାର୍ଯ୍ୟ କରୁଥିବାବେଳେ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଶକ୍ତିକରଣ ସକାଶେ ତାଲିମ, ଦକ୍ଷତା ବୃଦ୍ଧି, ବଜାର ସୃଷ୍ଟି ଭଳି କାର୍ଯ୍ୟକ୍ରମ କରୁଥିଲେ । ଅଧୁନା ମିଶନ ଶକ୍ତି ତୃଣମୂଳ ସ୍ତରରେ ନେତୃତ୍ୱ ପ୍ରୋତ୍ସାହନ ସହ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ, ହସ୍ତ କାରିଗରୀ, ହସ୍ତତନ୍ତ, ଖାଦ୍ୟ ପ୍ରକ୍ରିୟାକରଣ, ସିଲେଇ, ଧାନସଂଗ୍ରହ, ମନରେଗା ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଡାକ୍ତରଖାନାରେ ଖାଦ୍ୟ ବିତରଣ, ଆହାର କେନ୍ଦ୍ର ପରିଚାଳନା, ସାଧାରଣ ବଂଟନ ବ୍ୟବସ୍ଥାରେ ଡିଲରସିପ୍ , ସ୍ୱଚ୍ଛସାଥୀ, ଜଳସାଥୀ, ସ୍ୱାସ୍ଥ୍ୟମିତ୍ର ଭଳି କାର୍ଯ୍ୟ କରିଆସୁଛି । ଏଥିରେ ରାଜ୍ୟର ୩୩୮ଟି ବ୍ଲକ୍ ର ମହାସଂଘରେ ୬ ଲକ୍ଷ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ମହିଳା ସଦସ୍ୟା ଉପକୃତ ହେବେ ।

# ବାଲ୍ୟ ବିବାହ ରୋକିବା ନେଇ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ

ମାଲକାନଗିରି,୨୧ା୧ (ନି.ପ୍ର): ମାଲକାନଗିରି ଯୁବ ରେଡ଼କ୍ରସ ପକ୍ଷରୁ ବାଲ୍ୟ ବିବାହ ରୋକିବା ପାଇଁ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୮ ବର୍ଷରୁ କମ୍ ଯୁକ୍ତ ୨ କଳା ଓ ବାଣିଜ୍ୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଲକାନଗିରି ଭଳି ଉପାନ୍ତ ଅଂଚଳରେ କିପରି ୨୧ ବର୍ଷରୁ କମ୍ ଯୁବକ ଯୁବତୀଙ୍କ ବିବାହ ଦ୍ୱାରା ସେମାନେ ରୋଗାଗ୍ରସ୍ତ ହେଉଛନ୍ତି ସେନେଇ ସଚେତନତା ସୃଷ୍ଟି କରାଯାଇଥିଲା । ତେଣୁ ଏଥି ପ୍ରତି ସଚେତନ ହେବା ସହିତ ଆଗାମୀ ପୀଢ଼ିକୁ କିପରି ଆକ୍ରାନ୍ତରେ ନପକାଇବା ସେଥି ପାଇଁ ଛାତ୍ରଛାତ୍ରୀ ମାନେ ବଜ୍ର ଶପଥ ଗ୍ରହଣ କରିଥିଲେ । ସ୍ଥାନୀୟ ରିକ୍ଳାମେସନ କଲୋନୀ ସ୍ଥିତ ସରୋଜିନୀ କୋଚିଂ ସେଂଟରରେ ନୂପୁର ହରିମଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୫ ଜଣ ଛାତ୍ରଛାତ୍ରୀଙ୍କୁ ବାଲ୍ୟ ବିବାହର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ଏହାର ଅପକାରିତା ବିଷୟରେ ମୁଖ୍ୟ ଅତିଥି ଜିଲ୍ଲା ଯୁବ ରେଡ଼କ୍ରସ୍ ସମ୍ପାଦକ ତଥା ଆବାହକ ଡଃ. ରଞ୍ଜନ କୁମାର ବୁଝାଇଥିଲେ । ଏହି ଅବସରରେ ସମସ୍ତ ଯୁବ ରେଡ଼କ୍ରସର ଛାତ୍ରଛାତ୍ରୀଙ୍କୁ ସେ ଏକ ଲିଖିତ ଶପଥପାଠ କରାଇଥିଲେ ।

# ବିଭିନ୍ନ ଦାବି ନେଇ ରାମକୋ ସିମେଂଟ କମ୍ପାନୀ ସମ୍ମୁଖରେ ଶତାଧିକ ପୁରୁଷ ଓ ମହିଳାଙ୍କ ଧାରଣା

ଧର୍ମଶାଳା, ୨୦ ଜାନୁଆରୀ (ହି.ସ.)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାପୁରସ୍ଥିତ ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟା ନେଇ ଆଜି ରାମକୋ ସିଂମେଟ କମ୍ପାନୀ ସମ୍ମୁଖରେ ଶତାଧିକ ପୁରଷ ଓ ମହିଳା ଧାରଣାରେ ବସିଛନ୍ତି । ତେବେ ଖବର ପାଇ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଘଟଣାସ୍ଥଳରେ ପଂହଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ଧାରଣା ହଟିଥିଲା । ସୂଚନା ମୁତାବକ, ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରସ୍ଥ ବହୁ ପ୍ରତିଷ୍ଠିତ ସିମେଂଟ କମ୍ପାନୀ ୨ ମାସ ତଳେ କାର୍ଯ୍ୟକ୍ଷମ ହୋଇଛି । ଏହି କମ୍ପାନୀ ପ୍ରତିଷ୍ଠା ସମୟରେ ସ୍ଥାନୀୟ ଅଂଚଳର ବହୁ ସମସ୍ୟା ନେଇ ଲୋକେ ଆନ୍ଦୋଳନ କରିଥିଲେ । ହେଲେ କମ୍ପାନୀ ମାତ୍ର ହାତ ଗଣତି କିଛି ସମସ୍ୟାକୁ ସମାଧାନ କରିଥିଲେ । ହେଲେ ଆହୁରି ଅନେକ ସମସ୍ୟା ରହିଛି । ଏସବୁ ସମସ୍ୟା ପ୍ରତି କମ୍ପାନୀ କର୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି । ଯାହାର ପ୍ରତିବାଦରେ ଆଜି ଧର୍ମଶାଳା ଅଂଚଳବାସୀ ଓ ଆଂଚଳିକ ବେକାରୀ ବିରୋଧୀ ମଂଚ ପକ୍ଷରୁ କମ୍ପାନୀ ଫାଟକ ଆଗରେ ଶତାଧିକ ଲୋକେ ଧାରଣାରେ ବସିଛନ୍ତି । କମ୍ପାନୀର ଗାଡି ପରିବହନ ସମୟରେ ଧୂଳି ଉଡିବା, ସ୍ଥାନୀୟ ଅଂଚଳରେ ପାନୀୟ ଜଳ ଓ ବିଜୁଳି ସମସ୍ୟା, ୩୩ ପ୍ରତିଶତ ଗଛ ଲଗାଇବା, ଜମି ହରା ଲୋକମାନଙ୍କୁ ଆବଶ୍ୟକୀୟ କ୍ଷତି ପୂରଣ ଓ ସ୍ୱାସ୍ଥ୍ୟ ସମସ୍ୟା ଆଦି ଦାବି ନେଇ ଫାଟକ ଆଗରେ ବସି ନାରାବାଜି ଦେଇଥିଲେ ଧାରଣାକରୀ । ତେବେ ଏହି ଖବର ପାଇ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଉପ-ଜିଲଶପାଳ ନାରାୟଣ ଧଳ, ଆଡିସିନାଲ ଏସପି ଜୟରାମ ଶତପଥୀ, ଧର୍ମଶାଳା ତହସିଲଦାର, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ସାହୁ, କୁଆଖିଆ ଥାନା ଅଧିକାରୀ ମନୋଜ ନାୟକ ଘଟଣାସ୍ଥଳରେ ପଂହଚିଥିଲେ । ଏବଂ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ଆସନ୍ତା ସୋମବାର ଦିନ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପରିସରେ ଏନେଇ ଆଲୋଚନା କରାଯିବ ବୋଲି ଜିଲା ପ୍ରଶାସନ ପ୍ରତିଶୃତି ଦେବା ପରେ ଅନ୍ଦୋଳକାରୀମାନେ ଧାରଣାରୁ ହଟିଥିଲେ ।

# ରୋଲିଙ୍ଗ ଷ୍ଟକ ଯାଂଚ ପାଇଁ ବେଲସୋଣ୍ଡା, ବୋଇଣ୍ଡା ଏବଂ ବୃନ୍ଦାମାଲ ଷ୍ଟେସନଠାରେ ପ୍ରତିଷେଧକ ରକ୍ଷଣାବେକ୍ଷଣ ପ୍ରଣାଳୀ ସ୍ଥାପନା

ଭୁବନେଶ୍ୱର,୨୧ା୧ (ନି.ପ୍ର): ଟ୍ରେନ ଚଳାଚଳ କ୍ଷେତ୍ରରେ ପ୍ରତ୍ୟକ କ୍ଷଣ ରୋଲିଙ୍ଗ ସ୍ଟକ ଗୁଡିକର ପ୍ରତିଷେଧକ ରକ୍ଷଣାବେକ୍ଷଣ ଆବଶ୍ୟକତା ଥାଏ । ଏହି ଧାରାରେ, କୌଣସି ଆସନ୍ନ ବିଫଳତାର ପ୍ରକୃତ ଘଟଣା ପୂର୍ବରୁ ଦୋଷ ଚିହ୍ନଟ ହୁଏ । ଏହି ପ୍ରଣାଳୀ ଦ୍ୱାରା ଆସନ୍ନ ବିଫଳ ପୂର୍ବରୁ ଏକ ଆଲାର୍ମ ସୃଷ୍ଟି ହୁଏ । ଯାହା ଫଳରେ ପ୍ରକୃତ ବିଫଳତା ପୂର୍ବରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଏ । ଏହା ଟ୍ରେନର ସୁରକ୍ଷିତ ଚଳାଚଳକୁ ସୁନିଶ୍ଚିତ କରେ । ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ବେଲସୋଣ୍ଡା, ବୋଇଣ୍ଡା ଏବଂ ବୃନ୍ଦାମାଲ ଷ୍ଟେସନରେ "ହଟ ଆକ୍ସିଲ ବକ୍ସ ଡିଟେକସନ ସିଷ୍ଟମ" ସ୍ଥାପନ କରାଯାଇଅଛି । ଏହି ପ୍ରଣାଳୀ ସେନ୍ସର ଉପରେ ଆଧାରିତ ଏକ ଆଧୁନିକ ପ୍ରଣାଳୀ ଯାହା ଟ୍ରେନର ରୋଲିଙ୍ଗ ସ୍ଟକ ଗୁଡିକର ଅବସ୍ଥା, ବିଅରିଂ ଅବସ୍ଥା ଏବଂ ଆକ୍ସଲ୍ ତାପମାତ୍ରା ଇତ୍ୟାଦି ବିଷୟରେ ସୂଚନା ସଂଗ୍ରହ କରିଥାଏ । ଏହି ପ୍ରଣାଳୀରେ, ଆସୁଥିବା ଟ୍ରେନର ଉପସ୍ଥିତି ଚିହ୍ନଟ କରୁଥିବା ପଥ ଷ୍ଟେସନ ନିକଟତରେ ସେନ୍ସରଗୁଡ଼ିକ ସ୍ଥାପିତ କରାଯାଇଅଛି । ତାପମାତ୍ରା ସେନ୍ସରଗୁଡ଼ିକ ଆକ୍ସଲ୍ ର ତାପମାତ୍ରା ମାପିଥାଏ । ଏହା ପ୍ରତ୍ୟେକ ଆକ୍ସଲ୍ ର ତାପମାତ୍ରା ରେକର୍ଡକୁ ସ୍ଥିରୀକୃତ ତାପମାତ୍ରା ସହିତ ପ୍ରଣାଳୀ ମାଧ୍ୟମରେ ନିର୍ଧାରିତ ତାପମାତ୍ରାକୁ ତୁଳନା କରେ । ଯଦି ମପାଯାଇଥିବା ତାପମାତ୍ରା ନିର୍ଦ୍ଧାରିତ ତାପମାତ୍ରାକୁ ଅତିକ୍ରମ କରେ, ତେବେ ଏହି ପ୍ରଣାଳୀର ସଠିକ ସମୟ ଆଧାରରେ କଣ୍ଟ୍ରୋଲ୍ ଅଫିସରେ ଆଲାର୍ମ ସୃଷ୍ଟି କରେ । ଏହା ଉପରେ ଆଧାର କରି, କଣ୍ଟ୍ରୋଲ କାର୍ଯ୍ୟାଳୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାଏ । ଏହି ପ୍ରଣାଳୀର ମୁଖ୍ୟ କାର୍ଯ୍ୟ ହେଉଛି ସେନସରରୁ ତଥ୍ୟ ଗ୍ରହଣ କରିବା ପରେ ମାଇକ୍ରୋ କଣ୍ଟ୍ରୋଲର୍ ୟୁନିଟ୍ କୁ ତଥ୍ୟ ପଠାଇବା ଏବଂ ମୁଖ୍ୟ ସର୍ଭରରୁ ୱେବ୍ କ୍ଲାଉଡ୍ ସର୍ଭରକୁ ତଥ୍ୟ ପଠାଇବା । ଏହା ଏକ ଲାଇଭ୍ ଡାଟା ଭାବରେ କଂଟ୍ରୋଲ୍ ରୁମରେ ପ୍ରଦର୍ଶିତ ହୋଇଥାଏ । କମ୍ପ୍ୟୁଟର ଏବଂ ମୋବାଇଲ୍ ମାଧ୍ୟମରେ ଏହି ଡାଟା ଦେଖାଯାଇପାରିବ ଏବଂ ତଦାରଖ କରାଯାଇପାରିବ । ଏହି ପ୍ରଣାଳୀ ଦ୍ୱାରା ଏସଏମଏସ ସହିତ ଇମେଲ୍ ଆଲର୍ଟ ସୃଷ୍ଟି କରିବ ଏବଂ କଂଟ୍ରୋଲ କାର୍ଯ୍ୟାଳୟର ମୁଖ୍ୟ ପ୍ରଦର୍ଶନ ପରଦାରେ "ଭିଜୁଆଲ୍ ଆଲାର୍ମ" ସୃଷ୍ଟି କରିବ । ଏହି ପ୍ରଣାଳୀ ରୋଲିଙ୍ଗ ସ୍ଟକର ଯେକୌଣସି ବଡ଼ ବିଫଳତାକୁ ରେଳମାର୍ଗରେ ରୋକି ପାରିବ ଯାହାକି ପୂର୍ବରୁ ଘଟୁଥିବା ଅଘଟଣ ଜନିତ ଯାତାୟାତରେ ବାଧା ସୃଷ୍ଟି ଏବଂ ଯାତ୍ରୀବାହୀ ଟ୍ରେନ୍ ପାଇଁ ସମୟାନୁବର୍ତୀତା ନଷ୍ଟ କୁ ନିୟନ୍ତ୍ରଣ କରିପାରିବ । ଏହି ପ୍ରଣାଳୀ ଦ୍ୱାରା ଯଦି ଉଚ୍ଚ ତାପମାତ୍ରା ଚିହ୍ନଟ ହୁଏ ତେବେ ନିକଟସ୍ଥ ଷ୍ଟେସନରେ ନିର୍ଦ୍ଦିଷ୍ଟ ୱାଗନ୍ କିମ୍ୱା କୋଚ୍ କୁ ଅଲଗା କରାଯାଇ ପାରିବ ଏବଂ ଆସନ୍ନ ଦୁର୍ଘଟଣାକୁ ପ୍ରତିହତ କରାଯାଇ ପାରିବ ।

# ବିପ୍ଲବୀ ଚାଖି ଖୁଂଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର ,୨୧ା୧ (ନି.ପ୍ର): ଶ୍ରୀଜଗନ୍ନାଥଙ୍କ ପରମ ସେବକ ମହାନ ବିପ୍ଲବୀ ଚାଖି ଖୁଂଟିଆ ଏକାଧାରରେ ଥିଲେ ଦେଶପ୍ରେମୀ, ସମାଜ ସଂସ୍କାରକ, ସୁସାହିତ୍ୟିକ ଏବଂ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ । ତାଙ୍କର ଅସୀମ ତ୍ୟାଗ, ବଳିଷ୍ଠ ନେତୃତ୍ୱ ଏବଂ ଦେଶପ୍ରେମ ପାଇଁ ପ୍ରତି ଓଡ଼ିଆଙ୍କ ପ୍ରାଣରେ ସ୍ମରଣୀୟ ରହିବେ ବୋଲି ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଛନ୍ତି । ବୁଧବାର ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉଭୟ ମଂଚ ଓ ଭର୍ଚୁଆଲ୍ ବ୍ୟବସ୍ଥାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପ୍ଲବୀ ଚାଖି ଖଂଟର୍ଣ୍ଣିଆ (ଚନ୍ଦନ ହଜୁରୀ)ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ଭାରତର ମୁକ୍ତିସଂଗ୍ରାମରେ ବହୁ ମୁକ୍ତିଯୋଦ୍ଧା ବିଭିନ୍ନ ସମୟରେ ସାମିଲ ହୋଇ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି । ଚନ୍ଦନ ହଜୁରୀ ବା ଚାଖି ଖୁଂଟିଆ ଓଡ଼ିଶାର ହୋଇ ଦେଶମାତୃକା ପାଇଁ ଅତୁଳନୀୟ ସଂଗ୍ରାମ ଓ ତ୍ୟାଗର ନିଦର୍ଶନ ଛାଡ଼ିଯିବା ସହ ସମଗ୍ର ଭାରତବର୍ଷରେ ଓଡ଼ିଶାର ମହିମାକୁ ପ୍ରଚାରପ୍ରସାର କରିପାରିଥିଲେ । ଆମ ଦେଶ ସ୍ୱାଧୀନ ହୋଇଛି । ସ୍ୱାଧୀନୋତର ଭାରତର ନାଗରିକ ଭାବେ ଆମେ ଗର୍ବ ଅନୁଭବ କରୁଥିବାବେଳେ ସ୍ୱାଧୀନତା ମୂଳରେ ଥିବା ବିପ୍ଲବୀ ବୀର ଚାଖି ଖୁଂଟିଆଙ୍କ ପରି ଦେଶ ଓ ଜାତିର ଲକ୍ଷ ଲକ୍ଷ ଯୋଦ୍ଧାଙ୍କ ତ୍ୟାଗ ଓ ବଳିଦାନକୁ ଆଜିଭଳି ଦିନରେ ସ୍ମରଣ କରିବା ସହ ଆଗାମୀ ପିଢ଼ିକୁ ସଚେତନ କରିବାର ଉତରଦାୟିତ୍ୱ ଆମର ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଥିଲେ । ଭୁବନେଶ୍ୱର ଦୂରଦର୍ଶନର ପ୍ରାକ୍ତନ କାର୍ଯ୍ୟକ୍ରମ ମୁଖ୍ୟ ନିଳାଦ୍ରୀ ମୋହନ ଶତପଥୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ ଯେ ଚାଖି ଖୁଂଟିଆଙ୍କ ପରି ଦୃଢ଼ମନା ଯୋଦ୍ଧା ହିଁ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଇଙ୍କ ମନରେ ଅଦମ୍ୟ ସାହସ ସଂଚାର କରିପାରିଥିଲେ । ଇତିହାସ ସଦା ତାଙ୍କୁ ସ୍ମରଣ କରୁଥିବ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡକଫର ଲେନିନ୍ ମହାନ୍ତି କହିଲେ ଯେ ବିପ୍ଳବୀ ଚାଖି ଖୁଂଟିଆଙ୍କ ପରି କ୍ରାନ୍ତିକାରୀ ବ୍ୟକ୍ତିତ୍ୱଙ୍କ ସ୍ମୃତି ପାଇଁ ଆମମାନଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଯଥାର୍ଥରେ ସେ ଜାତୀୟତାବାଦ ଏବଂ ମାନବବାଦର ଉଦାହରଣ । ଚାଖୀ ଖୁଂଟିଆଙ୍କ ଦାୟଦ ଭୀମସେନ ହଜୁରୀ ଏବଂ ଚାଖୀ ଖୁଂଟିଆ ସ୍ମୃତି ସମିତି, ପୁରୀର ଡକ୍ଟର ବସନ୍ତ ପତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଖି ଖୁଂଟିଆଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ସେବକ ତଥା କବି ତଥା ସାହିତ୍ୟ ଅନୁରାଗୀ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିବା ସହିତ ତାଙ୍କରି ନେତୃତ୍ୱ ପାଇଁ ସମଗ୍ର ଓଡ଼ିଶା ସର୍ବଭାରତୀୟ ସ୍ତରରେ ପରିଚିତ ହୋଇପାରିଥିଲା ବୋଲି କହିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ସକାଳେ କଳ୍ପନା ଛକସ୍ଥିତ ଚାଖୀ ଖୁଂଟିଆଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର, ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ନିରଞ୍ଜନ ସେଠୀ ଏବଂ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ବିଧାୟକଙ୍କର ବିଭିନ୍ନ ୱାର୍ଡ ବୁଲି ଅନୁଧାନ କଲେ ସମୀକ୍ଷା

କେନ୍ଦ୍ରାପଡା ,୨୧ା୧ (ନି.ପ୍ର): ଓଡିଶାର ସର୍ବ ପୁରାତନ ପୌରସଂସ୍ଥା ଭାବେ ପରିଚିତ କେନ୍ଦ୍ରାପଡା ପୌରସଂସ୍ଥା ୨୧ଟି ୱାର୍ଡ ଭିତରେ ସୀମିତ ଥିବାବେଳେ ଅନେକ ୱାର୍ଡ ରେ ରାସ୍ତା ଘାଟ ଠାରୁ ଆରମ୍ଭ କରି ଡ୍ରେନ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ବିଧାୟକ ଶଶି ଭୂଷଣ ବେହେରା ସୋମବାର ଠାରୁ ବୁଧବାର ପର୍ଯ୍ୟନ୍ତ ୧୪,୧୫ ଓ ୧୯ନଂ ୱାର୍ଡ ପରିଦର୍ଶନ କରୁଥିବା ସମୟରେ ସ୍ଥାନୀୟ ଗ୍ରାମବାସୀ ବିଭିନ୍ନ ସମସ୍ୟା ସଂପର୍କରେ ଅଭିଯୋଗ କରିଛନ୍ତି । ମଧ୍ୟାହ୍ନରେ ବିଧାୟକ ଶ୍ରୀ ବେହେରା ୧୪ନଂ ଓ ୧୫ ନଂ ଓ ୧୯ନଂ ୱାର୍ଡ ବୁଲି ରାସ୍ତା, ପାନୀୟ ଜଳ, ଡ୍ରେନ ଓ ଆଲୋକ ପ୍ରଭୃତି ସମସ୍ୟା ଗୁଡିକ ଅନୁଧାନ କରିଥିଲେ । ଏହି ୩ଟି ୱାର୍ଡରେ ଅନେକ ସ୍ଥାନରେ ଡ୍ରେନ ପାଣି ନିଷ୍କାସନ ହୋଇ ପାରୁନଥିବାରୁ ଏହି ପାଣିଗୁଡିକ ଘର ଭିତରେ ପ୍ରବେଶ କରିବା ସହିତ ମୁଖ୍ୟ ରାସ୍ତା ଉପରେ ଛିଡାହୋଇ ରହୁଛି । ଏଥିସହିତ ଅନେକ ସ୍ଥାନରେ ଡ୍ରେନର ସୁବିଧା ନଥିବାରୁ ବର୍ଷାଦିନେ ଗ୍ରାମବାସୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବିଧାୟକ ଶ୍ରୀ ବେହେରାଙ୍କୁ ଅଭିଯୋଗ କରିଛନ୍ତି । ଏହା ସହ ବିଧାୟକ ଶ୍ରୀ ବେହେରା ୱାର୍ଡ ପରିଦର୍ଶନ ସମୟରେ ଅନେକ ଗରିବ ଲୋକ ରାସନ କାର୍ଡ ଓ ଆବାସ ଯୋଜନା ପାଇନଥିବା ଅଭିଯୋଗ କରିଛନ୍ତି । ଏହି ୱାର୍ଡ ଗୁଡିକର ସମସ୍ୟା ପାଇଁ ବିଧାୟକଙ୍କ ନେତୃତ୍ୱରେ ୱାର୍ଡ ନଂ ୧୯ରେ ଗୋବିନ୍ଦଜୀୟୁ ମନ୍ଦିର ପରିସରରେ ଏକ ବୈଠକର ଆୟୋଜନ କରାଯାଇ ସମସ୍ୟା ଉପରେର ଆଲୋଚନା କରାଯାଇ ଥିଲା ।

# ପଂଚାୟତରାଜ ଓ ପାନୀୟଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ ଓ ସମୀକ୍ଷା

କେନ୍ଦୁଝର,୨୧ା୧ (ନି.ପ୍ର): ଓଡିଶା ପଂଚାୟତରାଜ ଓ ପାନୀୟ ଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ସର୍କିଟ ହାଉସ ଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ଜିଲ୍ଲାରେ ଚାଲିଥିବା ଫ୍ଲାଗସିପ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ଜରିଆରେ କାର୍ଯ୍ୟକାରୀ ହେଉଥିବା ମନରେଗା ଗ୍ରାମୀଣ ଆବାସ ଯୋଜନା ର ସମୀକ୍ଷା କରି ଏହାର ସ୍ଥିତି ଓ ଅଗ୍ରଗତି ତଦାରକ କରିଥିଲେ । ଯେଉଁ ବ୍ଲକରେ ଯୋଜନାର ଆଶାନୁରୁପ ଅଗ୍ରଗତି ହୋଇ ପାରୁନାହିଁ ତା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହ ଏହାକୁ ଅଧିକ କର୍ତ୍ରିୟାଶୀଳ କରିବା ନିମନ୍ତେ ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ପାନୀୟ ଜଳ ପ୍ରକଳ୍ପ ର ସଠିକ୍ କାର୍ଯ୍ୟକାରିତ , ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱ ଆରୋପ କରି ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂପୃକ୍ତ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁରୁପ ଭାବେ ଓଭରହେଜ ପାଣି ଟାଙ୍କି ଗୁଡିକର ଉପଯୁକ୍ତ ରକ୍ଷଣା ବେକ୍ଷଣ ଓ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ । ସହରାଂଚଳ ମାନଙ୍କରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ର ଉନ୍ନତି , ଜଗାମିସନ , ସହରାଂଚଳ ରୋଜଗାର କାର୍ଯ୍ୟକ୍ରମ, ଇତ୍ୟାଦି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରୁଥିଲେ । ଏତଦ୍ ବ୍ୟତିତ ସହରାଂଚଳ ର ଉତମ ପରିମଳ ଅବସ୍ଥା ଉପରେ ବିହିତ ପଦେକ୍ଷପ ନେବାକୁ ସଂପୃକ୍ତ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକରେ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଓଡିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନ୍ଦ ନାୟକ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ , ପାଟଣା ବିଧାୟକ ଜଗନ୍ନାଥ ନାଏକ , ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀମତୀ କମଳିନୀ ପାତ୍ର , ଏବଂ ଉପାଧକ୍ଷ ଅକ୍ଷୟ କୁମାର ସାହୁ , ପିଡି . ଡି. ଆର ଡି. ଏ. ଡଃ ଉଦ୍ଧବ ଚନ୍ଦ୍ର ମାଝୀ , ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାଷିନାଥ ମୁର୍ମୁ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା,୨୧ା୧ (ନି.ପ୍ର): ଜିଲ୍ଲା ସଦର ମହକୁମା ଜିଲ୍ଲା ସ୍ତରୀୟ ସାଧାରତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଅମ୍ରିତ୍ ରୁତୁରାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କର ପକ୍ଷରୁ ଜାରି କରାଯାଇ ଥିବା ନିର୍ଦ୍ଦେଶ ନାମା ଅନୁଯାୟୀ ନିୟମ ପାଳନ ପୂର୍ବକ ଚଳିତ ବର୍ଷ ସାଧାରତନ୍ତ୍ର ଦିବସକୁ ନିରାଡମ୍ୱର ଭାବରେ ପାଳନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ବୈଠକର ନିଷ୍ପତି ଅନୁଯାୟୀ ଜାନୁୟାରୀ-୨୬ ସକାଳ ୪.୩୦ ମିନିଟ୍ ସମୟରେ ସହରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପ୍ରଚାର କରାଯିବ । ସକାଳ ୭ଟା ୩୦ ମିନିଟ୍ ସମୟରେ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତଳନ କରାଯିବା ୮.୩୦ ସମୟରେ କେନ୍ଦ୍ରାପଡା ମହାବିଦ୍ୟାଳୟ ପଡିଆରେ ଜିଲ୍ଲା ସ୍ତରୀୟ ଜାତୀୟ ପତାକା ଉତୋଳନ ମୁଖ୍ୟ ଅତିଥିଙ୍କ ଦ୍ୱାରା ସଂପାଦିତ ହେବ । କୋଭିଡ କଟକଣା ଓ ରାଜ୍ୟ ସରକାରଙ୍କ ମାର୍ଗ ଦର୍ଶିକା ଯୋଦ୍ଧା ମାନଙ୍କୁ ନିମନ୍ତ୍ରଣ କରାଯିବ , ପୋଲିସ ବାହିନୀ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହେବ । ଆଜିର ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ, ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ ପରିଡା, ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର, ଇନିସପେକ୍ଟର ହେମନ୍ତ ଦାସ, ଡାକ୍ତ ଅନିତା ପଟ୍ଟନାୟକ, ଇଂ ପ୍ରଦିପ୍ତ କୁମାର ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅଗ୍ନିଶମ ଅଧିକାରୀ ବୀରଭଦ୍ର ଟୁଡୁ ଉପସ୍ଥିତ ଥିଲେ ।

## ବିଦ୍ୱେଷର ବିଶ୍ଳେଷଣ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ମହାଭାରତ ଯୁଦ୍ଧ ପରେ ୧୦୦୬ ବର୍ଷ ଯାଏଁ ଜରାସନ୍ଧ ବଂଶର ୨୨ ରାଜାଙ୍କ ଶାସନ, ୫ ପ୍ରଦ୍ୟୋତ ବଂଶର ରାଜାମାନଙ୍କ ୧୩୮ବର୍ଷର ଶାସନ, ୧୦ସେସୁନାଗ ବଂଶର ୩୬୦ବର୍ଷର ଶାସନ, ୯ ନନ୍ଦବଂଶର ରାଜାଙ୍କ ୧୦୦ ବର୍ଷର ଶାସନ, ୧୨ ମୌର୍ଯ୍ୟ ରାଜାଙ୍କ ୩୧୬ ବର୍ଷର ଶାସନ, ୧୦ ସୁଙ୍ଗଙ୍କ ୩୦୦ବର୍ଷର ଶାସନ, ୪ କଣ୍ୱଙ୍କ ୮୫ବର୍ଷର ଶାସନ, ୩୩ ତେଲୁଗୁରାଜାଙ୍କ ୫୦୬ ବର୍ଷର ଶାସନ, ୭ ଗୁପ୍ତରାଜାଙ୍କ ୨୪୫ବର୍ଷର ଶାସନ, ବିକ୍ରମାଦିତ୍ୟଙ୍କ ୧୦୦ବର୍ଷର ଶାସନ, ରାଜେନ୍ଦ୍ର ଚୋଳଙ୍କ ଦ୍ୱାରା ୧୬ମାଇଲ ଦୀର୍ଘ ୩ ମାଇଲ ପ୍ରସ୍ଥର କୃତ୍ରିମ ହ୍ରଦ ଗଙ୍ଗାଇକୋଣ୍ଡାଚୋଳପୁରମ୍‌ଠାରେ ନିର୍ମାଣ, ଖ୍ରୀପୂ ୬୦୦ରେ ମହର୍ଷି କଣାଦଙ୍କ ପରମାଣୁର ଗତି, ଆକୃତି ଓ ପ୍ରତିକ୍ରିୟା ସଂକ୍ରାନ୍ତୀୟ ଘୋଷଣା, ରତ୍ନଗିରି, ବିକ୍ରମଶିଳା, ଜଗଦଳା, ପୁଷ୍ପଗିରି, ଓଦନ୍ତପୁରୀ, ସୋମପୁରା, ନାଳନ୍ଦା, ତକ୍ଷଶିଳା, ବଲ୍ଲଭିଠାରେ ପ୍ରାଚୀନ କାଳରେ ବିଶ୍ୱବିଦ୍ୟାଳୟ ସ୍ଥାପନ, ଚୋଳରାଜା କାରିକଲାଙ୍ଗଙ୍କ ଦ୍ୱାରା ଖ୍ରୀ ୨୦୦ରେ ୧୦୭୯ ଫୁଟ ଦୀର୍ଘ ଓ ୬୬ଫୁଟ ଓସାରର କଲ୍ଲାନାଇ ନଦୀବନ୍ଧ ନିର୍ମାଣ, ବରାହ ମିହିରଙ୍କ ଦ୍ୱାରା ମହାକାଶର ଗ୍ରହ ଉପଗ୍ରହର ଆକାର ସଂକ୍ରାନ୍ତୀୟ ଅଧ୍ୟୟନ, ହଜାର ହଜାର ବର୍ଷ ପୂର୍ବରୁ ପୃଥିବୀର ଆକୃତି ନେଇ ସ୍ପଷ୍ଟ ଧାରଣା, ଋକବେଦରେ ସୌରମଣ୍ଡଳର ବର୍ଣ୍ଣନା ଆଦି ହେଉଛି ଭାରତର ସମୃଦ୍ଧ ଜ୍ଞାନ ବିଜ୍ଞାନ ଓ ଶୌର୍ଯ୍ୟର ପରମ୍ପରା । ଏହି ସବୁ ଭାରତୀୟ ସମୃଦ୍ଧ ଚେତନଶକ୍ତିକୁ ଅଧ୍ୟୟନ କରିନଥିବା ଆଜିର ଅଳ୍ପ ଶିକ୍ଷିତ ସାର୍ଟିଫିକେଟଧାରୀମାନେ ଅଜ୍ଞାନତାକୁ ନେଇ ଜ୍ଞାନ ଭାବେ ପରିବେଷଣ କରିବାରେ ଲାଗିପଡିଛନ୍ତି । ବ୍ରିଟିଶ ଲୋକଙ୍କ ଶାସନ, ପ୍ରଶାସନ, ଆଇନତନ୍ତ୍ରର ଅନୁସରଣ କରୁଥିଲା ଲୋକେ ଭାରତୀୟ ମନୀଷାର ନିକଟତର ହୋଇ ନପାରି ବିଦ୍ୱେଷ ପ୍ରଚାରରେ ବ୍ୟସ୍ତ ରହିଛନ୍ତି । ଏସବୁ ଯେପରି ବନ୍ଦ ହୋଇ ଭାରତରେ ନିଜସ୍ୱ ସଂସ୍କାର, ସଂସ୍କୃତି, ଶିକ୍ଷାର ପ୍ରସାର ହେବ ସେ ଦିଗରେ ସମସ୍ତେ ପ୍ରୟାସ କରିବା ଆବଶ୍ୟକ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟଙ୍କ ପିତୃ ବିୟୋଗ



ଖଇରା,୨୧/୦୧(ଆପ୍ର): ଖଇରା ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ହରେକୃଷ୍ଣ ବିଶ୍ୱାଳଙ୍କ ପିତା ପଞ୍ଚାନନ ବିଶ୍ୱାଳଙ୍କର ବିୟୋଗ ଘଟିଛି । କିଛିଦିନ ହେବ ଶ୍ରୀଯୁକ୍ତ ବିଶ୍ୱାଳଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା । ଆଜି ସକାଳେ ଖଇରା ବ୍ଲକ୍ ସାରକୋଣା ପଞ୍ଚାୟତ ଝିଙ୍କିରିଆ ଗ୍ରାମସ୍ଥିତ ବାସଭବନରେ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ସେ ଜଣେ ସରଳ, ମେଳାପି ତଥା ଅନୁଷ୍ଠାନ ପ୍ରେମୀ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ୩ପୁତ୍ର ହରେକୃଷ୍ଣ ବିଶ୍ୱାଳ, ଧରଣୀଧର ବିଶ୍ୱାଳ, ରତ୍ନାକର ବିଶ୍ୱାଳଙ୍କ ସମେତ ପୁତ୍ରବଧୂ, ନାତୀ, ନାତୁଣି ଉପସ୍ଥିତ ରହିଥିଲେ । ତାଙ୍କ ମୃତ୍ୟୁ ଖବରପାଇ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପରିଚାଳକ ଦୀଲ୍ଲିପ କୁମାର ଲେଙ୍କା, ଗୁରୁଜୀ ଷ୍ଟାଲିନ୍ ରାଉତଙ୍କ ସମେତ ଅନ୍ୟ ଗୁରୁଜୀ ଓ ଗୁରୁମା ମାନେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆର୍ନ୍ତଜାତୀୟ ମାନର....

କୋଣାର୍କ ମନ୍ଦିରର ପାରିପାର୍ଶ୍ୱିକ ଅଂଚଳର ଭିତିଭୂମି ବିକାଶକୁ ଏହି ପ୍ରାଚୀନ ଐତିହ୍ୟ ସହ ସମନ୍ୱିତ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ସାଢ଼େ ତିନି କିଲୋମିଟର ବାହ୍ୟ ରିଂଗ ରୋଡକୁ ଛଅ ଥାକିଆ ନିର୍ମାଣ କରାଯିବା ସହିତ ମନ୍ଦିରକୁ ଯାଇଥିବା ସବୁ ରାସ୍ତାର ବିକାଶ କରାଯିବା, ଯାତ୍ରୀଙ୍କୁ ନେବାଆଣିବା ପାଇଁ ଭୁବନେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ପଏଂଟର ବିକାଶ କରାଯିବ । ଫେରିବାଲା ମାନଙ୍କୁ ପୁନଃ ଥଇଥାନ କରାଯିବ । ମନ୍ଦିର ସମ୍ମୁଖରେ ଥିବା ତିରିଶ ଏକର ଜମି ସମ୍ପୂର୍ଣ୍ଣ ଖୋଲା ରହିବ ଏବଂ ଲ୍ୟାଣ୍ଡସ୍କେପିଂ କରାଯିବ । ପ୍ରବେଶସ୍ଥଳ ରେ ପର୍ଯ୍ୟଟକ ମାନଙ୍କୁ ସ୍ୱାଗତ କରିବା ପାଇଁ ସୁଦୃଶ୍ୟ କୋଣାର୍କ ଏଂଟ୍ରି ପ୍ଲାଜା ନିର୍ମାଣ କରାଯିବ । ତା ସହିତ ଗାଡିମଟର ପାର୍କିଂ ପାଇଁ ମଲ୍ଟି ମୋଡାଲ ହବ୍ ନିର୍ମାଣ କରାଯିବ । କୋଣାର୍କ ମୁକ୍ତାକାଶ ରଂଗମଂଚର ପୁର୍ନବିନ୍ୟାସ କରାଯିବ । ଐତିହ୍ୟ ଅଂଚଳର ସୌନ୍ଦର୍ଯ୍ୟକରଣ ସହିତ ପଥଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ମଧ୍ୟ ନିର୍ମାଣ କରାଯିବ । ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଲା, କୋଣାର୍କ ସୂର୍ଯ୍ୟ ମନ୍ଦିରର ଗରିମାର ସୁରକ୍ଷା, ପର୍ଯ୍ୟଟକ ମାନଙ୍କ ପାଇଁ ଅନନ୍ୟ ଅନୁଭୂତି, ସ୍ଥାନୀୟ ବ୍ୟବସାୟୀ ମାନଙ୍କ ଆର୍ଥିକ ଉନ୍ନତି ତଥା କୋଣାର୍କ ସହିତ ପୁରୀ ଜିଲ୍ଲା ଓ ସମଗ୍ର ରାଜ୍ୟର ପର୍ଯ୍ୟଟନ ଅର୍ଥନୀତିର ବିକାଶ । କଳିଙ୍ଗ ସ୍ଥାପତ୍ୟ କଳାର ଅପୂର୍ବ ନିଦର୍ଶନ ହେଉଛି କୋଣାର୍କ ମନ୍ଦିର । ଗଙ୍ଗ ବଂଶର ରାଜା ଲାଙ୍ଗୁଳା ନରସିଂହ ଦେବଙ୍କର ତ୍ରୟୋଦଶ ଶତାବ୍ଦୀର ଏହି ଅନୁପମ କୀର୍ତି ତାର ଅବିଶ୍ୱସନୀୟ କଳା ଓ ଭାସ୍କର୍ଯ୍ୟ ପାଇଁ ସାରା ବିଶ୍ୱର ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିଆସିଛି । ଭଗବାନ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ମନ୍ଦିର ର ମୁଖ୍ୟ ଅଂଶ ଭାଂଗି ଯାଇଥିଲେ ମଧ୍ୟ ମୁଖଶାଳାର ଶୋଭା ଓଡିଶାର କାରିଗର ଓ ଶିଳ୍ପୀ ମାନଙ୍କର ଦକ୍ଷତାର ଜୟଗାନ କରିଆସୁଛି ।ଏହି ମନ୍ଦିର ତତ୍କାଳୀନ ଓଡିଶାର ସଂପନ୍ନତା ବିଷୟରେ ସୂଚିତ କରିଥାଏ । ମନ୍ଦିର ଗାତ୍ରରେ ଜିରାଫର ଚିତ୍ର ଆଫ୍ରିକୀୟ ଦେଶ ମାନଙ୍କ ସହିତ ତତ୍କାଳୀନ ଓଡ଼ିଶାର ସଂପର୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଥାଏ ।

### ଲକ୍ଷ୍ନୌ ବାଟ ଦେଇ....

ଅକ୍ଷୟ କୁମାର ଆହ୍ୱାନ ଜଣାଇଛନ୍ତି । ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗରେ ସ୍ଥାନୀୟ ସରକାରମାନେ କୌଣସି ପ୍ରକାର ବାଧାବିଘ୍ନ କରିନଥିଲେ ହେଁ ଉତର ପ୍ରଦେଶ ସରକାର ପୋଲିସ ଛାଉଣୀ କରି କୌଣସି ପ୍ରକାର ସଭା ସମିତି କରାଇ ଦେଇନାହାଁନ୍ତି । ଏଭଳିକି ଚାଷୀମାନଙ୍କୁ ସ୍ୱାଗତ କରିବା ପାଇଁ ବହୁ ସ୍ଥାନରେ ସମାଜବାଦୀ କର୍ମକର୍ତା ଓ ଜୟପ୍ରକାଶ ଆନ୍ଦୋଳନର ବହୁ ସାଥୀମାନେ ଅପେକ୍ଷା କରିଥିଲେ ହେଁ ଉତର ପ୍ରଦେଶ ପୋଲିସ ପ୍ରଶାସନ ପାଇଁ ତାହା ସମ୍ଭବ ହୋଇପାରି ନାହିଁ । ପଞ୍ଜାବ, ହରିୟାଣା ଓ ପଶ୍ଚିମ ଉତରପ୍ରଦେଶର ଚାଷୀମାନେ ଦିଲ୍ଲୀରେ ୨ ମାସ କାଳ ବସି ଏକ ବାତାବରଣ ସୃଷ୍ଟି କରିଥିଲା ବେଳେ ଓଡ଼ିଶା ଚାଷୀଙ୍କ ବସ୍ ଯୋଗେ ଦିଲ୍ଲୀ ଯାତ୍ରା ବିଶେଷକରି ଝାଡ଼ଖଣ୍ଡ ଓ ବିହାରରେ ଚାଷୀମାନଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି କରିବାରେ ସହାୟକ ହୋଇଛି । ଯେଉଁଥି ପାଇଁ ଉତର ପ୍ରଦେଶ ସରକାର ୟୁପିରେ ଏଭଳି ବାତାବରଣ ସୃଷ୍ଟି ନହେଉ ବୋଲି ଏ ପ୍ରକାର କାଣ୍ଡ କାରଖାନା ଭିଆଇଛନ୍ତି ବୋଲି ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଅଭିଯୋଗ କରିଛନ୍ତି ।

### ବିଜେପି ନେତାଙ୍କ....

ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି-"ମଣ୍ଡିରେ ବହୁ ପରିମାଣର ଧାନ ପଡ଼ି ରହିଛି । ସେହି ଧାନକୁ ରାଜ୍ୟ ସରକାର ଉଠାଉନାହାନ୍ତି । ବିଜେପିର ଧମକ ସତ୍ତ୍ୱେ ଧାନ ଉଠିଲାନାହିଁ । ସେଥିପାଇଁ ଆଜି ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରିଥିଲୁ । ରାଜ୍ୟ ସରକାର ଧାନ ଉଠାଇବାକୁ ନିଷ୍ପତ୍ତି ନିଅନ୍ତୁ, ତା'ପରେ ଆମେ ଥାନାରୁ ଯିବୁ ।" ଚାଷୀଙ୍କ ଦାବି ପୂରଣ ପାଇଁ ବିଜେପି କର୍ମୀମାନେ ଆଜି ବିଶାଳ ଶୋଭାଯାତ୍ରାରେ ଆରଡିସି ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା । ଫଳରେ ବିଜେପି ନେତା-କର୍ମୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲେ । ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ଯୋଜନା ରାଜ୍ୟ ସରକାର ଲାଗୁ କରୁନଥିବାରୁ ଚାଷୀମାନେ ଅସୁବିଧାରେ ପଡୁଛନ୍ତି । ଏହାସହ କଟନୀ ଛଟନୀ ନାଁରେ ଚାଷୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରିଛନ୍ତି ବିଜେପି ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର । ସୁରକ୍ଷା ଦୃଷ୍ଟିରୁ ସମ୍ବଲପୁର ଟାଉନ୍‌ରେ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲା । ଏଥିସହ ୫୦ରୁ ୬୦ ଜଣ ଅଫିସରଙ୍କ ବିଭିନ୍ନ ସ୍ଥାନୟରେ ନିୟୋଜିତ କରାଯାଇଛି ।

### ବିଜେପିର ଚାଷୀ ସମାବେଶ....

ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ବୈଦ୍ୟନାଥ ପ୍ୟାକ୍ସର ଦିଲ୍ଲୀପ ସୁନା, ମହୁଲି ଓ ଖରି ପ୍ୟାକ୍ସର ରବି ମିଶ୍ର, ଜଟେସିଂହ ପ୍ୟାକ୍ସର ସିଇଓ ଘନଶ୍ୟଶମ ପ୍ରଧାନ, ଉଲୁଣ୍ଡା ପ୍ୟାକ୍ସର ସିଇଓ ରାମକୃଷ୍ଣ ପାଢ଼ୀ ଓ ମୁରଶୁଣ୍ଡି ପ୍ୟାକ୍ସର ସିଇଓ ପ୍ରଭାତ କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି । ସେହିପରି ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ବାଘିଆପଡ଼ା ପ୍ୟାକ୍ସର ସମ୍ପାଦକ ନେତ୍ରାନନ୍ଦ ପୁରୋହିତ, ରାମଗଡ଼ ପ୍ୟାକ୍ସର ସମ୍ପାଦକ ନିରୋଦ କୁମାର ପାତ୍ର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସଢ଼ା ପ୍ୟାକ୍ସର ଦୀନବନ୍ଧୁ ଜେନା ଓ ଶୁକଦେବ ରାଉତଙ୍କୁ ନିଲମ୍ବନ କରାଯାଇଛି । ଏହାସହିତ ସଢ଼ା ପ୍ୟାକ୍ସର ଡାଟା ଏଣ୍ଟ୍ରି ଅପରେଟର ମନୋଜ କୁମାର ନାୟକଙ୍କୁ ଚାକିରି ବହିଷ୍କୃତ କରାଯାଇଛି ।

### ରାଜଧାନୀରେ ପାର୍କିଂ....

ପାର୍କିଂ ସମୟ ଅଧିକ ହେଲେ ଅଧିକ ଟଙ୍କା ଦେବାକୁ ହେବ । ୫ ଘଂଟା ରଖିଲେ ପ୍ରତ୍ୟେକ ଯାନକୁ ଘଂଟା ପ୍ରତି ୨୦% ଅଧିକ ଦେବାକୁ ହେବ । ଇଲେକ୍ଟ୍ରିକ୍ ଯାନ ପାଇଁ ୪୦% ରିହାତି । ସାଇକଲ୍ ପାଇଁ କୌଣସି ପାର୍କିଂ ଫି ନାହିଁ । ଏହି ପାର୍କିଂଲଟ୍‌ର ୫% ସ୍ଥାନ ସାଇକଲ୍ ପାଇଁ ଉଦିଷ୍ଟ ।? ପ୍ରଥମ ପେମେଂଟ ଗାଡି ରଖିଲାବେଳେ ଆଦାୟ କରାଯିବ । ଟିଜି ଗ୍ରୁପ୍ ପି ଓ ଏସ୍ ମେସିନ୍ ବ୍ୟବହାର କରି ବିଲ୍ ଦେବେ, ଅଳ୍ପ କିଛି ଦିନ ମଧ୍ୟରେ ମେସିନ୍ ଏବଂ କ୍ୟୁ ଆର୍ କୋଡ୍ ଉପଲବ୍ଧ ହେବ । ବିଏମ୍‌ସି ଜୋନାଲ୍ ଡେପୁଟି କମିଶନର୍ ଏହାର ସମାୟାନୁକ୍ରମିକ ସମୀକ୍ଷା କରିବେ ଏବଂ ପ୍ରତ୍ୟେକ ଉଲ୍ଲଙ୍ଘନ ପାଇଁ ଟ.୧୦୦୦/- ଜୋରିମାନା କରାଯିବ । ଦିବ୍ୟାଂଗଙ୍କ ନିମନ୍ତେ ସ୍ୱତନ୍ତ୍ର ସୁବିଧା କରିବେ । ସଂପୃକ୍ତ ସ୍ଥାନର ଦୋକାନଙ୍କ ପାଇଁ ଦୈନିକ ପାସ୍ ଟ. ୨୦/-, ୧୫ ଦିନକୁ ଟ.୩୦୦/- ଏବଂ ମାସକୁ ଟ. ୫୦୦/- ର ବ୍ୟବସ୍ଥା ରହିଛି । ଏହି ପାର୍କିଂ ଲଟ୍ ଗୁଡିକ ଦୁଇମାସ ପାଇଁ ପରୀକ୍ଷାମୂଳକ ଭାବେ ଭାବେ ଦିଆଯାଇଛି ବୋଲି କହିଛନ୍ତି ଡେପୁଟି କମିଶନର, ରାଜସ୍ୱ ଶ୍ରୀମନ୍ତ ମିଶ୍ର । ପ୍ରଥମ ପାର୍କିଂ ଲଟ୍ ପାଇଁ ମାସିକ ଦେୟ ଟ.୨,୨୩,୦୦୦/- ଏବଂ ଦ୍ୱିତୀୟ ପାର୍କି ଲଟ୍ ପାଇଁ ମାସିକ ଟ.୧,୪୬,୦୮୯/-ରହିଛି । ସଂପୃକ୍ତ ସଂସ୍ଥା ଏହି ଦେୟ ବିଏମ୍‌ସିକୁ ଗୋଟିଏ ମାସ ପୁରିବାର ପରବର୍ତୀ ମାସର ପ୍ରଥମ ସପ୍ତାହରେ ଭରଣା କରିବେ । ଏଥିପାଇଁ ଟିଜି ସ୍ୱୀକୃତି ଟ.୭,୩୮୦/- ସିକ୍ୟୁରିଟି ଡିପୋଜିଟ୍ ଦେଇଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

### ବିବାଦରେ ଥିଲେ ଖଣି...

ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରି ପିଏଚ୍‌ଡି କୋର୍ସ ୱାର୍କ କରିଛି । ଯାହାର ପ୍ରମାଣ ମୋ ପାଖରେ ରହିଛି । ଏପରିକି ମୁଁ କଲେଜକୁ ନିୟମିତ ଭାବେ ଯାଇଛି । ପିଲାଙ୍କର ଖାତା ମଧ୍ୟ ଦେଖିଛି । ମୋର ଉପସ୍ଥାନ ମଧ୍ୟ ରହିଛି । ମୁଁ ବେଆଇନ୍? ଭାବେ ଦରମା ଟଙ୍କା ଉଠାଇନାହିଁ ବୋଲି ଲିପ୍ସା କହିଛନ୍ତି । ସେ ଆହୁରି କହିଛନ୍ତି-"ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ପାଇଁ ମୁଁ ସିଲେକ୍ଟ ହେବା ପରେ ୨୦୧୬ ମର୍ଚ୍ଚ ୨୧ ତାରିଖରେ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସରୁ ଏକ ଡିଡି କରିଥିଲି । ଯାହାର ନଂ ୧୬୨୨୫୨ । ସେହି ଡିଡି ଦେଇ ବିଶ୍ୱବିଦ୍ୟାଳୟରେ ଆଡମିସନ୍ କରିଥିଲି । ତେଣୁ ମୋ' ନାଁରେ ସୂଚନା ଅଧିକାର କର୍ମୀ ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ।" ତେବେ ଏଠି ପ୍ରଶ୍ନ ଉଠୁଛି ସତ କହୁଛି କିଏ? ସୂଚନା ଅଧିକାରୀ କର୍ମୀଙ୍କ ତଥ୍ୟ ନା ମନ୍ତ୍ରୀଙ୍କ ବୋହୂ ଲିପ୍ସାଙ୍କ ପାଖରେ ଥିବା କାଗଜପତ୍ର । ଲୋକାୟୁକ୍ତଙ୍କ ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ମତପ୍ରକାଶ ପାଇଛି ।

### ମାଟ୍ରିକ ପରୀକ୍ଷାର୍ଥୀମାନଙ୍କୁ....

ସୂଚନାଯୋଗ୍ୟ ଜାନୁଆରୀ ୮ ତାରିଖରୁ ରାଜ୍ୟରେ କେବଳ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲ ଖୋଲି ପାଠପଢ଼ା ଚାଲୁ ରହିଛି । ପିଲାମାନଙ୍କ ଚାପ କମ କରିବାକୁ ୩୦ ପ୍ରତିଶତ ସିଲାବସକୁ କମାଇ ଦିଆଯାଇଛି । ଏବେ ସ୍କୁଲ ଖୋଲିବା ପରେ ଶହେ ଦିନର ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରାଯାଇଛି । ଶନିବାର ଓ ରବିବାର ସ୍କୁଲ ଚାଲୁଛି । ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଜାନୁଆରି ୮ରୁ ଏପ୍ରିଲ ୨୬ ତାରିଖ ଯାଏଁ ପାଠପଢ଼ା ହେବ । ଦ୍ୱାଦଶ ପିଲାଙ୍କ ପାଇଁ ଜାନୁଆରି ୮ରୁ ଏପ୍ରିଲ ୨୮ତାରିଖ ଯାଏଁ ପାଠପଢ଼ା ଚାଲୁ ରହିବ ।

### କରୋନା ଟିକା ନେଲେ...

୨୩୬ ପ୍ରତିଶତ ଟିକାକରଣ ହୋଇଛି । ଦେବଗଡ଼ ଜିଲ୍ଲାରେ ଆଜି ସର୍ବନିମ୍ନ ୪୪ ପ୍ରତିଶତ ଅର୍ଥାତ ୧୪୮ ଜଣଙ୍କୁ ଟିକା ଦିଆଯାଇଛି । ବଲାଙ୍ଗୀର ଜିଲ୍ଲାରେ ୧୮୫୦ରୁ ୧୭୦୨ ଜଣଙ୍କୁ କରୋନା ଟିକା ଦିଆଯାଇଥିବା ବେଳେ ବାଲେଶ୍ୱରରେ ୨୪୨୨ ଜଣଙ୍କୁ ଟିକା ଦିଆଯାଇଛି । ଆଜି ବାଲେଶ୍ୱର ଜିଲ୍ଲାରେ ୧୪୭୦ ଜଣଙ୍କୁ ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଥିଲା । ଭଦ୍ରକରେ ୮୭୦ ଜଣଙ୍କୁ ଟିକାଦିଆଯିବାର ଥିଲେ ମଧ୍ୟ ଏଠାରେ ୧୮୯୬ ଜଣଙ୍କୁ ଟିକା ଦିଆଯାଇଛି । ବୌଦ୍ଧ ଜିଲ୍ଲାରେ ୩୨୦ ଜଣଙ୍କୁ ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଏଠାରେ ୩୨୨ ଜଣ ଟିକା ନେଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୧୩୧ ପ୍ରତିଶତ, ଗଜପତିରେ ୧୧୬ ପ୍ରତିଶତ, ଜଗତସିଂହପୁରରେ ୯୮ ପ୍ରତିଶତ, ଯାଜପୁରରେ ୧୧୦ ପ୍ରତିଶତ, ଝାରସୁଗୁଡ଼ାରେ ୧୦୫ ପ୍ରତିଶତ, କଳାହାଣ୍ଡିରେ ୯୧ ପ୍ରତିଶତ, କନ୍ଧମାଳ ଓ କେନ୍ଦ୍ରାପଡ଼ାରେ ୧୩୫ ପ୍ରତିଶତ ଲେଖାଏଁ, କେନ୍ଦୁଝରରେ ୮୨ ପ୍ରତିଶତ, ଖୋର୍ଦ୍ଧାରେ ୧୦୬ ପ୍ରତିଶତ, କୋରାପୁଟରେ ୧୧୩ ପ୍ରତିଶତ, ମାଲକାନଗିରିରେ ୧୦୫ ପ୍ରତିଶତ କରୋନା ଟିକାକରଣ ହୋଇଛି ।

### ଆଜି ତେଜପୁର ବିଶ୍ୱବିଦ୍ୟାଳୟର....

ଡିଗ୍ରୀ ପ୍ରାପ୍ତକର୍ତାଙ୍କ ମଧ୍ୟରେ ବିଭିନ୍ନ ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗର ୪୮ ଜଣ ଟପ୍ପରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ । ସମ୍ମିଳନୀରେ କୋଭିଡ-୧୯ ନିୟମାବଳୀଗୁଡିକ ପାଳନ କରାଯିବ, ଯେଉଁଥିରେ କେବଳ ପିଏଚ.ଡି ସ୍କଲାର ଏବଂ ସ୍ୱର୍ଣ୍ଣ ପଦକ ବିଜେତାମାନେ ବ୍ୟକ୍ତିଗତ ଭାବରେ ସେମାନଙ୍କର ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ଗ୍ରହଣ କରିବେ ଏବଂ ଅବଶିଷ୍ଟ କୃତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଡିଗ୍ରୀ ଏବଂ ଡିପ୍ଲୋମା ପ୍ରମାଣ ପତ୍ର ଭର୍ଚୁଆଲ ମୋଡରେ ପ୍ରଦାନ କରାଯିବ ।

## ଲକ୍ଷ୍ମଣନାଥ ଟୁଲ ପ୍ଲାଜା ନିକଟରେ ସଡକ ସୁରକ୍ଷା ଦିବସ ସପ୍ତାହ ପାଳନ



ଜଳେଶ୍ୱର, ୨୧/୧ (ନିପ୍ର) : ଜଳେଶ୍ୱର ସୀମାନ୍ତ ଟୁଲପ୍ଲାଜା ନିକଟରେ ଆଜି ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି । ନାରାୟଣ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ସଂଜୟ ପଣ୍ଡା, କେ ଜଗଦିଶ ରାଓ, ରୁପେସ ସିଂ, ଦୀପକ ତରାଇ, ରଂଜନ ତରାଇ, ଶ୍ରବଣ ଠାକୁର, ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ସମାଜସେବୀ ସୁଦାମ ପାତ୍ର ପ୍ରମୁଖ ଉପସ୍ଥିତ ରହି ଡ୍ରାଇଭର ଓ ହେଲ୍ପର ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଭିନ୍ନ ସଚେତନତା ସୃଷ୍ଟି କରିଥିଲେ ।

## ବିନା ଏ.ଟି.ଏମରେ ଟଙ୍କା ଉଠାଣ କର୍ମଶାଳା




ବାସୁଦେବପୁର,୨୧।୦୧ (ନି.ପ୍ର): ବିନା ଏ.ଟି.ଏମ କାର୍ଡରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏଟିଏମରୁ ଟଙ୍କା ଉଠାଯାଇପାରିବ । ଏହାକୁ ୟୋନୋ କ୍ୟାସ କୁହାଯାଏ । ଏହି ଅବସରରେ ଜନସାଧାରଣଙ୍କୁ ବୁଝାଇବା ପାଇଁ ବାସୁଦେବପୁର ଷ୍ଟେଟବ୍ୟାଙ୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କଲିକତା ଓ ଭୁବନେଶ୍ୱର ସର୍କଲ ମଧରେ ଏକ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଷ୍ଟେଟ ବ୍ୟାଙ୍କର ବାସୁଦେବପୁର ବ୍ରାଞ୍ଚ ସମେତ ସମସ୍ତ ବ୍ରାଞ୍ଚର ଅଧିକାରୀ ମାନେ ବିନା ଏଟିଏମ କାର୍ଡରେ ଟଙ୍କା ଉଠାଣ ନିୟମକୁ ସମସ୍ତେ ସ୍ୱାଗତ କରିଥିଲେ । ବାସୁଦେବପୁର ଷ୍ଟେଟବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଶାରଦା ପ୍ରସନ୍ନ ସାହୁ ଓ ଉପମୁଖ୍ୟ ପ୍ରବନ୍ଧକ ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବାସୁଦେବପୁର ବ୍ରାଞ୍ଚର ସମସ୍ତ କର୍ମଚାରୀ ଯୋଗଦେଇ ଗ୍ରାହକ ମାନଙ୍କୁ ଠିକ୍ ଭାବେ ବିନା ଏଟିଏମ କାର୍ଡରେ କିପରି ଟଙ୍କା ଉଠାଯାଇପାରିବ ସେ ବିଷୟରେ ବୁଝାଇଥିଲେ ।

## ବିବାହର ପ୍ରତିଶୃତି ଦେଇ ଦୁଷ୍କର୍ମ : ପ୍ରେମିକାକୁ ବଣରେ ଛାଡି ଚମ୍ପଟ ମାରିଲେ ପ୍ରେମିକ

ଜଳେଶ୍ୱର, ୨୧/୧ (ନିପ୍ର) : ରାଇବଣିଆ ଥାନା ଅନ୍ତର୍ଗତ ଜଣେ ଆଦିବାସୀ ଯୁବତୀକୁ ମୟୂରଭଂଜ ଜିଲାର ଶୁଳିଆପଦା ଅଂଚଳର ଜନୈକ ଯୁବକ ମଝିଆ ହାଁସଦା ବିବାହର ପ୍ରତିଶୃତି ଦେଇ ଜଂଗଲରେ ଦୁଷ୍କର୍ମ କରି ଚମ୍ପଟ ମାରିଥିବା ଜଣାଯାଇଛି । ମଝିଆ ହାଁସଦା ଗତ କିଛିଦିନ ତଳେ ମୟୂରାଭଂଜରୁ ଆସି ରାଇବଣିଆ ଅଂଚଳରେ ଶ୍ରମିକଭାବେ କାର୍ଯ୍ୟକରି ଉକ୍ତ ଯୁବତୀକୁ ପ୍ରେମଫାସରେ ଫସାଇଥିଲେ । ଦୁଷ୍କର୍ମପରେ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବାରୁ ୪/୨୧ ମୂଳେ ଏକ ମାମଲା। ରୁଜୁ ହୋଇଛି । ରାଇବଣିଆ ଥାନା ପୁଲିସ୍ ଯୁବକକୁ ଗିରଫ କରିଥିବା ଜଣାଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସରୋଜିନୀ ହେମ୍ବ୍ରମ

ବାରିପଦା,୨୧।୦୧ (ନି.ପ୍ର): ଜମ୍ବୀରା ଡେମ ନିର୍ମାଣ ବେଳେ ଯେଉଁ ପରିବାରମାନେ ବିସ୍ଥାପିତ ହୋଇଥିଲେ ସେହି ୧୩୦୪ ବିସ୍ଥାପିତ ପରିବାରଙ୍କୁ ଟ.୨୬,୦୮,୦୦,୦୦୦/- ( ଛବିଶ କୋଟି ଆଠ ଲକ୍ଷ ) ଟଙ୍କା କ୍ଷତି ପୂରଣ ଦେବାକୁ ତା. ୨୪.୦୧.୨୦୨୦ରେ ସେତେବେଳେର ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଇତି ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକା ବିସ୍ଥାପିତ ପରିବାରକୁ କ୍ଷତି ପୂରଣ ବାବଦ ଟ. ୨୬,୦୮,୦୦,୦୦୦/- ( ଛବିଶ କୋଟି ଆଠ ଲକ୍ଷ) ଟଙ୍କା ମଞ୍ଜୁର କରିଛନ୍ତି । ତେଣୁ ରାଜ୍ୟ ସରକାର ପତ୍ର ନଂ ୨୦୯୯୪ ତା. ୧୨.୧୧.୨୦୨୦ରେ ପ୍ରଜେକ୍ଟ ଡାଇରେକ୍ଟର, ସୁବର୍ଣ୍ଣରେଖା ଇରିଗେସନ ପ୍ରକଳ୍ପଙ୍କୁ ଜଣାଇଛନ୍ତି । ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ମିଳିବ । ଇତି ମଧ୍ୟରେ କିଛି ପରିବାର ମୁଖ୍ୟ ମୃତ୍ୟୁ ବରଣ କରିସାରିଛନ୍ତି । ତେଣୁ କର୍ତ୍ତୃପକ୍ଷ ତୁରନ୍ତ ସେମାନଙ୍କର ଉତ୍ତରାଧିକାରୀ ମାନଙ୍କୁ କ୍ଷତି ପୂରଣ ଦେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଅବଗତ କରାଇଛନ୍ତି । ବିସ୍ଥାପିତ ପରିବାରମାନଙ୍କୁ ଆର୍ଥିକ ସାହାଯ୍ୟ କରିଥିବାରୁ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିସ୍ଥାପିତ ପରିବାରମାନଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ।

## ଚଳିତ ବର୍ଷ ଏସଏଚଜିଙ୍କ ଧାନକିଣା ସନ୍ତୋଷ ଜନକ

ଭଦ୍ରକ,୨୧।୦୧ (ନି.ପ୍ର): ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟ ନେଇ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନଙ୍କୁ ବିଭିନ୍ନ ପ୍ରକାରର ଯୋଜନାରେ ସାମିଲ କରାଯାଉଛି । ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ମହିଳାମାନେ ଏବେ ପୁରୁଷଙ୍କ ସହ ସମକକ୍ଷ ହେଲେଣି । ଏସ୍‌ଏଚ୍‌ଜି ଗୋଷ୍ଠୀମାନଙ୍କ ଦ୍ୱାରା ରାସନ ସାମଗ୍ରୀ ବଣ୍ଟନଠାରୁ ଆରମ୍ଭ କରି ଧାନକିଣା ପର୍ଯ୍ୟନ୍ତ ବହୁବିଧ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଭଦ୍ରକ ଜିଲ୍ଲାରେ ଧାନକିଣାରେ ସାମିଲ ହୋଇଥିବା ଏସ୍‌ଏଚ୍‌ଜିମାନେ ଆଶାନୁରୂପ ସଫଳତା ପ୍ରଦର୍ଶନ କରିଛନ୍ତି । ଗତବର୍ଷ ଧାନକିଣାରେ ଜିଲ୍ଲାର ୨୭ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ହୋଇଥିବା ବେଳେ ଚଳିତ ବର୍ଷ ୫୪ଗୋଟି ଗୋଷ୍ଠୀ ଧାନକିଣାରେ ସାମିଲ ହୋଇଛନ୍ତି । ଗତ ୨୦୧୯ ମସିହା ମେ ୨୯ ତାରିଖରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକର ନିଷ୍ପତି ଅନୁଯାୟୀ ବିଭିନ୍ନ ପ୍ରକାର ୧୦ଟି ବିଭାଗର ୫ ହଜାର କୋଟି ଟଙ୍କାର କାର୍ଯ୍ୟ ଏସ୍‌ଏଚ୍‌ଜିକୁ ଯୋଗାଇ ଦିଆଯିବ । ଏଥି ମଧ୍ୟରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହିତ ରାଜ୍ୟରେ ଖରିଫ୍ ଧାନ ସଂଗ୍ରହରେ ପ୍ରମୁଖ ଦାୟିତ୍ୱ ଅର୍ପଣ କରାଯାଇଥିଲା ।

## ବରଣ୍ଡୁଆରେ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୩୧ରୁ

ବାସୁଦେବପୁର,୨୧।୦୧ (ନି.ପ୍ର): ବରଣ୍ଡୁଆ ଡୋଟା ପଡିଆରେ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହେବ ବୋଲି ଏକ ପ୍ରସ୍ତୁତି ବୈଠକ ଡୋଟା ପଡିଆରେ ଅନୁଷ୍ଠିତ ହୋଇଯାଇଛି । ୭ ଦିନ ଖେଳହେବ ଏବଂ ଏଥିରେ ୪ଟି ଲିଗ୍ ମ୍ୟାଚ, ୨ଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଏହି ଅବସରରେ ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ଶରତ କୁମାର ଜେନା, ସୁଦର୍ଶନ ଜେନା, ସନାତନ ଜେନା, ମାଧବାନନ୍ଦ ମହାନ୍ତି, ସୌଭାଗ୍ୟ ବିଶ୍ୱାଳ, ହେମନ୍ତ ମଲ୍ଲିକ ଓ ଅନ୍ୟ ସଦସ୍ୟ ମାନେ ଯୋଗ ଦେଇଥିଲେ । କ୍ରିକେଟ ଖେଳରେ କରୋନା ସମୟରେ ଯେଉଁ ନିତି ନିୟମ ରହିଛି ତାହାକୁ ମାନି କାର୍ଯ୍ୟକ୍ରମ ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା ।

## ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର,୨୧।୦୧ (ନି.ପ୍ର): ରାଜ୍ୟରେ ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଏହା ସହ ରାଜ୍ୟରେ ମୋଟ ମୃତ୍ୟୁବରଣ କରିଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୧୯୦୩ ହୋଇଛି । ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣଙ୍କ କଟକ ଜିଲ୍ଲାର ।

# ଜାତୀୟ ସଡ଼କ ସୁରକ୍ଷା ମାସ ଆରମ୍ଭ

## ଉଦଳା ଥାନା ପକ୍ଷରୁ ସଚେତନତା ଶୋଭାଯାତ୍ରା




ଉଦଳା,୨୧।୦୧ (ନି.ପ୍ର): ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଚଳିତ ଜାନୁଆରୀ ୨୦ ତାରିଖ ଦିନ ଉଦଳା ଥାନା ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ଉଦେଶ୍ୟରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଉପଖଣ୍ଡ ପୋଲିସ ଅଧିକାରୀ, କପ୍ତିପଦା, ଉଦଳା-କେଦାରନାଥ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଉଦଳା ଥାନା ଅଧିକାରୀ ମୁକ୍ତି କୁମାର କୁଲୁଙ୍କ ପ୍ରତକ୍ଷ ତତ୍ୱାବଧାନରେ ଏହି ରାଲି ଆୟୋଜନ କରାଯାଇଥିଲା । ବିଶେଷ କରି ଟିଭିଏସ୍ ସୋରୁମର ମାଲିକ ହିରେନ ପଟ୍ଟନାୟକ, ହିରୋ ସୋରୁମର ମାଲିକ ଅଶ୍ୱିନି ପରିଡ଼ା ଏବଂ ସ୍ଥାନୀୟ ଅଟୋ ମାଲିକ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟ ମାନଙ୍କ ସହଯୋଗକ୍ରମେ ମୋଟରସାଇକେଲ ଓ ଅଟୋ ଚାଳନା ଦ୍ୱାରା ଏହି ଶୋଭାଯାତ୍ରା ବେଶ ଆକର୍ଷଣୀୟ ଥିଲା । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ସବୁଜ ପତାକା ହଲାଇ ଉଦଳା ଥାନା ସମ୍ମୁଖରୁ ଏହି ଶୋଭାଯାତ୍ରାର ପରିକ୍ରମାକୁ ଆରମ୍ଭ କରିଥିଲେ । ଏହି ରାଲିରେ ପ୍ରଥମେ ମୋଟରସାଇକେଲ ଓ ପରେ ପରେ ଅଟୋ ଗୁଡ଼ିକର ଲମ୍ବାଧାଡ଼ି ଲାଗି ରହିଥିଲା । ଉଦଳା ବଜାରର କେନ୍ଦ୍ର ରାସ୍ତା ମାନଙ୍କ ସହ ବିଭିନ୍ନ ୱାର୍ଡ଼ ରାସ୍ତାରେ ମଧ୍ୟ ଏହି ରାଲି ପରିକ୍ରମା କରିଥିଲା । ଡ଼ାକବାଜି ଯନ୍ତ୍ର ଦ୍ୱାରା ସଡ଼କ ସୁରକ୍ଷା ନେଇ ବିଭିନ୍ନ ସ୍ଲଗାନ, ସୂଚନା ଓ ପରାମର୍ଶ ପ୍ରଚାର କରାଯିବା ସହିତ ପ୍ଲାକାର୍ଡ଼ ଜରିଆରେ ବିଭିନ୍ନ ଉପଯୋଗୀ ସ୍ଲୋଗାନ ମାନ ପ୍ରଦର୍ଶନ କରାଯାଇଥିଲା । ୨ଚକିଆଯାନ ଚାଳକ ମାନେ ସମସ୍ତେ ହେଲମେଟ ପରିଧାନ ପୂର୍ବକ ସଡ଼କ ସୁରକ୍ଷା ନିୟମ, ଜରିମାନା ବ୍ୟବସ୍ଥା ଓ ପରିମାଣ ଆଦି ବିଷୟରେ ବ୍ୟାନର ପ୍ରଦର୍ଶନ କରାଯାଇଥିଲା । ଉଦଳା ଥାନାର ଏସ୍.ଆଇ. ଆର.କେ. ନାୟକ, ଏସ୍.ଏନ୍.କିସାନ, ଏ.ଏସ୍.ଆଇ. ପି.କେ ମହାନ୍ତ ଓ ଜେ.ବି.ପଟ୍ଟନାୟତ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

ଶୁକ୍ରବାର,୨୨ ଜାନୁଆରୀ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଭଦ୍ରକ ପ୍ରେସ୍ କ୍ଲବ୍‌ର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ

ଭଦ୍ରକ, ୨୧।୧ - ଦୀର୍ଘବର୍ଷର ବ୍ୟବଧାନ ପରେ ଭଦ୍ରକ ପ୍ରେସ୍ କ୍ଲବ୍‌ର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥି ଉପଲକ୍ଷେ ଆଜି ପୂର୍ବାହ୍ନ ପ୍ରାୟ ୧୧ ଘଟିକା ସମୟରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଭଦ୍ରକର କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ବନ୍ଧୁମିଳନ ଉତ୍ସବର ଆୟୋଜନ ହୋଇଥିଲା। ଏକଦା ତତ୍‌କାଳୀନ ମନ୍ତ୍ରୀ ଶରତ କୁମାର କରଙ୍କ ଦ୍ୱାରା ସହୀଦ ସ୍ମୃତି ଭବନରେ ଉଦ୍‌ଘାଟିତ ଭଦ୍ରକର ବହୁ ପୁରାତନ ପ୍ରେସ୍ କ୍ଲବ୍‌ର ପୁନର୍ଗଠନ ନେଇ ଏହି ବନ୍ଧୁମିଳନ ଉତ୍ସବରେ ଆଲୋଚନା କରାଯାଇଥିଲା। ଏହି କ୍ଲବ୍‌ର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ଭଜଗୋବିନ୍ଦ ଜେନା ଏହି ଉତ୍ସବରେ ଅଧ୍ୟକ୍ଷତା କରି ସମସ୍ତ ଭେଦଭାବ ଓ ସଂକୀର୍ଣ୍ଣ ମନୋଭାବ ପରିତ୍ୟାଗ କରି ଏକ ସକରାତ୍ମକ ମନୋଭାବ ରଖି ଅବହେଳିତ ଅବସ୍ଥାରେ ପଡିଥିବା ଭଦ୍ରକ ପ୍ରେସ୍ କ୍ଲବ୍‌ଟିର ପୁନର୍ଗଠନ ଦିଗରେ ଜିଲାସ୍ତରରେ କାର୍ଯ୍ୟ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରତାପ ଦାସ ଓ ପ୍ରମୋଦ ରାୟ ଏଭଳି ଏକ ସାଧୁ ଉଦ୍ୟମର ଆରମ୍ଭ ବିଳମ୍ବରେ ହେଲେ ବି ପୁନର୍ଗଠନ ହେବା ଉଚିତ୍ ବୋଲି କହିଥିଲେ। ଏବଂ ସମସ୍ତଙ୍କ ସହଯୋଗରେ ସଠିକ୍ ଭାବେ କାର୍ଯ୍ୟ କଲେ ଏହା ଜିଲା ପ୍ରଶାସନ, ସ୍ଥାନୀୟ ଜନସାଧାରଣ ଓ ଜନ ପ୍ରତିନିଧିମାନଙ୍କ ମଧ୍ୟରେ ସୁସ୍ଥ ସମାଜ ଗଠନ ଦିଗରେ ଏକ ସମନ୍ୱୟର ସେତୁ ରୂପେ ଉଭା ହେବ ବୋଲି ସୂଚାଇଥିଲେ। ଏହି ଉତ୍ସବର ପ୍ରାରମ୍ଭରେ ସାମ୍ବାଦିକ ଗୌରହରି ନାୟକ ସମସ୍ତଙ୍କ ସହମତିରେ ପ୍ରେସ୍ କ୍ଲବ୍‌ର କାର୍ଯ୍ୟକାରିତା ନେଇ ଏକ ପ୍ରସ୍ତୁତି ଖସଡ଼ା ପାଠ କରି ଏହାର ସୁପରିଚାଳନା ପାଇଁ ବରିଷ୍ଠ ସାମ୍ବାଦିକ ଭଜଗୋବିନ୍ଦ ଜେନା, ନିହାର ଦାସ, ପ୍ରତାପ ଦାସ ଓ ପ୍ରମୋଦ ରାୟଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ପ୍ରେସ୍ କ୍ଲବ୍‌ର ପୁନର୍ଗଠନ ନେଇ ତପନ ସ୍ୱାଇଁ, ରବିନାରାୟଣ ଖିଲାର, ରାଜେନ୍ଦ୍ର ପ୍ରସାଦ ଜେନା, ଉମାକଲ୍ୟାଣ ମହାପାତ୍ର, ଶିବାନନ୍ଦ ଦାସ, ସତ୍ୟଭୂଷଣ ସ୍ୱାମୀ, ସଂଜୟ ଦାସ, ଶୈଳେନ୍ଦ୍ର କୁମାର ପଲେଇ, କ୍ଷୀତିଶ ସାମନ୍ତ ବେହେରା, ଲିପିକା ରାଉତ, ସୁଜାତା ସ୍ୱାଇଁ, ସନ୍ତୋଷ ସାହୁ, ପ୍ରମୁଖ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଚିକିତ୍ସାଧିକାରୀଙ୍କୁ ଭେଟିଲା ବରିଷ୍ଠ ନାଗରିକ ମଞ୍ଚ

ଖଇରା,୨୧।୧(ନିପ୍ର)ବାଲେଶ୍ୱର ଜିଲା ଖଇରା ଶାଖାର ବରିଷ୍ଠ ନାଗରିକ ମଞ୍ଚ ମଙ୍ଗଳବାର ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ଙ୍କୁ ଭେଟି କୋଭିଡ ଟିକାକରଣ ବିଷୟରେ ଆଲୋଚନା କରିଛନ୍ତି । ସଭାପତି ଶରତ କୁମାର ବିଶ୍ୱାଳ,ସମ୍ପାଦକ ମୁକ୍ତିକାନ୍ତ ଶତପଥି, କୋଷାଧକ୍ଷ ଅନାମ ଚରଣ ପଣ୍ଡା, ଅନ୍ତର୍ଯ୍ୟାମୀ ପାତ୍ର, ନାରାୟଣ ଚନ୍ଦ୍ର ପେଡା, ସନ୍ତୋଷ କୁମାର ଶତପଥି ପ୍ରମୁଖ ମିଶ୍ରଙ୍କ ଆଲୋଚନା ଅବସରରେ ମାଗଣା କୋଭିଡ ଟିକା କରଣରେ ବରିଷ୍ଠ ନାଗରିକ ମାନଙ୍କୁ ପ୍ରାଥମିକତା ଭିତରେ ସାମିଲ କରିବାକୁ ଅନୁରୋଧ କରିଥିଲେ । ସରକାରଙ୍କ ଗାଇଡଲାଇନ ଅନୁଯାୟୀ ବରିଷ୍ଠ ନାଗରିକଙ୍କୁ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ ।

## କୋର୍ଟରେ ଯୁବତୀର ବିରୋଧାଭାସ ବୟାନ ଯୋଗୁଁ ପ୍ରେମିକର ଆତ୍ମହତ୍ୟା ଉଦ୍ୟମ



ଜଳେଶ୍ୱର, ୨୧/୧ (ନିପ୍ର) : ଜଣେ ଯୁବକ ଓ ଯୁବତୀ ଫେରାର ହେବା ନେଇ ଦୀର୍ଘଦିନ ଅଶାନ୍ତି ଲାଗି ରହିବା ଏବଂ ଶେଷରେ ଗ୍ରାମବାସୀଙ୍କ ପକ୍ଷରୁ ଦିନ ତମାମ ଥାନା ଘେରାଓ ହେବାରୁ ଆଇଆଇସି ମାନସ ରଂଜନ ଦେଓଙ୍କ ତତ୍ପରତାରେ ୨ଜଣଙ୍କୁ ପଶ୍ଚିମବଂଗର ନିୟୁଜଲପଇଗୁଡି ଅଂଚଳରୁ ଉଦ୍ଧାର କରାଯାଇଥିଲା । ପରବର୍ତ୍ତୀ ସମୟରେ ଯୁବତୀ ଜଣକୁ ବାଲେଶ୍ୱର ସୁଧାର ଗୃହରେ ରଖାଯାଇଥିଲା । ଶାହାଡାପଡା ଗାଁର ସୁନୀଲ କୁମାର ସେଣ ଏକ ମୋଚାଲିକା ଲେଖି ପୁଅକୁ ଘରକୁ ନେଇ ଯାଇଥିଲେ । ଆଜି ଥିଲା କୋର୍ଟ ତାରିଖ । କୋର୍ଟରେ ଯୁବତୀ ଜଣକ ବାପାଙ୍କ ସହିତ ରହିବାର ସିଦ୍ଧାନ୍ତ ନେଇ ମତ ଦେବାରୁ ଯୁବକ ବିଶ୍ୱଜିତ୍ ସେଣ କୋର୍ଟ ପରିସରରେ ବିଷ ପିଇ ଦେଇଥିଲେ । ପ୍ରକାଶଯୋଗ୍ୟ ଦୁଇପକ୍ଷଙ୍କ ପକ୍ଷରୁ କୋର୍ଟ ପରିସରରେ ଭିଡ ଜମେଇ ଉତ୍ତେଜନା ସୃଷ୍ଟି କରିଥିଲେ । ଏଥିନେଇ ବାଦାନୁବାଦ ଘଟିଥିଲା । ପରିସ୍ଥିତି ଉତ୍ତେଜନା ଦେଖା ଦେବାରୁ ଆଇଆଇସି ଶ୍ରୀ ଦେଓ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ସମ୍ଭାଳିଥିଲେ । ବିଶ୍ୱଜିତ୍ ସେଣଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଜିକେଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ କୋର୍ଟ ପରିସର ନିକଟରେ ଏକ ଫାଣ୍ଡି ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବୀ ହେଉଛି ।

### ସାରନା ଧର୍ମକୁ ସାମ୍ବିଧାନିକ ମାନ୍ୟତା ଦାବି

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ 'ଆଦିବାସୀ ସେଙ୍ଗେଲ ଅଭିଯାନ'ର ସ୍ମାରକପତ୍ର



ବାଲେଶ୍ୱର,୨୧।୦୧ (ନି.ପ୍ର): ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ସ୍ୱତନ୍ତ୍ର ଧର୍ମର ମାନ୍ୟତା ଦାବିରେ 'ଆଦିବାସୀ ସେଙ୍ଗେଲ ଅଭିଯାନ' ବାଲେଶ୍ୱର ଶାଖା ପକ୍ଷରୁ ଆଜି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଥମ ଜାତି ଭାବେ ଆଦିବାସୀ ମାନେ ସମସ୍ତ ପ୍ରକାର ପର୍ବପର୍ବାଣୀ ପାଳନ କରିବା ସହ ପ୍ରକୃତିକୁ ପୂଜା କରିଆସୁଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୫ ଅନୁସାରେ ଆଦିବାସୀମାନେ ପାଳନ କରିଆସୁଥିବା ସାରନା ଧର୍ମକୁ ସାମ୍ବିଧାନିକ ମାନ୍ୟତା ଦେବାକୁ ସେମାନେ ଦାବି କରିଛନ୍ତି। ଦେଶ ସ୍ୱାଧୀନତା ପରଠାରୁ ସମ୍ବିଧାନରେ ସେମାନଙ୍କୁ ତଫସିଲଭୁକ୍ତ ଉପଜାତି ଅନ୍ତର୍ଗତ ଗ୍ରହଣ କରାଯାଇଥିବା ବେଳେ ଅଦ୍ୟାବଧି ତାଙ୍କର ଧର୍ମ ସମ୍ପର୍କରେ କୌଣସି ଉଲ୍ଲେଖ କରାଯାଇ ନାହିଁ। ଏଭଳି ସ୍ଥିତିରେ ସେମାନେ ହିନ୍ଦୁ, ନା ମୁସଲମାନ କିମ୍ବା ଖ୍ରୀଷ୍ଟିୟାନ ଏ ସମ୍ପର୍କରେ ଏ ଯାବତ ସ୍ପଷ୍ଟ ହୋଇନଥିବା ଆଦିବାସୀ ସେଙ୍ଗେଲ ଅଭିଯାନର କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି। ଆବାହମାନ କାଳରୁ ସମସ୍ତ ଚଳଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାରନା ଧର୍ମ ନିର୍ଦ୍ଦେଶିତ ନୀତି ନିୟମ ଅନୁସାରେ ପାଳିତ ହୋଇଆସୁଥିବା ବେଳେ ଅବିଳମ୍ବେ ଏହାକୁ ସାମ୍ବିଧାନିକ ମାନ୍ୟତା ପାଇଁ ସେମାନେ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ଆଦିବାସୀ ସେଙ୍ଗେଲ ଅଭିଯାନର ବାଲେଶ୍ୱର ଜିଲ୍ଲା ସଭାପତି ନିରଂଜନ ମାରାଣ୍ଡି, ଗୋପାଳ ଚରଣ ବାସ୍କେ, ଦାସରଥି କିସ୍କୁ, ପିଠା ସୋରେନ୍, ବିଜୟ କୁମାର ମୁର୍ମୁ, ମୋହନ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରସଙ୍ଗକୁ ନେଇ ପୂର୍ବରୁ ଦେଶର ବିଭିନ୍ନ ରାଜ୍ୟର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

ବାରିପଦା,୨୧।୦୧ (ନି.ପ୍ର): ପ୍ରତିବର୍ଷ ପାଳନ କରିଆସୁଥିବା ସାଧାରଣତନ୍ତ୍ର ଦିବସ ଚଳିତ ବର୍ଷ କୋଭିଡ-୧୯ ନିୟମ ନିର୍ଦ୍ଦେଶାବଳୀ କଟକଣାକୁ ଦୃଷ୍ଟିରେ ରଖି ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସିମୀତ କାର୍ଯ୍ୟକ୍ରମ ଆୟୋଜନ ମଧ୍ୟରେ ୭୨ତମ ସାଧାରଣତନ୍ତ୍ର ଦିବସ-୨୦୨୧ ପାଳନ କରାଯିବ। ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଆରକ୍ଷୀ ବିଭାଗ ତତ୍ୱାବଧାନରେ ଆନୁଷଙ୍ଗିକ ପ୍ରସ୍ତୁତି କାର୍ଯ୍ୟକ୍ରମ ସଂପୃକ୍ତ ବିଭାଗ ସହଯୋଗରେ ସମ୍ପାଦନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ବାରିପଦା ରିଜର୍ଭ ପୋଲିସ ପଡିଆ ଠାରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୧ ପାଳନ କରାଯିବ। ସାଧାରଣତନ୍ତ୍ର ଦିବସ ପାଳନର ପ୍ରତ୍ୟୁଷରୁ ଘ ୪:୩୦ ମିନିଟ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ଡାକବାଜି ଯନ୍ତ୍ର ଜରିଆରେ ରାମଧୂନ ପ୍ରଚାର କରାଯିବ। ବାରିପଦା ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଘ.୮.୩୦ମିନିଟ ସମୟରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ ଓ ଅଭିବାଦନ ଗ୍ରହଣ ଏବଂ ଏଥିରେ କେବଳ ପୋଲିସ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନ କରାଯିବ। ଚଳିତ ବର୍ଷ ଉତ୍ସବରେ କୋଣସି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ/ଏନସିସି କ୍ୟାଡେଟ ମାନେ ଅଂଶ ଗ୍ରହଣ କରିପାରିବେ ନାହିଁ। ସେହିପରି ସାଧାରଣ ଲୋକଙ୍କୁ ମଧ୍ୟ ଉତ୍ସବରେ ଯୋଗଦାନ ଦେବାକୁ ବାରଣ କରାଯାଇଛି। କେବେଳ ସୀମିତ ସଂଖ୍ୟକ ଅତିଥି, କୋଭିଡ ଯୋଦ୍ଧାଙ୍କୁ ଉତ୍ସବରେ ଯୋଗ ଦେବାକୁ ଇ-ନିମନ୍ତ୍ରଣ ମଧ୍ୟମରେ ଆମନ୍ତ୍ରଣ କରାଯିବ। ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦାନ କରୁଥିବା ଆମନ୍ତ୍ରିତ କୋଭିଡ ଯୋଦ୍ଧା, ଅତିଥି, ପୋଲିସ ବାହିନୀ, ପଦାଧିକାରୀ/ସଂପୃକ୍ତ କର୍ମଚାରୀ ସମସ୍ତେ ମାସ୍କ ପରିଧାନ, ସାମାଜିକ ଦୂରତା ବଜାୟ ରଖିବା ଓ ହାତ ସାନିଟାଇଜ କରିବା ବାଧ୍ୟତା ମୂଳକ କରଯାଇଛି। ଏଥି ନିମନ୍ତେ ରିଜର୍ଭ ପୋଲିସ ପଡିଆରେ ଜାତୀୟ ପତାକା ଉତୋଳନ ମଂଚ ସାଜସଜ୍ଜା, ବ୍ୟାରିକେଡିଂ, ଟେଣ୍ଟ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପ୍ରାଥମିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସେବା, ଆମନ୍ତ୍ରିତ ଅତିଥିଙ୍କ ବସିବା ସ୍ଥାନ ଓ ଅସ୍ଥାୟୀ ପରିମଳ ଆଦି ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଉତ୍ତରାଖଣ୍ଡରେ ଗତ ୨୪ ଘଂଟାରେ କରୋନାର ୧୬୨ ନୂଆ ମାମଲା

ଦେହରାଦୂନ,୨୧।୦୧ (ନି.ପ୍ର): ଉତରାଖଂଡରେ ଗତ ୨୪ ଘଂଟାରେ ୧୬୨ ନୂଆ କରୋନାର ମାମଲା ସାମନାକୁ ଆସିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

## ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁରେ ସ୍ଥାନ ପାଇଲା ରାଇକୁଳା



ଖଇରା,୨୧।୧(ନିପ୍ର) ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ରାଇକୁଳା ଗାଁ ହେଲା ଆଦର୍ଶ ଗାଁ । ପ୍ରଧାନ ମନ୍ତ୍ରୀ ଆଦର୍ଶ ଗାଁରେ ଖଇରା ବ୍ଲକର ରାଇକୁଳା ଗ୍ରାମ ଘୋଷଣା ପରେ ରାଇକୁଳା ଗ୍ରାମରେ ଡବ୍ଲ୍ୟୁଇଓ ତ୍ରିଦିବ ସୁନ୍ଦର ବରାଳଙ୍କ ସଭାପତିତ୍ୱରେ ଏକ ବୈଠକ ଡକାଯାଇଥିଲା । ଏହି ବୈଠକରେ ରାଇକୁଳା ଗ୍ରାମର ଅଙ୍ଗନୱାଡି କର୍ମୀ, ଆଶା, ଜିଆରଏସ ପ୍ରକାଶ ବେହେରା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସାମଲ ସରପଞ୍ଚ ଦମୟନ୍ତି ପଣ୍ଡା, ଯୁବ ନେତା ମାନସ ଦାସଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟି ମାଧ୍ୟମରେ ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକୀକରଣ, ବିଦ୍ୟୁତ କରଣ, ରାସ୍ତା, ଡ୍ରେନ, ଶୌଚାଳୟ ଆଦି କାର୍ଯ୍ୟ ହେବା ନେଇ ଶ୍ରୀଯୁକ୍ତ ବରାଳ ସୂଚନା ଦେଇଛନ୍ତି । ରାଇକୁଳା ଗାଁ ପ୍ରଧାନ ମନ୍ତ୍ରୀ ଆଦର୍ଶ ଗାଁରେ ସ୍ଥାନ ପାଇଥିବାରୁ ଗ୍ରାମବାସୀମାନେ ଅତ୍ୟନ୍ତ ଖୁସି ମତବ୍ୟକ୍ତ କରିଛନ୍ତି ।

## ରେମୁଣା ବିଧାୟକଙ୍କ ବିଦ୍ୟାଳୟ ପରିଦର୍ଶନ



ବାଲେଶ୍ୱର,୨୧।୦୧ (ନି.ପ୍ର): ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ନୀଳଗିରି ରୋଡ ନୋଡାଲ ହାଇସ୍କୁଲ ପରିଦର୍ଶନ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟରେ ଆୟୋଜିତ ପରିଚାଳନା ସମିତି ବୈଠକରେ ଯୋଗଦେଇ କମିଟି ସଦସ୍ୟଙ୍କଠାରୁ ସ୍କୁଲର ସମସ୍ୟା ସମ୍ପର୍କରେ ସେ ଅବଗତ ହୋଇଥିଲେ। ୫୮ ବର୍ଷର ପୁରୁଣା ଏହି ବିଦ୍ୟଳୟର ନୂତନ ଗୃହ ଓ ପାଚେରୀ ନିର୍ମାଣ ଅତି ଜରୁରୀ ହୋଇପଡ଼ିଥିବା ବେଳେ ଏନେଇ ସେ ଖୁବଶୀଘ୍ର ଉଚିତ ପଦକ୍ଷେପ ନେବେ ବୋଲି ବିଧାୟକ ଶ୍ରୀ ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ବେଳେ ପ୍ରାଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀ, ସ୍କୁଲ କମିଟି ସଭାପତି ଭାସ୍କର ଚନ୍ଦ୍ର ବେହେରା, ସିଆରସିସି ସଂଜୟ କୁମାର ସ୍ୱାଇଁ, ସଭ୍ୟ ଦେବେନ୍ଦ୍ର କୁମାର ଜେନା ପ୍ରମୁଖ୍ୟ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ପରିଡା ସ୍କୁଲର ଛାତ୍ର ଛାତରୀମାନଙ୍କୁ ନୂତନ ପୋଷାକ ବିତରଣ ସହ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ତଳାଙ୍ଗ ରାଜସ୍ୱ ଗ୍ରାମକୁ ସ୍ୱତନ୍ତ୍ର ପଞ୍ଚାୟତ ଘୋଷଣା ଦାବି

ଭଦ୍ରକ,୨୧।୦୧ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ଆମ୍ବରୋଳୀ ପଞ୍ଚାୟତ ଅଧିନରେ ରହିଛି ତଳାଙ୍ଗ ଗ୍ରାମ। ଏହି ଗ୍ରାମକୁ ଏକ ପଞ୍ଚାୟତ ଭାବେ ଘୋଷଣା କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହୋଇଛି। ଏପରି ଦାବୀ ପୂରଣ ନହେଲେ ଗ୍ରାମବାସୀ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତଳାଙ୍ଗ ଗ୍ରାମ ଏକ ସ୍ୱତନ୍ତ୍ର ପଞ୍ଚାୟତ ହେବା ନିମନ୍ତେ ଆବଶ୍ୟକ ଥିବା ଭିତ୍ତିଭୂମି, ଭୋଟର, ଲୋକସଂଖ୍ୟା ସବୁ ରହିଛି। ଏହାଛଡା ଏହି ଗ୍ରାମରୁ ଆମ୍ବରୋଳୀ ପଞ୍ଚାୟତ କାର୍ଯ୍ୟାଳୟ ୪ କିଲୋମିଟର ଦୂର। ପଞ୍ଚାୟତ କାର୍ଯ୍ୟାଳୟକୁ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗମାନଙ୍କ ଯିବା ଅତ୍ୟନ୍ତ କଷ୍ଟସାଧ ହେଉଛି। ପୁଣି ଆମ୍ବରୋଳୀ ପଞ୍ଚାୟତର କାର୍ଯ୍ୟାଳୟ ଆମ୍ବରୋଳୀ ଗ୍ରାମରେ ରହିଥିବାରୁ ପଞ୍ଚାୟତ ପକ୍ଷରୁ ତଳାଙ୍ଗ ଗ୍ରାମକୁ ଅଣଦେଖା କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ପଞ୍ଚାୟତିରାଜ ବିଭାଗ, ଭଦ୍ରକ ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ବିଡିଓ ଭଦ୍ରକଙ୍କୁ ଲିଖିତ ଭାବେ ଜଣାଇବା ପରେ ମଧ୍ୟ ସରକାର କୌଣସି ପଦକ୍ଷେପ ନ ନେଉଥିବାରୁ ଧୀରେ ଧୀରେ ଜନଅସନ୍ତୋଷ ଦେଖା ଦେଉଛି। ତୁରନ୍ତ ସରକାର ଯଦି ତଳାଙ୍ଗ ଗ୍ରାମକୁ ଏକ ପଞ୍ଚାୟତ ଭାବେ ଘୋଷଣା ନକରନ୍ତି ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହି ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ୧୩୧ ବର୍ଷରେ ନନ୍ଦୋର ମୁନୀମେଳା



ଖଇରା,୨୧।୧(ନିପ୍ର)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ବ୍ଲକର ପ୍ରସିଦ୍ଧ ନନ୍ଦୋର ମୁନୀ ମେଳା ୧୩୧ ବର୍ଷରେ ପଦାର୍ପଣ କରିଥିବା ବେଳେ ସୋମବାର ଏହା ନୃତ୍ୟଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି । ନନ୍ଦୋର କଳାପରିଷଦ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ ନିତ୍ୟାନନ୍ଦ ଓଝା ପୌରହିତ୍ୟ କରିଥିଲେ । ଯାତ୍ରା କଳାକାର ଦାମୋଦର ପଣ୍ଡା ଓ ଚକ୍ରଧର ପଣ୍ଡା ବିଭିନ୍ନ ନାଟକର ସଂଳାପ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ଆଶିଷ ଓ ବାପୁନ ପାଣିଗ୍ରାହୀଙ୍କ ସଙ୍ଗୀତର ଯାଦୁ ଦର୍ଶକଙ୍କୁ ବିମୋହିତ କରିଥିଲା । ୧୪ ତାରିଖ ସଂକ୍ରାନ୍ତିରେ ପଣ୍ଡିତ ଯଦୁମଣୀ ନନ୍ଦଙ୍କ ଦ୍ୱାରା କପିଳ ମୁନୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ମଞ୍ଚରେ ମହେନ୍ଦ୍ର ନାୟକ, ତ୍ରୈଲୋକ୍ୟ ଓଝା,ବାବାଜୀ ଚରଣ ନାୟକ,ଲୋଚନ ନାୟକ,ଦାମ ପଣ୍ଡା,ଚକ୍ରଧର ପଣ୍ଡାଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା । ଅଭିମନ୍ୟୁ ନାୟକ ମଞ୍ଚ ପରିଚାଳନା କରିଥିଲେ । ସରପଞ୍ଚ ସୁରେନ୍ଦ୍ର ନାଥ ନାୟକ,ସମିତି ସଭ୍ୟା ମଞ୍ଜୁଲତା ଓଝା,ବିଶ୍ୱନାଥ ଓଝା,ଶ୍ରୀକାନ୍ତ ପରିଡା,ଟୁଟୁ ପତି,ସନାତନ କୁଅଁର,ଜିତେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ। । ୧୮୯୦ ମସିହାରେ ମେଳା ଚାଲୁଥିବା ସ୍ଥାନକୁ ଗ୍ରାମର ତତକାଳୀନ ଗ୍ରାମବାସୀ ଭରତ ଓଝା ଉଇ ହୁଙ୍କା ନିକଟକୁ ଆସିଥିବା ବେଳେ ଉଇହୁଙ୍କା ଭିତରେ ନାଗସାପ ଦେଖିଥିଲେ ।

## ରେଳ ଧରଣାରୁ ଆଇଆାଇସିଙ୍କ ନେତୃତ୍ୱରେ ଉଦ୍ଧାର ହେଲା କ୍ଷତବିକ୍ଷତ ଷଣ୍ଢ

ଜଳେଶ୍ୱର, ୨୧/୧ (ନିପ୍ର) : ଆଜି ପୂର୍ବାହ୍ନରେ ଜଳେଶ୍ୱର ରେଳ ଷ୍ଟେସନ ନିକଟରେ ଏକ ଷଣ୍ଢକୁ ଦୃତଗାମୀ ଟ୍ରେନ୍ ଧକ୍କା ଦେବାରୁ ତାର ଗୋଡ ଭାଂଗିଯିବା ସହିତ କ୍ଷତବିକ୍ଷତ ହୋଇଥିଲା । ଘଟଣା ଜଣାଯିବାପରେ ଜଳେଶ୍ୱର ଆଇଆଇସି ମାନସ ରଂଜନ ଦେଓ ଓ ମେ ଆଇ ହେଲ୍ପୟୁ ସଂଗଠନର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ ସମ୍ମିଳିତଭାବେ ଷ୍ଟେସନ ପାର୍ସଲବୁହା ଗାଡିରେ ଷଣ୍ଢକୁ ଉଦ୍ଧାର କରିଥିଲେ । ପରେ ପ୍ରାଣିଧନ ଚିକିତ୍ସକ ସୁନିଲ କୁମାର ଭୟାଁଙ୍କୁ ଡକାଇ ଚିକିତ୍ସାର ବ୍ୟବସ୍ଥା କରାଇଥିଲେ । ଏହି ଉଦ୍ଧାର କାର୍ଯ୍ୟରେ ସଂଗଠନର ଜଗନ୍ନାଥ ପରିଡା, ସନ୍ଦପ ମହାନ୍ତି, ସୁଭାଶିଷ ହୁଇ, ରଜତ ସାମଲ, ଦେବିରାଣୀ ପରିଡା, ଅଜିତ୍ ଜେନା, ସତ୍ୟରଂଜନ ପ୍ରଧାପ, ସୁଚିସ୍ମିତାଳ ପ୍ରଧାନା, ଜୟଦେବ ସାମଲ, ରମାକାନ୍ତ ବେହେରା ପ୍ରମୁଖ ସହାୟତା କରିଥିଲେ । ସେହିପରି ଅପରାହ୍ନରେ ଶ୍ରୀ ଦେୟ, ଆର୍ଟ ଅର୍ଫ ଗିଭିଙ୍ଗ ଜଳେଶ୍ୱର ଶାଖା ପକ୍ଷରୁ ପ୍ରତିଷ୍ଠାତା ଅନୀଲ ପରିଡା, ସତ୍ୟସୁନ୍ଦର ଦାସ, ଗିରିଜା ଶଂକର ଦାସ, ଦେବକାନ୍ତ କାସ୍ତ, ସୁଶାନ୍ତ ଦାସ, ରାଜେଶ କୁମାର ପାତ୍ର, ସବିତା ସାହୁ , ରେଜିଆା ସୁଲତାନା ବେଗମ୍, ପ୍ରମୁଖ କୁଷ୍ଣପୀ ମୃତ ଶ୍ୟାମ ମୁର୍ମୁର ଅସହାୟା ନାବାଳିକା ଝିଅକୁ ୫ହଜାର ଟଙ୍କା ସହାୟିତା କରିଥିବା ବେଳେ ମାସିକ ୨ହଜାର ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଆସନ୍ତା ଦିନରେ ଏହି ଆଦିବାସି ଝିଅ ସୋମକାରୀକୁ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ଶିକ୍ଷାନୁଷ୍ଠାନରେ ଶିକ୍ଷାର ବ୍ୟବସ୍ଥା କରାଇବେ ବୋଲି କହିଥିଲେ ।

## ମାସ୍କ ନ ପିନ୍ଧିବା ଓ ଅନ୍ୟ ମାମଲାରେ ଯାଜପୁରରେ ଗତ ୨୪ ଘଂଟାରେ ୨୩୬୦୦୦ ଟଙ୍କା ଜୋରିମାନା

ଭୁବନେଶ୍ୱର,୨୧।୦୧ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୨୩୬୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୧୦ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## କୋରେସି ମହଲା ଆନୁକୂଲ୍ୟରେ ଏକ ଦିବସୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ



ଧାମନଗର,୨୧।୦୧ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସଦର ମହକୁମା ଧାମନଗର କୋରେସି ମହଲା ଆନୁକୂଲ୍ୟରେ ଏକ ଦିବସୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଗୋଟି ଟିମ୍ ଭାଗ ନେଇଥିଲେ। ଭଦ୍ରକ, ବାଲେଶ୍ୱର, ବାରିପଦା, ସୁକିନ୍ଦା, ଯାଜପୁର ରୋଡ଼, ଧାମନଗର ଟାଉନ ଟିମ୍ ଇତ୍ୟାଦିଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳରେ ସୁକିନ୍ଦା ଓ ଯାଜପୁର ରୋଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ରୋଡ଼ ସୁକିନ୍ଦା ଟିମକୁ ହରାଇ ବିଜୟଲାଭ କରିଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡାକ୍ତର ସାଦିକ ଉଦଘାଟନ କରିଥିବା ବେଳେ ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବରିଷ୍ଠ ସମିତି ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡ଼ି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ଧାମନଗର ନଗର ସଭାପତି ସୁଶାନ୍ତ କୁମାର ରାଉତ, ନଗର ବିଜୁ ଯୁବ ସଭାପତି ସେକ ସଇଫୁଦ୍ଦିନ(ସୁନିଲ), ବ୍ଲକ ବିଜୁ ଯୁବ ଉପସାଭାପତି କୃଷ୍ଣଚନ୍ଦ୍ର ପତି, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ସଂଖ୍ୟାଲଘୁ ନେତା ସେକ ରୋସ୍ତମ(ବାଟୁ), ଏମ.ଡ଼ି. ଫକିରୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣୀ ଉତ୍ସବରେ ବିଜୟ ଦଳକୁ ଚେକ୍ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଖେଳରେ ରେଫେରୀ ଭାବେ ସେକ ହଲିମ କାର୍ଯ୍ୟ କରିଥିବା ବେଳେ ବ୍ୟାମକେଶ ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ବରିଷ୍ଠ ସଦସ୍ୟ ସେକ ସଲାଉଦ୍ଦିନ୍, ସେକ ଇସାକ, ଏମ.ଡ଼ି. ଇଜହାର, ସେକ ମକଦୁମ୍, ସେକ ଜଇନୁଲ, ସେକ ମଂଜର ଖାଦିମ ପ୍ରମୁଖ ଖେଳକୁ ପରିଚ୍ଳନା କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo